R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୧
ତିଥି : ଷଷ୍ଠୀ
୦୬ ଜୁନ୍ ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 241
06 June 2026, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଭୁବନେଶ୍ୱରରେ ୫୦ ଡିଗ୍ରୀ ତାତି ଅନୁଭୂତ


ଫଟୋ: ଅତୁଲ୍ୟ

ଭୁବନେଶ୍ୱର, ୦୫।୬ (ସବ୍ୟୁ): ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସହିତ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । ବାୟୁମଣ୍ଡଳରେ ପ୍ରକୃତ ତାପମାତ୍ରା ୩୯ଡିଗ୍ରୀରୁ ୪୧

### ଦ୍ୱିତୀୟ ସପ୍ତାହରେ ବଙ୍ଗୋପସାଗରରେ ଲଘୁଚାପ

### ଓଡ଼ିଶାରେ ମୌସୁମୀକୁ ଟାଣିଆଣିବ ଲଘୁଚାପ

ଡିଗ୍ରୀ ମଧ୍ୟରେ ସୀମିତ ଥିଲେ ମଧ୍ୟ ପ୍ରବଳ ଆର୍ଦ୍ରତା ଯୋଗୁ ଅନୁଭୂତ ହେଉଥିବା ତାପମାତ୍ରା ବା "ହିଟ୍ ଇଣ୍ଡେକ୍ସ' ୪୫ରୁ ୫୦ ଡିଗ୍ରୀ ଛୁଇଁଛି । ଭୁବନେଶ୍ୱରରେ ଅପରାହ୍ଣ ୨ଟା ୩୦ ସୁଦ୍ଧା ତାପମାତ୍ରା ୪୧ ଡିଗ୍ରି ରେକର୍ଡ କରାଯାଇଥିବା (୯ ପୃଷ୍ଠାରେ)

## ରେପୋରେଟ୍ ଅପରିବର୍ତ୍ତିତ ରଖିଲା ଆର୍‌ବିଆଇ




- ଜିଡିପି ୬.୬%କୁ ହ୍ରାସ ହେବ
- ଖୁଚୁରା ମୁଦ୍ରାସ୍ଫିତି ୬% ଯାଏ ଖସିବ
- ଦରଦାମ୍ ହୋଇପାରେ ଆକାଶଛୁଆଁ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମୁଦ୍ରାନୀତି କମିଟି ବୈଠକରେ ରେପୋ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଉପଭୋକ୍ତାଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ଆରବିଆଇର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ୬ ଜଣିଆ ମୁଦ୍ରାନୀତି କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । କମିଟି ବୈଠକରେ ରେପୋରେଟ୍‌କୁ ଅପରିବର୍ତ୍ତିତ ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା ।

ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ବିଶ୍ୱରେ ଶକ୍ତିକ୍ଷେତ୍ରରେ ବଢୁଛି । ତେଣୁ ରେପୋରେଟ୍‌କୁ ଅପରିବର୍ତ୍ତିତ ରଖିବା ଅପରିହାର୍ଯ୍ୟ ହୋଇପଡିଛି । ଚଳିତ ଆର୍ଥିକ ବର୍ଷରେ ବିକାଶର ଗତି ଧିମା ହେବ । ଜିଡ଼ିପି ଅଭିବୃଦ୍ଧି ହାର ୬.୬%କୁ ହ୍ରାସ ପାଇବ । ପୂର୍ବରୁ ଏହା ୬.୯% ହେବ ବୋଲି ଆକଳନ କରାଯାଇଥିଲା । ତେବେ ଯୁଦ୍ଧ ଯୋଗୁଁ ଏହି (୯ ପୃଷ୍ଠାରେ)

## ମଣିପୁରରେ ପୁଣି ହିଂସା | ୩ଙ୍କୁ ହତ୍ୟା, ଜାଳିଦେଲେ ୭ ଘର

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ମଣିପୁରରେ ପୁଣି ହିଂସା ଦେଖିବାକୁ ମିଳିଛି । କାଙ୍ଗୋପୋକପି ଜିଲ୍ଲାର ନ୍ୟୁ କେଥେଲମାନବି ଅଞ୍ଚଳ ଅଧିନରେ ଥିବା ଲୋଇବୋଲ ଗ୍ରାମରେ କିଛି ସଶସ୍ତ୍ର ଆକ୍ରମଣକାରୀ ନିର୍ମମ ଭାବରେ ଆକ୍ରମଣ କରିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି । ୭ ଘର ମଧ୍ୟ ପୋଡି ଯାଇଛି । ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି ସନ୍ଦେହ କରାଯାଉଛି । କୁକିଇମ୍ପିମଣିପୁର (କେଆଇଏମ) ଅଭିଯୋଗ କରିଛି ଯେ, ଏନଏସସିଏଲ-ଆଇଏମ୍‌ର (୯ ପୃଷ୍ଠାରେ)



## ଓଡ଼ିଶାକୁ ଅତିରିକ୍ତ ୬ ସ୍ନାତକୋତ୍ତର ଡାକ୍ତରୀ ସିଟ୍ ସ୍ୱୀକୃତି

ଭୁବନେଶ୍ୱର, ୦୫।୬ (ସବ୍ୟୁ) : ନୂଆଦିଲ୍ଲୀର ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ ଓଡ଼ିଶାରେ ଅତିରିକ୍ତ ସ୍ନାତକୋତ୍ତର ଡାକ୍ତରୀ ସିଟ୍ ପାଇଁ ମାନ୍ୟତା ପ୍ରଦାନ କରିଛି । କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଡିଏନ୍‌ବି (ଡିପ୍ଲୋମେଟ୍ ଅଫ୍ ନ୍ୟାସନାଲ ବୋର୍ଡ) ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ ୪ଟି ସିଟ୍ କୁ ସ୍ୱୀକୃତି ମିଳିଛି । ପୁରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁରୋଗରେ ୨ଟି ଏମବିବିଏସ ଡିପ୍ଲୋମା ସିଟ୍ ସ୍ୱୀକୃତି ମିଳିଛି । ଏହା ଫଳରେ (୯ ପୃଷ୍ଠାରେ)

## କାଳବୈଶାଖୀ ତାଣ୍ଡବ : ବଜ୍ରପାତରେ ୪ ମୃତ

ଢେଙ୍କିକୋଟ/ବେତନଟୀ/ପାଣିକୋଇଲି, ୦୫।୬ (ସବ୍ୟୁ) : ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି କାଳବୈଶାଖୀ ଏବଂ ବର୍ଷା ହୋଇଛି । ଏହି ସମୟରେ ବଜ୍ରାଘାତ ହୋଇଛି । ବଜ୍ରାଘାତ କାରଣରୁ ଦମ୍ପତି, ଦିବ୍ୟାଙ୍ଗଙ୍କ ସମେତ ରିପୋର୍ଟ ଲେଖାଯିବା ବେଳକୁ ୪ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ କେନ୍ଦୁଝରଜିଲ୍ଲା ଘଟଗାଁ ବ୍ଲକ ଅଧୀନ ରୁଟିଶିଳା ଗାଁରେ ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ସଠିପୁର ଗାଁରେ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ସେହିପରି (୯ ପୃଷ୍ଠାରେ)

## ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ସ୍କ୍ରିନିଂ ଦେଖିଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୫।୬ (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରସ୍ଥିତ ଉତ୍କଳ ଗ୍ୟାଲେରିଆ ମଲ୍‌ର 'ପିଭିଆର ସିନେମାସ' ଠାରେ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ଏକ ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରସିଦ୍ଧ ସିନେ ତାରକା ତଥା ସାଂସଦ ସୁଶ୍ରୀ କଙ୍ଗନା ରନାୱତ୍‌ଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମନ୍ତ୍ରୀ ଗଣ ଏବଂ ରାଜ୍ୟର ପ୍ରମୁଖ ନେତୃବୃନ୍ଦ ଏକତ୍ର ବସି ଚଳଚ୍ଚିତ୍ରଟିକୁ ଦେଖିଥିଲେ ।

କଙ୍ଗନା ନିଜ ଅଦମ୍ୟ ପରିଶ୍ରମରେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା ନବାଗତ ମାନଙ୍କ ପାଇଁ ପ୍ରେରଣାଦାୟୀ (୯ ପୃଷ୍ଠାରେ)

## ଦୁଇ ଦାଦନ ଶ୍ରମିକଙ୍କ ମୃତ୍ୟୁ

ବଲାଙ୍ଗିର/ମୁରିବାହାଲ, ୫।୬ (ସବ୍ୟୁ): ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ଶୋଚନୀୟ ମୃତ୍ୟୁ ଘଟିଛି । ସେହିପରି ସଇଁତଳା ଅଞ୍ଚଳର ଅନ୍ୟଜଣେ ଦାଦନ ଶ୍ରମିକ ବେଙ୍ଗାଲୁରୁରେ କାମ କଲାବେଳେ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୁମ୍ବାଇରେ ବାନ୍ଧୁପଲା ପଞ୍ଚାୟତ ସଦର ଗ୍ରାମର କେଶବ ମାଝୀଙ୍କ ପୁଅ ହେମନ୍ତ ମାଝୀ (୩୨) ମୁମ୍ବାଇରେ (୯ ପୃଷ୍ଠାରେ)

## ରାଜ୍ୟସଭା ଲାଗି ଦେବାଶିଷଙ୍କ ପ୍ରାର୍ଥୀପତ୍ର ଦାଖଲ

ଭୁବନେଶ୍ୱର, ୫।୬ (ସବ୍ୟୁ): ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ଦେବାଶିଷ ସାମନ୍ତରାୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେ ୩ ସେଟର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରାର୍ଥିପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, (୯ ପୃଷ୍ଠାରେ)



## ବିଜେପି ଛାଡ଼ିଲେ ଆନ୍ନାମଲାଇ




### ଗଠନ କରିବେ ନୂଆ ଦଳ
### ଅବଦୁଲ କଲାମ ହେବେ ଆଦର୍ଶ

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ବଡ଼ ହଟଚମଟ ଦେଖିବାକୁ ମିଳୁଛି । ବିଜେପିର ପୂର୍ବତନ ତାମିଲନାଡୁ ସଭାପତି କେ ଆନ୍ନାମଲାଇ ବିଜେପିରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫାକୁ ଦଳୀୟ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଗ୍ରହଣ କରିଛନ୍ତି । ଅନ୍ନା ମଲାଇ ୨ ତାରିଖରେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଜାତୀୟ ସାଧାରଣ ସମ୍ପାଦକ ବିଏଲ ସନ୍ତୋଷଙ୍କୁ ଭେଟି ନିଜର ଇସ୍ତଫା ଦେଇଥିଲେ । ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ନୂଆ ଦଳ ଗଠନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

ସେ କହିଛନ୍ତି ଯେ ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିବୁ । ପରବର୍ତ୍ତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବୁ । ଏଥିପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ । ଏପିଜେ ଅବଦୁଲ କାଲାମଙ୍କୁ ନିଜର ଆଇକନ ବୋଲି ଘୋଷଣା କରିଛନ୍ତି । କାଲାମଙ୍କୁ ତାମିଲମାନଙ୍କ ଗର୍ବ ଓ ଏକ ସମ୍ପୂର୍ଣ୍ଣ ଜାତୀୟବାଦୀ ବୋଲି ସେ ଚିତ୍ରଣ କରିଛନ୍ତି । ସେ କହିଛନ୍ତି ଯେ, ଏପିଜେ ଅବଦୁଲ କଲାମ ଏଥିକ୍ସ ଆଣ୍ଡ ପଲଟିକ୍ସ ଏକ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ କୋଏମ୍ବାଟୁରରେ ପ୍ରତିଷ୍ଠା ହେବ । କାଲାମଙ୍କର ଉଭୟ ଭାରତ ଓ ତାମିଲନାଡୁ ପ୍ରତି ଅନେକ ଅବଦାନ ରହିଛି । କାଲାମଙ୍କ ଭଳି ତାମିଲ ଐତିହ୍ୟ ଓ ସଂସ୍କୃତିକୁ ଉଦବିତ କରିବାକୁ ନିଷ୍ପତ୍ତି ନିଆଯାଇଛି । କର୍ଣ୍ଣାଟକରେ କାର୍ଯ୍ୟ କରିଥିବା ଏହି ପୂର୍ବତନ ଆଇପିଏସ (୯ ପୃଷ୍ଠାରେ)



## ଗେମିଂ ଡିସଅର୍ଡର



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଗେମିଂ ଉପରେ ନିୟନ୍ତ୍ରଣ ହରାଇବା, ପାଠପଢ଼ା ଓ ପରିବାର ଅପେକ୍ଷା ଗେମ୍‌କୁ ଅଧିକ ମହତ୍ତ୍ୱ ଦେବା ଏବଂ କ୍ଷତି ଜାଣି ମଧ୍ୟ ଏହାକୁ ଜାରି ରଖିବା ହେଉଛି 'ଗେମିଂ ଡିସଅର୍ଡର'ର ଲକ୍ଷଣ। ଆଜିକାଲି ଅନେକଙ୍କ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ସାଜିଛି । ଅନେକ ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି । ମନୋବିଜ୍ଞାନ ଅନୁସାରେ, ଏହି ଗେମ୍ ଗୁଡ଼ିକ ମସ୍ତିଷ୍କର 'ରିୱାର୍ଡ ସିଷ୍ଟମ୍'କୁ ସକ୍ରିୟ କରି 'ଡୋପାମିନ୍' ନାମକ କେମିକାଲ୍ ନିର୍ଗତ କରନ୍ତି। ଯାହା ବାରମ୍ବାର ସେହି ଆନନ୍ଦ ପାଇବା ପାଇଁ ଜଣକୁ ଅଧିକ ସମୟ ଖେଳିବାକୁ ବାଧ କରେ ଏବଂ ନଖେଳିଲେ ଚିଡ଼ିଚିଡ଼ା ଓ ବେଚେନୀ ସୃଷ୍ଟି କରେ । ଏହା କେବଳ 'ଖେଳିବାର ଜିଦ୍' ନୁହେଁ, ବରଂ ମସ୍ତିଷ୍କର ଏକ ସ୍ୱାଭାବିକ ପ୍ରତିକ୍ରିୟା, ଯାହା ପ୍ରମାଣ କରେ ଯେ ଗେମ୍ ଆପଣଙ୍କୁ ନିୟନ୍ତ୍ରଣ କରୁଛି । ଏଥିରୁ ରକ୍ଷା ପାଇବା ପାଇଁ ଆପଣ ଏକ 'ସେଲ୍ଫ ଆସେସମେଣ୍ଟ ଟେଷ୍ଟ' କରିପାରିବେ ଏବଂ ଏହା ସହ କଗ୍ନିଟିଭ୍ ବିହେଭିୟର ଥେରାପି ଆଧାରିତ ପ୍ଲାନ୍ ଆପଣାଇ ପାରିବେ। ଯେଉଁଥିରେ ହଠାତ୍ ଗେମ୍ ନଛାଡ଼ି ଏକ 'ଗେମିଂ ଡାଏରୀ'ରେ ନିଜ ଖେଳିବାର ସମୟ ଓ ମନର ସ୍ଥିତି ଲେଖିବାକୁ ହେବ ଏବଂ ନିଜର 'ଟ୍ରିଗର୍ସ' (ଯେପରିକି ଏକାକୀପଣ, ଚାପ କିମ୍ବା ବିରକ୍ତିଭାବ) ଚିହ୍ନଟ କରିବ। କୁ ହେବ। କାରଣ ଗେମିଂ ଅନେକ ସମୟରେ କୌଣସି ଆବେଗିକ ଆବଶ୍ୟକତା ପୂରଣର ମାଧ୍ୟମ ସାଜିଥାଏ, ଯାହାର ପ୍ୟାଟର୍ନ ବୁଝିବା ଦ୍ୱାରା ହିଁ ଏହି ନିଶାରୁ ସହଜରେ ମୁକ୍ତି ମିଳିପାରିବ। ତେବେ ଏଥିରୁ ମୁକ୍ତି ପାଇଁ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇପାରିବେ।

## ସହଜ ନଥିଲା ସଫଳତା



ହିମାଚଳ ପ୍ରଦେଶ ଶିମଲାର ଜାତୀୟ ସ୍ତରର ଡିବେଟ୍ ଚାମ୍ପିଅନ୍ ଓ 'ମିସ୍ ଶିମଲା' ହୋଇଥିବା ଟେଲି ଅଭିନେତ୍ରୀ ରୁବିନା ଦିଲୈକ ପ୍ରକୃତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ । ହେଲେ ଏକ ଅଡିସନ ତାଙ୍କର କ୍ୟାରିୟର ବଦଳାଇଦେଇଥିଲା । 'ଛୋଟି ବହୁ' ଧାରାବାହିକ ଜରିଆରେ ଅଭିନୟ ଦୁନିଆରେ ପାଦ ଦେଇଥିଲେ । ତେବେ କ୍ୟାରିୟରର ଆରମ୍ଭ ତାଙ୍କପାଇଁ ଏତେ ସହଜ ନଥିଲା ଯେଉଁ ସମ୍ପର୍କରେ ନିଜେ ରୁବିନା ପ୍ରକାଶ କରିଛନ୍ତି । କ୍ୟାରିୟରର ପ୍ରଥମ ସଟ୍‌ରେ ୧୭ଟି ରିଟେକ୍ ଦେବା ଯୋଗୁଁ ନିର୍ଦ୍ଦେଶକଙ୍କ କଟୁ ସମାଲୋଚନା ଓ ଅପମାନ ସହିବା ପରେ, ୨୦୧୧ରେ ସେ ଜଣେ ପ୍ରଯୋଜକଙ୍କ ପ୍ରତାରଣାର ଶିକାର ହୋଇଥିଲେ । ୧ ଲକ୍ଷ ୪୫ ହଜାର ଟଙ୍କାର ଚିକିତ୍ସା ଜନିତ ବିଳମ୍ବ ସହ ମୋଟ ୧୬ ଲକ୍ଷ ଟଙ୍କାର ମିଛ ଜରିମାନା ଯୋଗୁଁ ତାଙ୍କୁ ନିଜର ଦୁଇଟି ଘର ଓ ଗାଡ଼ି ବିକ୍ରି କରିବାକୁ ମଧ୍ୟ ପଡ଼ିଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଏହି ଆର୍ଥିକ ସଙ୍କଟ ଓ ସେହି ସମୟରେ ହୋଇଥିବା ବ୍ରେକଅପ୍ ଯୋଗୁଁ ସେ ଡିପ୍ରେସନକୁ ଚାଲିଯାଇ ଆତ୍ମହତ୍ୟା ଭଳି ଚିନ୍ତା କରିଥିଲେ । ହେଲେ ଯୋଗ ଓ ଧ୍ୟାନ ବଳରେ ସେ ନିଜକୁ ସମ୍ଭାଳିଥିବା ପ୍ରକାଶ କରିଛନ୍ତି । ଏହାପରେ 'ଶକ୍ତି' ଧାରାବାହିକରେ ଜଣେ କିନ୍ନର ଭୂମିକାରେ ଅଭିନୟ କରି ସେ ଶୀର୍ଷକୁ ଫେରିଥିଲେ। ୨୦୧୮ରେ ଅଭିନେତା ଅଭିନବ ଶୁକ୍ଲାଙ୍କୁ ବିବାହ କରିଥିଲେ ।

## ଇତିହାସ

୧୬୭୪- ରାୟଗଡ ଦୁର୍ଗରେ ଶିବାଜୀ ମହାରାଜଙ୍କ ରାଜ୍ୟ ଅଭିଷେକ ହୋଇଥିଲା ଏବଂ ତାଙ୍କୁ ଛତ୍ରପତି ଉପାଧିରେ ଭୂଷିତ କରାଗଲା ।

୧୭୫୨- ଭୟଙ୍କର ଅଗ୍ନିକାଣ୍ଡରେ ମସ୍କୋରେ ପ୍ରାୟ ୧୮ ହଜାର ଲୋକ ଜଳି ପାଉଁଶ ହୋଇଯାଇଥିଲେ ।

୧୯୦୧- ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣୋ ଜନ୍ମଗ୍ରହଣ କରିଥିଲେ ।

୧୯୧୬- ଆମେରିକାର ଇଷ୍ଟ କ୍ଲିଭ୍‌ଲାଣ୍ଡରେ ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ମିଳିଥିଲା ।

୧୯୧୮- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବେଲେୟୁ ୱୁଡ୍ ଯୁଦ୍ଧରେ ଆମେରିକା ପ୍ରଥମ ବିଜୟୀ ହେବାର ଗୌରବ ଅର୍ଜନ କଲା ।

୧୯୬୮- ଦିଲ୍ଲୀର ସପ୍ତମ ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ସାମାଜିକ କାର୍ଯ୍ୟକର୍ତ୍ତା ଅରବିନ୍ଦ କେଜରିବାଲ୍‌ଙ୍କ ଜନ୍ମ ।

୧୯୭୫- ଦକ୍ଷିଣ ଭିଏତନାମରେ ଅସ୍ଥାୟୀ କ୍ରାନ୍ତିକାରୀ ସରକାର ଗଠିତ ହୋଇଥିଲା ।

୧୯୮୧- ବିହାରର ବାଘମତୀ ନଦୀରେ ଏକ ଟ୍ରେନ୍ ଗଳିପଡିଥିଲା । ଫଳରେ ପ୍ରାୟ ୮୦୦ ଲୋକ ମୃତ୍ୟୁବରଣ କରିଥିଲେ ।

୧୯୯୭- ବ୍ୟାଙ୍କକ୍‌ରେ ଭାରତ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ଦ୍ୱାରା ବିଷ୍ଟେକ୍ ନାମକ ଆର୍ଥିକ ସହାୟତା ସମୂହ ଗଠନ କରାଯାଇଥିଲା ।

୨୦୦୨- ଯୁକ୍ତରାଷ୍ଟ୍ର ସଂଘର ସୁରକ୍ଷା ପରିଷଦ ଅଲକାୟଦା ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ପାରିତ କରାଯାଇଥିଲା ।

୨୦୦୫- ଇରାନ୍ ଗ୍ୟାସ୍ ପାଇପ୍ ଲାଇନ୍ ଯୋଜନାକୁ ଭାରତ ଏବଂ ପାକିସ୍ତାନ ପକ୍ଷରୁ ସହମତି ଦିଆଗଲା ।

୨୦୦୮- ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍‌ରେ ଜାପାନୀ ଲ୍ୟାବ୍ କୋବୋ କାର୍ଯ୍ୟ କରିବା ଆରମ୍ଭ କଲା ।

## ବନ୍ଦ ହେଉନି ଆଖି



ଚୀନ ର ଜଣେ ମହିଳା ବିଗତ ୬ ବର୍ଷ ହେବ ନିଜ ଆଖି ସମ୍ପୂର୍ଣ୍ଣ ବନ୍ଦ କରିପାରୁ ନାହାନ୍ତି ଏବଂ ଏହାର କାରଣ ହେଉଛି ଏକ କସମେଟିକ୍ ସର୍ଜରୀ ଯାହା ତାଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ଘଟଣାଅନୁଯାୟୀ ୨୦୨୦ ମସିହାରେ ୱାଙ୍ଗ ନାମକ ଜଣେ ମହିଳା 'ଡବଲ୍ ଆଇଲିଡ୍' ବା ଆଖିପତା ସର୍ଜରୀ କରାଇଥିଲେ। ମାତ୍ର ଅପରେସନର କିଛି ଘଣ୍ଟା ପରେ ତାଙ୍କ ଆଖିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା ଏବଂ ସର୍ଜରୀରେ ହୋଇଥିବା ତ୍ରୁଟି ଯୋଗୁଁ ତାଙ୍କ ଆଖିପତାର କ୍ଷତି ହୋଇଥିଲା । ଏହାପରେ ଦ୍ୱିତୀୟ ଥର ସର୍ଜରୀ କରାଯାଇଥିଲେ ମଧ ତାଙ୍କ ଆଖି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପାରିଲା ନାହିଁ । ଯାହାଫଳରେ ତାଙ୍କ ଆଖିରୁ କ୍ରମାଗତ ଭାବେ ଲୁହ ବୋହିବା ସହ ସେ ଅନିଦ୍ରା ଓ ଅବସାଦର ଶିକାର ହୋଇଥିଲେ । ତେବେ ୨୦୨୨ରେ ତାଙ୍କର ଏହି ସ୍ଥିତିକୁ ବିକଳାଙ୍ଗତା ଶ୍ରେଣୀଭୁକ୍ତ କରାଯାଇଛି । ପରବର୍ତ୍ତୀ ଯାଞ୍ଚରୁ ଜଣାପଡ଼ିଛି ଯେ ସର୍ଜରୀ କରିଥିବା ମହିଳାଙ୍କ ପାଖରେ କୌଣସି ଡାକ୍ତରୀ ଲାଇସେନ୍ସ ନଥିଲା ଏବଂ ଘଟଣାର କିଛି ମାସ ପରେ ସେହି କ୍ଲିନିକକୁ ବନ୍ଦ କରିଦିଆଯାଇଛି ।

## ବ୍ୟକ୍ତି ସାଜିଲେ କୁକୁଡ଼ି କୁକୁଡ଼ା

ସୋସିଆଲ ମିଡିଆରେ ୨୦୧୭ ମସିହାର ଏକ ଘଟଣା ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଫ୍ରାନ୍ସର ଜଣେ କଳାକାର ଆବ୍ରାହମ ପ୍ୱାଁଶଭାଲ ଏକ ନିଆରା ପରୀକ୍ଷଣ କରିଥିଲେ, ଯେଉଁଥିରେ ସେ ପ୍ୟାରିସର ଏକ ସଂଗ୍ରହାଳୟରେ କାଚ ବାକ୍ସ ଭିତରେ କ୍ରମାଗତ ୩ ସପ୍ତାହ ପର୍ଯ୍ୟନ୍ତ ବସି ରହିଥିଲେ । ତେବେ ସେ ଏପରି ଏକ ନିଆରା କାରଣ ପାଇଁ ବସିଥିଲେ । ନିଜ ଶରୀରର ଉତ୍ତାପ ଦେଇ ୧୦ଟି କୁକୁଡ଼ା ଅଣ୍ଡାରୁ ଛୁଆ ବାହାର କରିବା ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା । ଅଣ୍ଡାଗୁଡ଼ିକୁ ସେ ସିଧାସଳଖ ନିଜ ତଳେ ନରଖି ସିଟ୍ ତଳେ ଥିବା ଏକ ବିଶେଷ କଣ୍ଟେନରରେ ରଖିଥିଲେ । ଯାହାଫଳରେ ସେଗୁଡ଼ିକ ଗରମ ରହିବା ସହ ଭାଙ୍ଗିବାର ଭୟ ନଥିଲା । ଅଣ୍ଡାଗୁଡ଼ିକୁ ୩୭ ଡିଗ୍ରୀ ତାପମାତ୍ରାରେ ରଖିବା ଜରୁରୀ ଥିବାରୁ ସେ କୋରିଆନ୍ କମ୍ବଳ ଘୋଡ଼ି ହେଉଥିଲେ ।ଏହାସହିତ ଶରୀରକୁ ଗରମ ରଖିବା ପାଇଁ ପ୍ରଚୁର ପରିମାଣରେ ଅଦା ଖାଉଥିଲେ । ସେ ପ୍ରତିଦିନ ୨୩.୫ ଘଣ୍ଟା ସେହି ବାକ୍ସ ଭିତରେ ବିତାଉଥିଲେ ଏବଂ କେବଳ ୩୦ ମିନିଟ୍ ପାଇଁ ବାହାରକୁ ଆସି ଖାଦ୍ୟ ଖାଉଥିଲେ। ପ୍ରଥମେ ପ୍ରାଣୀ ଅଧିକାର ସଂଗଠନ ଓ ବୈଜ୍ଞାନିକମାନେ ମଣିଷ ଉତ୍ତାପରେ ଅଣ୍ଡା ଫୁଟିବାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । ହେଲେ ୩ ସପ୍ତାହ ପରେ ପ୍ରଥମ ଅଣ୍ଡାଟି ଫୁଟିଥିଲା ଏବଂ ଦୁଇ ଦିନ ମଧ୍ୟରେ ୧୦ଟିରୁ ୯ଟି ଅଣ୍ଡାରୁ ଛୁଆ ବାହାରି ଆସିଥିଲେ । ଏହିପରି ଭାବେ ଆବ୍ରାହମଙ୍କର ଏହି ଅଦ୍ଭୁତ ପ୍ରୟୋଗ ସଫଳ ହୋଇଥିଲା ଏବଂ ଆଜି ମଧ୍ୟ ବି ଏହା ବିଶ୍ୱବ୍ୟାପୀ ଏକ ଚର୍ଚ୍ଚାର ବିଷୟ ହୋଇ ରହିଛି ।

## ମେଣ୍ଢା ଚରାଇବାକୁ ଆଗ୍ରହୀ ଯୁବପିଢ଼ି

ଚୀନର ଏକ ଘଟଣା ବର୍ତ୍ତମାନ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି, ଏହା ସୂଚାଇଛି କି ସେଠାରେ ବେରୋଜଗାର ସମସ୍ୟା କେତେ ଗମ୍ଭୀର । ସୂଚନାଅନୁସାରେ ଚୀନ୍‌ର ଇନର ମଙ୍ଗୋଲିଆରେ ମେଣ୍ଢା ଚରାଇବାର ମାତ୍ର ୨ଟି ପଦବୀ ପାଇଁ ୪୮ ଘଣ୍ଟା ମଧ୍ୟରେ ୧୦୦୦ରୁ ଅଧିକ ଆବେଦନ ପତ୍ର ଆସିଛି । ଯେଉଁଥିରେ ପ୍ରାୟ ୧୦ ପ୍ରତିଶତ ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅଛନ୍ତି । ଏହି ଚାକିରି ଏତେ ଲୋକପ୍ରିୟ ହେବାର ମୁଖ୍ୟ କାରଣ ହେଉଛି ଏଥିରେ ମିଳୁଥିବା ମାସିକ ୧୬,୦୦୦ ୟୁଆନ୍ (ପ୍ରାୟ ୨.୪ ଲକ୍ଷ ଟଙ୍କା) ଦରମା ସହ ମାଗଣା ଖାଇବା, ରହିବା ସୁବିଧା ଏବଂ ୱାଇ-ଫାଇ ବ୍ୟବସ୍ଥା । ଚୀନ୍‌ରେ ବର୍ତ୍ତମାନ ଚାକିରି ପାଇଁ ପ୍ରତିଯୋଗିତା କ୍ରମାଗତ ଭାବେ ବଢ଼ିଚାଲିଛି । ପ୍ରତିବର୍ଷ ଏଠାରେ ରେକର୍ଡ ସଂଖ୍ୟାରେ ଗ୍ରାଜୁଏଟ୍ ଚାକିରି ବଜାରକୁ ଆସୁଛନ୍ତି । ଏଭଳି ସ୍ଥିତିରେ କେବଳ ଭଲ ଦରମା ପାଇଁ ନୁହେଁ, ବରଂ ଶାନ୍ତ ଜୀବନଶୈଳୀ ପାଇଁ ମଧ୍ୟ ଏହି ଚାକିରି ଅନେକଙ୍କୁ ଆକର୍ଷିତ କରିଛି । ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ସହର ଛାଡ଼ି ଗାଁ ଆଡ଼କୁ ଯିବାର ଏକ ନୂଆ ଧାରା ଦେଖାଯାଇଛି । ଯେଉଁଠାରେ ଆବେଦନକାରୀମାନେ ଭିଡ଼ଭାଡ଼ ସହର, ଦୀର୍ଘ ଯାତ୍ରା ଏବଂ ଅଫିସ୍ ଚାପରୁ ଦୂରେଇ ଏକ ସରଳ ଜୀବନ ବିତାଇବାକୁ ଚାହୁଁଛନ୍ତି । ତେଣୁ ତାଙ୍କ ପାଇଁ ମେଣ୍ଢାମାନଙ୍କ ଗହଣରେ କାମ କରିବା ମାନସିକ ଚାପଗ୍ରସ୍ତ ସହରୀ ଜୀବନ ଅପେକ୍ଷା ଏକ ସର୍ବୋତ୍ତମ ବିକଳ୍ପ ସାଜିଛିବୋଲି ମତ ପ୍ରକାଶ ପାଉଛି ।



## ସୋସିଆଲ କୋଟ୍ସ




ମୁଁ ରିଅଲ ଜୀବନରେ ବାଇପୋଲାର। ଜଣେ ଅଭିନେତାଙ୍କୁ ବାଇପୋଲାର ହେବାର ଆବଶ୍ୟକତା ରହଛି । ଯାହାଫଳରେ ଯାହା ବି ରୋଲ ମିଳିବ ସବୁ ରୋଲକୁ ଏଞ୍ଜୟ କରିହେବ ।

ଦିବ୍ୟେନ୍ଦୁ ଶର୍ମା, ଅଭିନେତା



ବାପା ଆର୍କ୍ସି ବିଷୟରେ କେବେ ବି କଥା ହୁଅନ୍ତି ନାହିଁ । ତାଙ୍କର ଏହା ଖାସ କଥା ଥିଲା । ସେ କେବେହେଲେ ଆର୍କ୍ସି ବିଷୟରେ ଭାବନ୍ତି ନାହିଁ, ସବୁବେଳେ ନିଜ ଜୀବନକୁ ବିନ୍ଦାସ ବଞ୍ଚନ୍ତି, ଏବଂ ତାହାକୁ ପରଦାରେ ପ୍ରକାଶ କରିବାକୁ ଚେଷ୍ଟା କରନ୍ତି ।

ବବ୍‌ଲି ଖାନ, ଅଭିନେତା



ଜୀବନରେ କେବେ ବି ଡାଉନ୍ ଫଲ୍ ହୋଇ ନଥାଏ । ଏହା ସମ୍ପୂର୍ଣ୍ଣ ମାନସିକ ହୋଇଥାଏ। ଯଦି ଜୀବନରେ ଏହା ଉପରେ ନିୟନ୍ତ୍ରଣ ମିଳିଗଲା, ତେବେ କିଛି ବି କରିବା ସମ୍ଭବ ହୋଇଥାଏ ।

କେକେ ମେନନ୍, ଅଭିନେତା



**ମେଷ:** ଦୂରଯାତ୍ରା, ଶୁଭଖବର, ଅନୁଷ୍ଠାନରୁ ଲାଭ, ବନ୍ଧୁମିଳନ, ଗୃହେ ଉତ୍ସବ, ପାରିବାରିକ ସହଯୋଗ, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ମାମଲା ସମାଧାନ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ଆର୍ଥିକଚିନ୍ତା, ଶରୀର ଅସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଶୁଭସମାଚାର, କର୍ମକ୍ଷେତ୍ରେ ବିରୋଧ, ଆଶା ବିଫଳ, ପାରିବାରିକ ଖୁସି, ନୂତନ କାର୍ଯ୍ୟରେ ଲାଭ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନହାନି, ଅର୍ଥଚିନ୍ତା, ପାରିବାରିକ ସମସ୍ୟା, କିଛି ମାମଲାରେ ପଡ଼ିପାରନ୍ତି, ନୂତନ ନିଯୁକ୍ତିରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ସମ୍ପତ୍ତି ଗଣ୍ଡଗୋଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଆର୍ଥିକଖୁସି, ଶୁଭଖବର, ନୂତନ କର୍ମେ ଆନନ୍ଦ, ଦ୍ରବ୍ୟପ୍ରାପ୍ତି, ବିଦେଶ ଭ୍ରମଣ, ମାମଲା ସମାଧାନ, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମାଧାନ, ଭୂସମ୍ପତ୍ତିଲାଭ, ଆଶାପୂର୍ଣ୍ଣ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ଲକ୍ଷ୍ମୀନାରାୟଣ ।

**ସିଂହ:** ଦୂରଯାତ୍ରା, ଲୋକସମ୍ପର୍କରେ ଉନ୍ନତି, କର୍ମେ ଅସନ୍ତୋଷ, ଶତ୍ରୁସମସ୍ୟା, ନୂତନ କର୍ମ ଆରମ୍ଭ, ଯାତ୍ରାରେ ସତର୍କ, ହେଉଥିବା କାର୍ଯ୍ୟ ବିଳମ୍ବ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ନୂତନ ଆୟ, ମାମଲାରେ ବିଜୟ, ଆର୍ଥିକ ସୁଖ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟସୁଖ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ଯାନବାହନ କ୍ରୟ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ଲକ୍ଷ୍ମୀନୃସିଂହ ।

**ତୁଳା:** ଚିନ୍ତାବୃଦ୍ଧି, ଅର୍ଥସମସ୍ୟା, ଆଶାବିଫଳ, ଶରୀର ସୁସ୍ଥ, ଦୂରଯାତ୍ରା, ନୂତନ କର୍ମରେ ଖୁସି, ବନ୍ଧୁସହାୟତା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ସନ୍ତାନ ସମସ୍ୟା, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବନ୍ଧୁମିଳନ, ବ୍ୟବସାୟରେ ଲାଭ, ଶୁଭଖବର, ଅର୍ଥସମସ୍ୟା ସମାଧାନ, ପରିବହନ କ୍ଷେତ୍ରେ ଲାଭ, ପୁରୁଣା ମାମଲାର ସମାଧାନ, ଭୂସମ୍ପତ୍ତିଲାଭ, ଦ୍ରବ୍ୟଲାଭ, ଲୋକସମ୍ପର୍କ ବୃଦ୍ଧି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟେ ବିଳମ୍ବ, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁଲାଭ, ଦୂରଯାତ୍ରା, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ପାରିବାରିକ ଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟେ ସଫଳ, ନୂତନ ନିଯୁକ୍ତି, ଦୂରଯାତ୍ରା, ନୂତନ ବାଣିଜ୍ୟ ଲାଭ, ଦ୍ରବ୍ୟଲାଭ, ମାମଲା ସମାଧାନ, ଶୁଭଖବର, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଗୃହେ ଉତ୍ସବ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**କୁମ୍ଭ:** ନୂତନ ଆୟ, ଶତ୍ରୁ ପରାଜିତ, ଦ୍ରବ୍ୟଲାଭ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନପ୍ରାପ୍ତି, ଦୂରଯାତ୍ରା, ସନ୍ତାନସୁଖ, ଶୁଭ ସମାଚାର, ସମ୍ପତ୍ତି ବିବାଦ, ବ୍ୟବସାୟିକ ଖୁସି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**ମୀନ:** ବନ୍ଧୁସାହାଯ୍ୟ, ବ୍ୟବସାୟରେ ମଧ୍ୟମ ଫଳ, ଶତ୍ରୁସସ୍ୟା, ଲୋକସମ୍ପର୍କ ବୃଦ୍ଧି, ତୀର୍ଥାଟନ, ଯାନବାହନେ ସତର୍କ, ବିଶିଷ୍ଟ ବ୍ୟକ୍ତି ସହାୟତା, କାର୍ଯ୍ୟରେ ମଧ୍ୟମ ଫଳ, ବିଦ୍ୟାରେ ସଫଳତା, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଷଷ୍ଠୀ**
**୬.୬.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ସରକାରୀ ପଦକ୍ଷେପ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ

# ପିଆଇବି ଭୁବନେଶ୍ୱର ପକ୍ଷରୁ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତା' ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱରଠାରେ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଏକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତା' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ପ୍ରଭାବଶାଳୀ ଗଣଯୋଗାଯୋଗ ଏବଂ ବିକାଶମୂଳକ ପ୍ରଚାରପ୍ରସାର ଉପରେ ବିଚାରବିମର୍ଶ କରିଛନ୍ତି ।

ବାର୍ତ୍ତା କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ର ଅତିରିକ୍ତ ମହାନିର୍ଦ୍ଦେଶକ (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର) ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡକ୍ଟର ମୃଣାଳିନୀ ଦର୍ସୱାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ବୈଷୟିକ ଅଧିବେଶନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାସ, ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପିକା ଡକ୍ଟର ମିତାଲି ଚିନାରା, ସାମ୍ବାଦିକ ରାକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ପ୍ରଭାବୀ ଗଣଯୋଗାଯୋଗ ଉପରେ ସେମାନଙ୍କର ବିଚାର ବ୍ୟକ୍ତ କରିଥିଲେ ।

ଅଖିଳ କୁମାର ମିଶ୍ର ତାଙ୍କ ଭାଷଣରେ ସରକାରୀ କାର୍ଯ୍ୟକ୍ରମର ପ୍ରଭାବଶାଳୀ ରୂପାୟନ ସୁନିଶ୍ଚିତ କରିବା ନିମନ୍ତେ ସଚ୍ଚୋଟ, ସମାବେଶୀ ଏବଂ ଲୋକକୈନ୍ଦ୍ରିକ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜର ସବୁଠାରୁ ପଛୁଆ ଏବଂ ସୂଚନାରୁ ବଞ୍ଚିତ ବର୍ଗର ସ୍ୱର ଶୁଣିବା ଏବଂ ସମାଧାନ କରାଯିବା ଉପରେ ସେ ଜୋର ଦେଇଥିଲେ । ଶ୍ରୀ ମିଶ୍ର କହିଥିଲେ, ଯୋଗାଯୋଗ ଏବଂ ପ୍ରଶାସନ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ ଯାହା ଦ୍ୱାରା ସରକାରୀ ଯୋଜନାଗୁଡ଼ିକ ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ। ସେ ସୂଚନା ପ୍ରସାର କ୍ଷେତ୍ରରେ ରହିଥିବା ବ୍ୟବଧାନ ପୂରଣ କରିବା




ସମ୍ପର୍କରେ ମତ ରଖିଥିଲେ । ଏଥିସହିତ ବିକାଶମୂଳକ ଖବର ପ୍ରସାରଣ କରିବା ଏବଂ ଦେଶ ନିର୍ମାଣ ପ୍ରୟାସରେ ଅଧିକ ଜନସଚେତନତା ଓ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାରେ ସାମ୍ବାଦିକ ଏବଂ ଗଣମାଧ୍ୟମ ପେସାଦାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଡକ୍ଟର ମୃଣାଳିନୀ ଦର୍ସୱାଲ ପୁଷ୍ଟିସାଧନ, ମହିଳା ସଶକ୍ତିକରଣ, ପ୍ରାରମ୍ଭିକ ଶୈଶବ ଶିକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ପ୍ରମୁଖ ସରକାରୀ ଯୋଜନା ଓ ପଦକ୍ଷେପଗୁଡ଼ିକର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ପୋଷଣ ୨.୦, ସକ୍ଷମ ଅଙ୍ଗନୱାଡ଼ି, ମିଶନ ଶକ୍ତି ଏବଂ ସୁଭଦ୍ରା ଭଳି କାର୍ଯ୍ୟକ୍ରମ ବିଷୟରେ ସେ ମତ ରଖିଥିଲେ। ସେ କହିଥିଲେ, ହିତାଧିକାରୀଙ୍କୁ ପ୍ରାଥମିକତା ଦେବା ଲାଗି ସରକାରଙ୍କ ଆଭିମୁଖ୍ୟ ଏବଂ ତୃଣମୂଳ ସ୍ତରରେ ସେବା ପ୍ରଦାନକୁ ସୁଦୃଢ଼ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର ଆବଶ୍ୟକତା ରହିଛି । ବିଜୟ କୁମାର ଦାସ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ବିସ୍ତାର କରିବା ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରାଜ୍ୟବ୍ୟାପୀ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଡିଜିଟାଲ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରାରମ୍ଭିକ ରୋଗ ଯାଞ୍ଚ ଏବଂ ସ୍ୱାସ୍ଥ୍ୟସେବା ପେସାଦାରଙ୍କ ଦକ୍ଷତା ବିକାଶ ଭଳି ପଦକ୍ଷେପ ସମ୍ପର୍କରେ ସେ ମତ ରଖିଥିଲେ । ସୁବ୍ରତ କୁମାର ପଣ୍ଡା କୃଷି ଅଭିବୃଦ୍ଧିର ପ୍ରାଥମିକ ବାହକ ଭାବରେ ଜଳ, ମାଟି ଏବଂ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଡକ୍ଟର ମିତାଲି ଚିନାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଉଦ୍ୟୋଗ ବିକାଶ ଏବଂ ସାମାଜିକ ସଶକ୍ତିକରଣକୁ ଆଗକୁ ବଢ଼ାଇବାରେ ମହିଳା-କୈନ୍ଦ୍ରିକ ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ବ୍ୟାଙ୍କିଙ୍ଗ, ସ୍ୱୟଂ ସହାୟକ ଗୋଷ୍ଠୀ, ଜୀବିକା ସୁଯୋଗ ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରଗତି ଫଳରେ ଦେଶର ବିକାଶ ଯାତ୍ରାରେ ମହିଳାମାନଙ୍କ ଅଂଶଗ୍ରହଣ ସୁଦୃଢ଼ ହୋଇଛି। ରାକେଶ ମହାନ୍ତି କହିଥିଲେ, ବିକାଶମୂଳକ ସାମ୍ବାଦିକତାକୁ ପ୍ରୋତ୍ସାହିତ କରିବା ଏବଂ ଜନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ନାଗରିକମାନଙ୍କ ପାଖରେ ପ୍ରଭାବଶାଳୀ ଭାବରେ ପହଞ୍ଚାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସିବିସିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ । ସେ କହିଥିଲେ, ଆଲୋଚନା ଏବଂ ସୂଚନାର ଆଦାନପ୍ରଦାନ ପାଇଁ 'ବାର୍ତ୍ତା' ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ । ପିଆଇବି ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ସାମ୍ବାଦିକମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ଏବଂ କଲ୍ୟାଣକାରୀ ଯୋଜନା ଏବଂ ନୀତି ଉପରେ ବକ୍ତାମାନଙ୍କ ସହିତ ଭାବବିନିମୟ କରିଥିଲେ।

**ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଯୋଗାଯୋଗରେ ରହିଥିବା ବ୍ୟବଧାନକୁ ଦୂର କରିବା ଜରୁରୀ: ଅଖିଳ କୁମାର ମିଶ୍ର**

## ଭତ୍ତା ଓ ହରିଶ୍ଚନ୍ଦ୍ର ସହାୟତା ବନ୍ଦ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଜନତା କଂଗ୍ରେସର ଦାବିପତ୍ର



କଟକ, (ସ୍ୱପ୍ର) : ଜିଲ୍ଲାରେ ବିପର୍ଯ୍ୟସ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବିଗତ ତିନି ମାସ ହେଲା ଜିଲ୍ଲାରେ ବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅବିବାହିତ ମହିଳାମାନଙ୍କୁ ସେମାନଙ୍କର ପ୍ରାପ୍ୟ ସାମାଜିକ ସୁରକ୍ଷା ଭତ୍ତା ଦେବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି । ଏହା ସହିତ ଗରିବ ଲୋକଙ୍କ ଶେଷ ସମୟର ସମ୍ବଳ ସାଜିଥିବା ହରିଶ୍ଚନ୍ଦ୍ର ସହାୟତା ଯୋଜନା ମଧ୍ୟ ଆଜି ସରକାରୀ ଦୁର୍ନୀତି ଓ ଉଦାସୀନତା ଯୋଗୁଁ ସମ୍ପୂର୍ଣ୍ଣ ରୂପେ ବାଟବଣା ହୋଇଯାଇଛି । ସ୍ୱଜନଙ୍କୁ ହରାଇ ଗଭୀର ଶୋକରେ ଭାଙ୍ଗିପଡ଼ିଥିବା ଗରିବ ପରିବାର ଗୁଡ଼ିକୁ ମାସ ମାସ ଧରି ଏହି ସହାୟତା ରାଶି ନମିଳିବା ସରକାରଙ୍କର ଚରମ ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି । ଏହି ଅବସରରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା କହିଥିଲେ ଯେ, ଗରିବ ଓ ଅସହାୟ ଲୋକଙ୍କ ହକକୁ ନେଇ ସରକାର ଯେଉଁ ଟାଳଟୁଳ ନୀତି ଆପଣେଇଛନ୍ତି, ତାହାକୁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି କଦାପି ବରଦାସ୍ତ କରିବ ନାହିଁ । ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ ଏବଂ ହିତାଧିକାରୀଙ୍କୁ ସେମାନଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ କରାନଯାଏ, ତେବେ ଦଳ ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର କାଞ୍ଚନ ଦାସ ଓ ଅଜିତ କୁମାର ବେହେରା, ବରିଷ୍ଠ ନେତା ଶରତ ଚନ୍ଦ୍ର ଶେଠୀ, ଚନ୍ଦନ ଦାସ, ସୁରଜିତ ସାହୁ, ସନ୍ତୋଷ କୁମାର ପାତ୍ର, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ରାୟ, ଅନିତ ବେହେରା, ସିଲା ସାହା, ଭାରତୀ ଦାସ, ଅନୁଶୟା ମହାରଣା, ପ୍ରଭାତୀ ପଟ୍ଟନାୟକ, ରାଜଶ୍ରୀ ପାତ୍ର, ସେକ ଗୁଲାମ ମୋହିଉଦ୍ଦୀନ, ଦେବେନ୍ଦ୍ର ପ୍ରସାଦ ଶେଠୀ, ସ୍ୱାଗତିକା ମହାପାତ୍ର, ପଲ୍ଲବୀ ଘୋଷ, ଆକାଶ ସାମଲ, ଲକ୍ଷ୍ମୀପ୍ରିୟା ତୋଳା ପ୍ରମୁଖ ଉପସ୍ଥିତ ଥିଲେ ।

## 'ବିଶ୍ୱ ପରିବେଶ ଦିବସ'ରେ ମା'ଙ୍କ ସହ ଗଛ ଲଗାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# 'ଏକ ପେଡ୍ ମା' କେ ନାମ୍' ପରିବେଶ ସୁରକ୍ଷାର ପ୍ରେରଣାଦାୟୀ ଜନଆନ୍ଦୋଳନ

ଭୁବନେଶ୍ୱର, (ସବ୍ୟୁ): 'ବିଶ୍ୱ ପରିବେଶ ଦିବସ' ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ପେଡ୍ ମା' କେ ନାମ୍ ୩.୦' ଅଭିଯାନରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ନୂଆଦିଲ୍ଲୀ ଠାରେ ନିଜର ମା' ଓ ପରିବାର ସଦସ୍ୟଙ୍କ ସହ ଗଛ ଲଗାଇଛନ୍ତି । ଏହାସହ ଦିଲ୍ଲୀ କାଣ୍ଟନମେଣ୍ଟ ସ୍ଥିତ 'ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧' ପରିସରରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି କେବଳ ଏକ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ପରିବେଶ ସୁରକ୍ଷା ଓ ଭାବନାତ୍ମକ ସମ୍ପର୍କର ଏକ ପ୍ରେରଣାଦାୟୀ 'ଜନ-ଆନ୍ଦୋଳନ'ର ରୂପ ନେଇଛି । ମା'ଙ୍କ ସମ୍ମାନରେ ବୃକ୍ଷରୋପଣ କରିବା କେବଳ ଏକ ସାଧାରଣ କାର୍ଯ୍ୟ ନୁହେଁ, ବରଂ ଏହା ଜନ୍ମଦାତ୍ରୀ ମା'ଙ୍କ ପ୍ରତି କୃତଜ୍ଞତା ଏବଂ ଧରିତ୍ରୀ ମା'ଙ୍କ ପ୍ରତି ଆମର ମିଳିତ ଦାୟିତ୍ୱବୋଧର ଏକ ସୁନ୍ଦର ପ୍ରୟାସ । ଏହି ପବିତ୍ର ଅଭିଯାନରେ ସାମିଲ ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଆସନ୍ତା ପିଢ଼ିର କଲ୍ୟାଣ ତଥା ସମୃଦ୍ଧ ଭାରତ



ଗଠନ ପାଇଁ ପରିବେଶର ସୁରକ୍ଷା କରିବା ଏବଂ ଆମେ ଲଗାଉଥିବା ପ୍ରତ୍ୟେକ ଗଛର ଯତ୍ନ ନେବାକୁ ସେ ଦେଶବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ ସେମାନଙ୍କୁ ବୃକ୍ଷରୋପଣର ସଚେତନତା ଉପରେ ବୁଝାଇଥିଲେ । ପରିବେଶ ସଂରକ୍ଷଣ ପ୍ରତି ପିଲାମାନଙ୍କର ସଚେତନତା, ଉତ୍ସାହ ଏବଂ ଦାୟିତ୍ୱବୋଧକୁ ପ୍ରଶଂସା କରିଥିଲେ । ଏହି ଆଲୋଚନା ଭାରତର ଏକ ସବୁଜ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ଆତ୍ମବିଶ୍ୱାସ ବଢ଼ାଉଛି ବୋଲି ସେ ପ୍ରକାଶ କରିଛନ୍ତି ।

## ଉତ୍କଳ ମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱପରିବେଶ ଦିବସ ଅବସରରେ (" ମା"ପାଇଁ ଗଛ ଟିଏ) ( ପ୍ରକୃତିର ସୁରକ୍ଷା ପାଇଁ ସଂକଳ୍ପ ଟିଏ) ଏକ ମହତ କାର୍ଯ୍ୟକ୍ରମ ଉତ୍କଳ ମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରବିନାରାୟଣ ନାଏକ ପଞ୍ଚାୟତ ରାଜ୍ ଏବଂ ପାନୀୟ ଜଳଯୋଗାଣ ଓ ଗ୍ରାମ୍ୟଉନ୍ନୟନ ବିଭାଗ ମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ଟିକୁ ସାଫଲ୍ୟମଣ୍ଡିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଧର ସାହୁ, ( ବିଜୟ ରାଉତରାୟ ସ୍ୱଦେଶୀ ଜାଗରଣ ମଞ୍ଚ ରାଜ୍ୟ ସଂଯୋଯୋକ), ଚନ୍ଦ୍ରଶେଖର ସିଂ, ଦୁଃଶାସନ ପ୍ରଧାନ, ଆଚାର୍ଯ୍ୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରବୀନ୍ଦ୍ର ଜଗଦେବ, ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ, ପାର୍ବତୀ ବିଶ୍ୱାଳ ଲକ୍ଷ୍ମୀପ୍ରିୟା ସ୍ୱାଇଁ ,କୁନିଲତ ପଟ୍ଟନାୟକ,ରଶ୍ମିତା ପାତ୍ର,ମମତା ସ୍ୱାଇଁ, ଶାନ୍ତିଲତା ବେହେରା, ନଳିନୀ ମନ୍ତ୍ରୀ, ମନୀଷା ମନୋସ୍ୱିନି, ପରିଶେଷରେ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମର ଅଧ୍ୟକ୍ଷ ବିଚିତ୍ରାନନ୍ଦ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା।

# ଡ୍ରିମ୍ସରେ ବିଶ୍ୱ ପରିବେଶ ଦିବସ

କଟକ, (ସ୍ୱପ୍ର) : ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଚାରାରୋପଣ ସହ ପ୍ରକୃତି ଓ ପରିବେଶ ସୁରକ୍ଷା ସଂକ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପରିବେଶକୁ ସବୁଜ ସୁନ୍ଦର ରଖିବା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ପ୍ରିୟପରିଜନଙ୍କ ନାମରେ ଚାରା ଲଗାଇବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ଡ୍ରିମ୍ସ ପଲିଟେକ୍ନିକ (ସ୍ୱୟଂଶାସିତ) ପକ୍ଷରୁ ପଦ୍ମିନୀ କେୟାର ହସ୍ପିଟାଲ ପରିସରରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ବେଲ ଓ ଜାଇଫଳ ଚାରା ରୋପଣ କରିଥିଲେ । ଡ୍ରିମ୍ସ କୃଷି ବିଦ୍ୟାଳୟର ଡିନ୍ ଡ. କୃଷ୍ଣକର୍ଣ୍ଣ ରାଉତ ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା ଉପରେ ଆଲୋକପାତ କରି ବର୍ତ୍ତମାନ ଓ ଭବିଷ୍ୟତ ପିଢୀ ପାଇଁ ପର୍ଯ୍ୟବରଣକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଲିଟେକନିକ୍ ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଡ୍ରିମ୍ସ କୃଷି ବିଦ୍ୟାଳୟ ପକ୍ଷରୁ ଡିନ୍ ଡ. କୃଷ୍ଣକର୍ଣ୍ଣ ରାଉତଙ୍କ ପୌରୋହିତ୍ୟରେ ଚାରା ରୋପଣ ସହିତ କୃଷି କ୍ଷେତ୍ରରେ ଶିଳ୍ପଜାତ ଉପ ଉପାଦର ଉପଯୋଗ ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଭାସୀ ମାଧ୍ୟମରେ କଟକସ୍ଥିତ କେନ୍ଦ୍ରୀୟ ଧାନ




ଗବେଷଣା ସଂସ୍ଥାର କୃଷି ବିଜ୍ଞାନୀ ଡ. ରୁବିନା ଖାନମ୍ ସମ୍ମାନିତ ବକ୍ତା ଭାବରେ ଯୋଗଦେଇଥିଲେ । ସେହିପରି ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜି ଆନୁକୂଲ୍ୟରେ ହନୁମାନ ବାଟିକାରେ ରୁଦ୍ରାକ୍ଷ, ଅଁଳା ଇତ୍ୟାଦି ଔଷଧୀୟ ଚାରା ରୋପଣ କରାଯାଇଥିଲା । ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଏହାକୁ ସଂଯୋଜନା କରିଥିଲେ । ସୁମନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଉଦ୍ୟାନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଶ୍ୱ ପରିବେ ଶ ଦିବସ ପାଳିତ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଦିଗରେ ମଣ୍ଡଳର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କଲ୍ୟାଣ ମଣ୍ଡପ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବଙ୍କ ସମେତ ବିଭିନ୍ନ ଶାଖା ଅଧିକାରୀ ଓ କର୍ମଚାରୀମାନେ ଚାରାରୋପଣ କରିଥିଲେ।କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ପ୍ରବନ୍ଧକ ସମ୍ବିତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଯାନ୍ତ୍ରିକ ବିଭାଗର ପରିବେଶ ଏବଂ ସ୍ୱଚ୍ଛତା ପରିଚାଳନା ଶାଖା ଦ୍ୱାରା ସମ୍ପାଦନ କରାଯାଇଥିଲ ।

## କୁଞ୍ଜାମହୁଲ ଗାଁ ହେଲା ପଶ୍ଚିମ ଓଡ଼ିଶାର ପ୍ରଥମ 'ସୂର୍ଯ୍ୟଘର ଗ୍ରାମ'

# ସମସ୍ତ ଗ୍ରାମବାସୀଙ୍କ ଛାତ ଉପରେ ବସିଲା ସୌର ପ୍ୟାନେଲ୍

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାର ଅନେକ ଅପହଞ୍ଚ ଗ୍ରାମ ମଧ୍ୟରୁ ସୋନପୁର ଜିଲ୍ଲା ପିତାମହୁଲ ଗ୍ରାମ ପଞ୍ଚାୟତର କୁଞ୍ଜାମହୁଲ ଗ୍ରାମଟି ଅନ୍ୟତମ ଗାଁ ଅଟେ । ଏହି ଗ୍ରାମରେ ୩୨ ଜଣ ପରିବାର ବସବାସ କରନ୍ତି । ଏହି ୩୨ ପରିବାରଙ୍କ ମଧ୍ୟରୁ ଯୋଗ୍ୟ ୨୮ ପରିବାରଙ୍କ ଛାତ ଉପରେ ଏବେ ସ୍ଥାପନ ହୋଇଛି ସୋଲାର ପ୍ୟାନେଲ୍ । 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା' ଅନ୍ତର୍ଗତ ତଥା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ପ୍ରଚଳିତ 'ୟୁଟିଲିଟି ଲେଡ ଏଗ୍ରିଗେସନ୍' (ଉଲା) ଯୋଜନାରେ ମାତ୍ର ୧୮ ୭୫ ଟଙ୍କା ବ୍ୟୟରେ ଗାଁର ସମସ୍ତ ଯୋଗ୍ୟ ବିଦ୍ୟୁତ୍ ଗ୍ରାହକଙ୍କ ଛାତ ଉପରେ ଏକ କିଲୋୱାଟର ସୌର ପ୍ୟାନେଲ୍ ସ୍ଥାପନ କରାଯାଇଅଛି । କୁଞ୍ଜାମହୁଲ ଗ୍ରାମବାସୀଙ୍କ ସହ କମ୍ପାନୀ ପକ୍ଷରୁ



ସଚେତନତା ମୂଳକ ଅଲୋଚନା ପରେ ସମସ୍ତେ ଏହି 'ଉଲା ଯୋଜନା' ଅଧିନରେ ନିଜ ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରିବା ପାଇଁ ସହମତି ପ୍ରକାଶ କରିଥିଲେ । ପରେ ଯୋଗ୍ୟ ୨୮ ଜଣ ବିଦ୍ୟୁତ୍ ଗ୍ରାହକ ମାତ୍ର ୧୮୭୫ ଟଙ୍କା ପୈଠ କରି ନିଜ ନିଜ ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାନର କରିପାରିଛନ୍ତି । ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଟି ପି ଡ ବ୍ଲ୍ୟୁଓ ଡି ଏ ଲ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "କୁଞ୍ଜାମହୁଲର ପଶ୍ଚିମ ଓଡ଼ିଶାର ପ୍ରଥମ 'ସୂର୍ଯ୍ୟଘର ଗ୍ରାମ' ଭାବେ ପରିଣତ ହେବା ଦର୍ଶାଉଛି ଯେ, ଯେତେବେଳେ କୌଣସି ସମୁଦାୟ ଏକାଠି ହୋଇ ଉନ୍ନୟନମୂଳକ ପଦକ୍ଷେପକୁ ଗ୍ରହଣ କରନ୍ତି, ସେତେବେଳେ ସବୁଜ ଶକ୍ତି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରେ।

## ଜଳଭାଗରେ ଜୀବନରକ୍ଷାର ପ୍ରଦର୍ଶନ ଦେଖିଲେ ବ୍ରିକ୍ସ ପ୍ରତିନିଧିବୃନ୍ଦ



ପୁରୀ, (ସବ୍ୟୁ) : ଜୁନ୍ ୩ ତାରିଖରୁ ପୁରୀ ତାଜ୍ ହୋଟେଲ ଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ସମ୍ମିଳନୀ ଶୁକ୍ରବାର ଦିନ ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧିବୃନ୍ଦ ବିପର୍ଯ୍ୟୟ ପରିଚାଳନାରେ ପାରସ୍ପରିକ ସହଯୋଗ ସୁନିଶ୍ଚିତ କରିବା ନିମନ୍ତେ ଆଲୋଚନା କରିଥିଲେ । ଅପରାହ୍ନରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିବୃନ୍ଦ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନ ରାମଚଣ୍ଡୀ ପରିଦର୍ଶନ କରିଥିଲେ । ଓସୱାଲି ପକ୍ଷରୁ ରାମଚଣ୍ଡୀ ମୁହାଣରେ ଜଳରେ ଘଟୁଥିବା ଦୁର୍ଘଟଣାକୁ ପ୍ରତିରୋଧ କରିବା ନିମନ୍ତେ ଦୁଃସାହସିକ ଜୀବନରକ୍ଷା କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା କ୍ଷ ଲାଇଫ୍ ଜ୍ୟାକେଟ୍ ପିନ୍ଧି ପ୍ରତିନିଧିବୃନ୍ଦ ବୋଟରେ ଭିତରକୁ ଯାଇ ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଦେଖିଥିଲେ କ୍ଷ ଓଡ଼ିଶାରେ ଜଳଭାଗରେ ଘଟୁଥିବା ବିପଦର ପରିଚାଳନାରେ ଓସୱାଲିର ଭୂମିକା ପ୍ରଶଂସନୀୟ କ୍ଷ ଏହି ଦକ୍ଷତା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧିବୃନ୍ଦ ଖୁବ୍ ଉତ୍ସାହର ସହ ଦେଖିବା ସହ ପ୍ରଶଂସା ମଧ୍ୟ କରିଥିଲେ । ତିନିଦିନିଆ ଅନ୍ତର୍ଜାତୀୟ ବୈଠକର ସଫଳ ଆୟୋଜନ ନିମନ୍ତେ ପ୍ରତିନିଧିବୃନ୍ଦ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓସଡମା ଙ୍କୁ ଧନ୍ୟବାଦ ଜଣାଇଥିଲେ । ଓସଡାମା ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଓସୱାଲିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲା ସଭାପତି ଭାବରେ ଶକ୍ତି ପ୍ରଦର୍ଶନ କଲେ ରାଜେନ୍ଦ୍ର

ଖୋର୍ଦ୍ଧା, (ସବ୍ୟୁ): ସାରା ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ବିଜେଡି ନାରୀ ମାନଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର, ଦରଦାମ୍ ବୃଦ୍ଧି ବିରୁଦ୍ଧରେ ସମାବେଶ, ଶୋଭାଯାତ୍ରା ଆୟୋଜନ କରୁଛି। ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧାରେ ବିଜେଡିର ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଛି। ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱ ରେ ହଜାର ହଜାର ମହିଳା ଓ ରାଜ୍ୟର ବରିଷ୍ଠ ନେତୃ ମଣ୍ଡଳୀ ଏକାଠି ହୋଇଛନ୍ତି।

ପ୍ରଥମେ ଖୋର୍ଦ୍ଧା ପୌର ପରିଷଦ ୧୫ନ ୱାର୍ଡ କାଉନସିଲର ପ୍ରବୀଣା ଜଗଦେବ ଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳା ଆସି ଗୀତା ଭବନ ପଡ଼ିଆରେ ଏକାଠି ହୋଇଥିଲେ। ବେଗୁନିଆ, ବୋଲଗଡ, ଚିଲିକା, ଜଟଣୀ, ଟାଙ୍ଗୀ ବିଭିନ୍ନ ଅଂଚଳରୁ ବିଜେଡି ନେତା, କର୍ମୀ ସମସ୍ତେ ଗୀତା ଭବନ ପଡ଼ିଆ ରେ ଏକାଠି ହୋଇଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରା ରେ ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ କୁମାର ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ମହିଳା ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱ ରେ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା, କର୍ମୀ, ଜନ ସାଧାରଣ ଏକାଠି ହୋଇ ନବୀନ ପଟ୍ଟନାୟକ ତୁମେ ଫେରିଆସ, ମୋହନ ମାଝୀ ଙ୍କ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ।



ଏହି ଅବସରରେ ରାଜ୍ୟ ନେତୃ ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ବିଜେଡି ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶ ରେ ରାଜ୍ୟ ସରକାରଙ୍କ ବିରୁଦ୍ଧ ରେ ବିକ୍ଷୋଭ ପଦର୍ଶନ କରିଥିଲେ। ରାଜ୍ୟରେ ନାରୀ ଅସୁରକ୍ଷିତ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଦରଦାମ ରେ ଅଣନିୟନ୍ତ୍ରିତ, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମଙ୍କୁ ଭତା ପ୍ରଦାନ କ୍ଷେତ୍ରରେ ସରକାର ଙ୍କ ବିଫଳତା, ବିଦ୍ୟୁତ୍ ଦର ବୃଦ୍ଧି ପ୍ରଭୃତି କୁ ମୁଦ୍ଦା କରି ଆଜି ଜିଲ୍ଲା ବିଜେଡି ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଥିଲା। କିଛି ଦିନ ତଳେ ଖୋର୍ଦ୍ଧା ଜିଲ୍ଲା ବିଜେଡି ର ସଭାପତି ରୂପେ ନିଯୁକ୍ତି ପାଇଥିବା ରାଜେନ୍ଦ୍ର କୁମାର୍ ସାହୁ ମଧ୍ୟ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଭଡାଟିଆଙ୍କୁ ଛୁରୀରେ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଭଡାଟିଆଙ୍କୁ ଅନ୍ୟ ଜଣେ ଭଡାଟିଆ ଛୁରୀରେ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହେଲେ ଶିବ ନାୟକ (୪୩)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଛୁରୀ ଜବତ କରିଛି। ମାମଲା ନଂ ୧୭୫/୨୬ରେ ଶିବ ନାୟକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଲୋଚାପଡାରେ ଏକ ତିନି ମହଲା ଘର ଦ୍ୱିତୀୟ ମହଲାରେ ରାଜେନ୍ଦ୍ର ନାୟକ ରହୁଛନ୍ତି। ସେହିପରି ତଳ ମହଲାରେ ଶିବ ନାୟକ ରାହୁଛନ୍ତି। ଗୁରୁବାର ରାତ୍ର ରାଜେନ୍ଦ୍ର ଘରର ଛାତ ଉପରୁ ପରିସ୍ରା କରିଥିଲେ। ତଳେ ଛିଡା ହୋଇଥିବା ଶିବ ନାୟକଙ୍କ ଦେହରେ ତାହା ପଡିଥିଲା। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଶିବ ଏକ ଛୁରୀରେ ରାଜେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକ ଆହତ ରାଜେନ୍ଦ୍ରଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ରାଜେନ୍ଦ୍ର ଶୁକ୍ରବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଖଣି ମାଲିକଙ୍କ ଘରେ ପ୍ରଶାସନିକ ଚଢ଼ାଉ

# ଖୋଲିଲା ଖଣି ଦୁର୍ନୀତି ଫାଇଲ, ୭୨କୋଟିର ସମ୍ପତ୍ତି ଆଟାଚ ପ୍ରକ୍ରିୟା ଆରମ୍ଭ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଖଣି ବକେୟା ଆଦାୟକୁ ନେଇ ଏବେ ଜିଲ୍ଲା ପ୍ରଶାସନ ଏକ ବଡ଼ ଏବଂ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଦୀର୍ଘ ୧୫ବର୍ଷ ପରେ ପୁଣି ଥରେ ଖୋଲିଛି ଖଣି ଦୁର୍ନୀତିର ଫାଇଲ। ଯାହାକୁ ନେଇ ଆଜି ସାରା ବାରିପଦା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ବାରିପଦାର ବିଶିଷ୍ଟ ଖଣି ମାଲିକ ବସନ୍ତ କୁମାର ଦାସଙ୍କ ଘର ଓ ସମ୍ପତ୍ତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସକାଳୁ ସକାଳୁ ଏକ ବଡ଼ଧରଣର ଯୌଥ ଚଢ଼ାଉ କରାଯାଇଛି। ସୂଚନା ମୁତାବକ, ୨୦୧୮ ମସିହାର ଖଣି ବକେୟା ମାମଲାରେ ବସନ୍ତ ଦାସଙ୍କ ଉପରେ ପ୍ରାୟ ୩୬ କୋଟି ୬୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଫାଇନ୍ ଆଦେଶ ହୋଇଥିଲା । ଯାହା ବର୍ତ୍ତମାନ ସୁଧ-ମୂଳ ମିଶି ପ୍ରାୟ ୭୨କୋଟି ଟଙ୍କାରେ ପହଞ୍ଚିଛି। ଏହି ବିପୁଳ ବକେୟା ରାଶି ପୈଠ ନକରିବାରୁ ଆଜି କୋଟିକୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଜବତ ପାଇଁ ଜିଲ୍ଲାପାଳ ତଥା ସାର୍ଟିଫିକେଟ୍ ଅଫିସର ଚୂଡ଼ାନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖଣି ମାଲିକ ବସନ୍ତ ଦାସ ରାଇରଙ୍ଗପୁର ସବ୍‌ଡିଭିଜନ୍ ବାଦାମପାହାଡ଼ ଅନ୍ତର୍ଗତ କାସିଆବେଡ଼ା ଅଞ୍ଚଳରେ ଲୁହାପଥର ଖଣି ବ୍ୟବସାୟ କରୁଥିଲେ। ପରିବେଶ ମଞ୍ଜୁରୀକୁ ନେଇ ୨୦୧୮ରେ ତାଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଥିଲା। ବାରମ୍ବାର ସମୟ ମାଗି ମାମଲାକୁ ବିଳମ୍ବିତ କରିବାକୁ ଚେଷ୍ଟା କରୁଥିବା ଆବେଦନକୁ ହାଇକୋର୍ଟ ଏବେ ଖାରଜ କରିଦେଇଛନ୍ତି। ଆଜି ବାରିପଦା ଟାଉନ୍, ରଘୁନାଥପୁର, କଥାସିରସି ଏବଂ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ବଉଁଶବୁଡ଼ି ଓ କାଶୀଆବେଡ଼ା ଆଦି ଅଞ୍ଚଳରେ ଥିବା ସ୍ଥାବର ସମ୍ପତ୍ତିକୁ ଜିଲ୍ଲାପ୍ରଶାସନ ନିଜ ହେପାଜତକୁ ନେବା ପ୍ରକ୍ରିୟା ଆରମ୍ଭ କରିଛି। ତହସିଲଦାର, ମାଇନିଂ ଅଧିକାରୀ, ଉପ-ନିବନ୍ଧକ, ପିଡବ୍ଲ୍ୟୁଡ଼ି ନିର୍ବାହୀ ଯନ୍ତ୍ରୀ ଏବଂ ଉପ-ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏହି ମୂଲ୍ୟାଙ୍କନ ଓ ଜବତ ପ୍ରକ୍ରିୟା ଚାଲିଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ମୟୂରଭଞ୍ଜ ଏସପିଙ୍କ ନିର୍ଦ୍ଦେଶରେ ବ୍ୟାପକ ପୋଲିସ ବଳ ମଧ୍ୟ ମୁତୟନ କରାଯାଇଛି। ଚଢ଼ାଉ ସମୟରେ ଖଣି ମାଲିକ ବସନ୍ତ ଦାସ ନିଜେ ଘରେ ଉପସ୍ଥିତ ଥିଲେ ଏବଂ ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ସେ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଏହି ମାମଲାଟି ବର୍ତ୍ତମାନ ହାଇକୋର୍ଟରେ ବିଚାରାଧୀନ ରହିଛି। କିନ୍ତୁ ଜିଲ୍ଲାପାଳ ହଠାତ ଏପରି ଭାବେ ସମ୍ପତ୍ତି ଆଟାଚ୍ ଏବଂ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଆଇନ ସମ୍ମତ ନୁହେଁ। ଅନ୍ୟପଟେ ବାରିପଦା ତହସିଲଦାର ଏହି ପ୍ରକ୍ରିୟା ଆଇନ ଅନୁଯାୟୀ ଜାରି ରହିବ ବୋଲି କହିଛନ୍ତି। ମାନ୍ୟବର କୋର୍ଟ ଏବଂ ଆର.ଡି.ସି ଙ୍କ ନିର୍ଦ୍ଦେଶ ଅନୁସାରେ ରାଜସ୍ୱ ଆଦାୟ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପତ୍ତିର ଆକଳନ ଏବଂ ସରକାରୀ ଦଖଲକୁ ନେବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଆଇନ ଅନୁଯାୟୀ ଚାଲୁ ରହିବ। ତେବେ ଦେଖିବାକୁ ବାକି ରହିଲା ସରକାରୀ ବକେୟା ୭୨କୋଟି ଟଙ୍କା କିଭଳି ଆଦାୟ କରାଯାଉଛି।

# ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ବୃକ୍ଷ ରୋପଣ



ବ୍ରହ୍ମପୁର, (ସବ୍ୟୁ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଓ ଜିଲ୍ଲା ସଭାପତି ସରୋଜ କୁମାର ସାବତଙ୍କ ନିର୍ଦ୍ଦେଶ କ୍ରମେ ବିଜେପି ଗଞ୍ଜାମ ଜିଲ୍ଲା କୃଷକ ମୋର୍ଚ୍ଚା ତରଫରୁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳରେ ଜିଲ୍ଲା କୃଷକ ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ଗସେଇନୂଆଗାଁ ମଣ୍ଡଳ, ପୁରୁଣା ବ୍ରହ୍ମପୁର ମଣ୍ଡଳ, ଗେଟ ବଜାର ମଣ୍ଡଳ, ଆସ୍କା ରୋଡ଼ ମଣ୍ଡଳ, କମାପଲ୍ଲୀ ମଣ୍ଡଳରେ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାସ, ଗସେଇନୂଆଗାଁ ମଣ୍ଡଳ ସଭାପତି ବର୍ଷା ବିଦୁସ୍ମିତା, ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି ରିତା ସେଠି, ଗେଟ ବଜାର ମଣ୍ଡଳ ସଭାପତି ବିକ୍ରମ ଦାସ, ଶିବ ଯାଦବ, ବଦ୍ରି ନାୟକ, ସାମ୍ବାଦିକ ସୁରେଶ ଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ମହାରଣା ଗସେଇନୂଆଗାଁ କୃଷକ ମଣ୍ଡଳ ସଭାପତି, ପ୍ରମୋଦ ପାଢ଼ୀ, ଟୁକୁନା ନାୟକଙ୍କ ସମେତ ବ୍ରହ୍ମପୁରର ଜନସାଧାରଣ ଓ ଅଞ୍ଚଳବାସୀ ବିଭିନ୍ନ ମଣ୍ଡଳରେ ୫୦ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରିଥିଲେ । ବ୍ରହ୍ମପୁରକୁ ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ ନେଇଥିଲେ।

# ଦୁଇ ପଡୋଶୀ ଗଣ୍ଡଗୋଳ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଘର କାନ୍ଥକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଉଭୟ ପକ୍ଷର ଦୁଇ ଜଣଙ୍କୁ ଗିରଫ କରିଛି। ଉକ୍ତ ଥାନା ଅନ୍ତର୍ଗତ ରାମହରି ନଗର ଦିତ୍ୱୀୟ ଲାଇନରେ ରହୁଥିବା ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଅଭିଯୋଗରେ ତାଙ୍କ ପଡୋଶୀ ବିଜୟ କୁମାର ପଣ୍ଡା (୭୨) ଙ୍କୁ ଗିରଫ କରିଛି। ପୋଲିସ ଏକ ଷ୍ଟିଲ ରଡ଼ ଓ ରକ୍ତଭିଜା କପଡା ଜବତ କରିଛି । ମାମଲା ନଂ ୨୮୨/୨୬ ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେହିପରି ବିଜୟ କୁମାର ପଣ୍ଡାଙ୍କ ଅଭିଯୋଗରେ ତାଙ୍କ ପଡୋଶୀ ଜିତେନ୍ଦ୍ର କୁମାର ପଣ୍ଡା (୪୧) ଙ୍କୁ ମାମଲା ନଂ ୨୮୩/୨୬ ରେ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ଉପରୋକ୍ତ ଦୁଇ ପଡୋଶୀଙ୍କ କାନ୍ଥରେ ସର୍ବଦା ପାଣି ଜମି ରାହୁଥିବାକୁ ତାହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ତୁତୁ ମେ ମେ ଲାଗି ରହିଥିଲା। ଶୁକ୍ରବାର ଜିତେନ୍ଦ୍ର କାନ୍ଥରେ ପାଣି ଜମି ରହୁଥିବା ନେଇ ବିଜୟଙ୍କୁ ପଚାରିବାରୁ ସେ ଏକ ଷ୍ଟିଲ ରଡ଼ରେ ତାଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା । ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ବିଜୟ ପଣ୍ଡା ଆଜି ସକାଳେ ପ୍ରାତଃ ଭ୍ରମଣ ସାରି ଘରକୁ ଫେରିଥିଲେ। ସେହି ସମୟରେ ଜିତେନ୍ଦ୍ର ତାଙ୍କ ଘର ପାଖକୁ ଆସି ତାଙ୍କ ସହ ଝଗଡା କରିବା ସହ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ବୈଦ୍ୟନାଥପୁର ପୋଲିସ ଉଭୟଙ୍କ ଅଭିଯୋଗର ତଦନ୍ତ କରି ଦୁଇଟି ପୃଥକ ମାମଲାରେ ଦୁଇଜଣଙ୍କୁ ଗିରଫ କରିଛି ।

# ଟାଟା ପାୱାରକୁ ସରକାର ଦେଇଥିବା ଅର୍ଥର ସିଏଜି ଅଡିଟ୍

# ସାର୍ବଜନୀନ କରିବା ଦାବିରେ ମିଳିତ ବିରୋଧୀ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବରିପଦା, (ସବ୍ୟୁ) : ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ ପାଇଁ ଟାଟା ପାୱାରକୁ ରାଜ୍ୟ ସରକାର ଦେଇଥିବା ଅର୍ଥର ସିଏଜି ଅଡିଟ୍ କରି ସାର୍ବଜନୀନ କରିବା ଓ ଟାଟା ପାୱାରର ଘନ ଘନ ବିଜୁଳି କାଟ ସହ ଲୋ-ଭୋଲଟେଜ ଏବଂ ପ୍ରବଳ ଗରମ ରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ଜରୁରୀ କାଳିନ ଅଧିକାରୀ ତାପସ ମହାନ୍ତଙ୍କୁ ଦାବିପତ୍ର ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ପ୍ରଦାନ କରାଯାଇଥିଲା । ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଟାଟା ପାୱାରକୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପରିତାପର ବିଷୟ, ୪/୫ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ବ୍ୟବସ୍ଥାର ସୁଦୃଢ଼ ଏବଂ ସୁଷମ ବଣ୍ଟନ ହୋଇପାରିନାହିଁ। ଦେଖାଯାଇଛି ସହରାଞ୍ଚଳର ତଳିଆ ଅଞ୍ଚଳ ସମେତ ଗ୍ରାମାଞ୍ଚଳରେ ଘନ ଘନ ବିଦ୍ୟୁତ୍ କାଟ ସହ ଲୋଭୋଲଟେଜ, ସଂଯୋଗ ବିଚ୍ଛିନ୍ନ ପରେ ସ୍ଥାନୀୟ ଜନତା ବାରମ୍ବାର ଅଭିଯୋଗ କଲାପରେ ବି ମରାମତି ପାଇଁ ୨/୩ ଦିନରୁ ଉଦ୍ଧର୍ବ ସମୟ ଲାଗିବା, ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଉପଭୋକ୍ତା ଆଉଟୁ ପାଉଟୁ ନହେବା, ଚାଷୀର ଚାଷକୁ ଜଳ ଯୋଗାଣ, ଶିକ୍ଷାଳୟ, ଡାକ୍ତରଖାନା, ସରକାରୀ ବେସରକାରୀ କାର୍ଯ୍ୟାଳୟ ଇତ୍ୟାଦି ବିଭିନ୍ନ ସ୍ଥାନ ବିଦ୍ୟୁତ୍ ଯୋଗାଣରୁ ବଞ୍ଚିତ ନହେବା ଭଳି ପରିସ୍ଥିତିର ସୁଧାର ଆଣିବା ପାଇଁ ରାଜ୍ୟ ସରକାର ପାଖାପାଖି ୨୭ହଜାର କୋଟି ଟଙ୍କା ଟାଟା ପାୱାରକୁ ଦେଇଛନ୍ତି। ଯେଉଁଥିରେ କି ରାଜ୍ୟ ସରକାରଙ୍କ ଅଂଶଧନ ୪୯ ଶତାଂଶ। ରାଜ୍ୟବାସୀଙ୍କର ଟିକସ ଅର୍ଥରେ ତିଆରି ରାଜ୍ୟ ସରକାରଙ୍କ ୪୯ଶତାଂଶ ଅର୍ଥ ଧନର ସଠିକ୍ ବିନିଯୋଗ ହୋଇଛି କି ନାହିଁ, ତାହା ଜାଣିବାର ଅଧିକାର ରାଜ୍ୟବାସୀଙ୍କର ରହିଛି। ପୂର୍ବତନ ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନା ରାଜ୍ୟସରକାରଙ୍କୁ ଦେଇଥିବା ରିପୋର୍ଟ ମଧ୍ୟ ଏହାର ଅଂଶ ବିଶେଷ। ଅତଏବ, ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ସମ୍ମାନ ଜଣାଇ, ଟାଟା ପାୱାରକୁ ରାଜ୍ୟ ସରକାର ଦେଇଥିବା ଅର୍ଥର ସଠିକ୍ ଉପଯୋଗ ହୋଇଛି କି ନାହିଁ ତାହାକୁ ତୁରନ୍ତ ସିଏଜି ଅଡିଟ୍ କରାଇ ସାର୍ବଜନୀନ କରିବାକୁ ଆମ୍ଭେ ଦୃଢ଼ ଦାବି କରୁଛୁ। ଆଜିର ଏହି ଦାବିପତ୍ର କଂଗ୍ରେସ ଦଳର ଶାନ୍ତନୁ ପାଲ, ସୁସ୍ମିତା ଘୋଷଲ, ନିହାର ରଞ୍ଜନ ମଡୁଆଲ, ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ, ରତିକାନ୍ତ ଚୌଧୁରୀ ସିପିଆଇର ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ମୁକୁନ୍ଦ ବିଶୋଇ, କାହ୍ନୁ ଚରଣ ବେହେରା, ସିପିଏମର ରବି ଗୋସ୍ୱାମୀ ପ୍ରମୁଖ ପ୍ରଦାନ କରିଥିଲେ।

# ବିଶ୍ୱ ପରିବେଶ ସୁରକ୍ଷା ଦିବସ

ଭଞ୍ଜନଗର, (ସବ୍ୟୁ) : ଆଜି ବିଶ୍ୱ ପରବେଶ ସୁରକ୍ଷା ଦିବସ ଓ ଏହି ଅବସରରେ ଭଞ୍ଜନଗର ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ସ୍ରୋତ ଭବନ ଠାରେ ବିଶ୍ୱ ପରିବେଶ ଓ ସଚେତନ ଦିବସ ପାଳନ ହୋଇଛି। ଏହି ଅବସରରେ ଅତିଥି ଭାବେ ଭଞ୍ଜନଗର ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସଂଚାଳିକା ସନ୍ତୋଶିନୀ ଭଉଣୀ ଓ ମୁଖ୍ୟ ଅତିଥି ଭାବେ ଏଡିଓ ବ୍ୟୋମକେଶ ମିଶ୍ର, ଏସିଏଫ ବିମଳ ପ୍ରଧାନ, କୃତିବାସ ବିଶ୍ୱାଳ, ସୁଲପାଣି ଶତପଥି, ଅନୁପମ ବାନାର୍ଜୀ, ନମିତା ବାରିକ, ରଞ୍ଜିତ ବାରିକ, ଦୀପ୍ତଅଂଶୁ ଦେବୀ, ସନ୍ତୋଷ ଜେନା, ବିଛକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ପରିବେଶ ପରିବର୍ତ୍ତନ ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି। ଯେଉଁ ପରିବେଶକୁ ମନୁଷ୍ୟ ନିଜର ସୁଖ ସୌନ୍ଦର୍ଯ୍ୟ ପାଇଁ ନଷ୍ଟ କରୁଛି, ସେହି ମନୁଷ୍ୟ ହାତରେ ପରିବେଶ ସୁରକ୍ଷା ଦାଇତ୍ୱ ରହିଛି। ତେଣୁ ଏହି ସନ୍ଦେଶ କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମା କୁମାରୀ କେନ୍ଦ୍ର ଦ୍ୱାରା ଆୟୋଜିତ ସଚେତନ କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ଭାଇ ଭଉଣୀ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପରେ ଅତିଥି ମାନଙ୍କୁ ଚାରା ବୃକ୍ଷ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ ସୁଲପାଣି ଶତପଥୀ ପରିବେଶ ସୁରକ୍ଷା ଓ ଚାରା ଗଛ ରୋପଣ ଉପରେ ଆଧାରିତ ସଙ୍ଗୀତ ତଥା ଶପଥ ପାଠ କରାଇଥିଲେ। ପରିଶେଷରେ କୁନି କୁନି ଭଉଣୀ ମାନଙ୍କ ଦ୍ୱାରା ପରିବେଶ ସଚେତନତା ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭଞ୍ଜନଗର ବନବିଭାଗ ସହଯୋଗ କରିବା ସହ ଚାରା ଗଛ ଯୋଗାଇ ଦେଇଥିଲେ।

# ମେଧାକୁ ସମ୍ମାନ ଓ ଆର୍ଥିକ ମାନଦଣ୍ଡ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘର ଦାବି

ଆସିକା, (ସବ୍ୟୁ) : ମେଧାକୁ ସମ୍ମାନ ଦେଇ ଆର୍ଥିକମାନଦଣ୍ଡ ଓ ସ୍ଥିତିକୁ ବିଚାର କରି ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ କରିବା ପାଇଁ ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘ ସଭାରେ ଦୃଢ ଦାବି କରାଯାଇଛି। ମହାସଂଘର ସାଧାରଣ ସଭା ଗୁରୁବାର ଦିନ ଲାଲାଶାସନ ସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଗଙ୍ଗାଧର ଶତପଥୀଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ସାଙ୍ଗଠନିକ ପୁନର୍ବିନ୍ୟାସ ସହ ବ୍ରାହ୍ମଣ ବାଳକଙ୍କ ସାମୁହିକ ବ୍ରତୋପନୟନ କରିବା ନେଇ ଆଲୋଚନା ହୋଇଥିଲା। ସଂଘର ପୁରୋହିତ କର୍ମକାଣ୍ଡ, ସୁପକାର ଓ ପୂଜକ କାର୍ଯ୍ୟରେ ନିୟୋଜିତ ବ୍ରାହ୍ମଣଙ୍କର ବହୁବିଧ ସମସ୍ୟା ଉପରେ ଆଲୋଚନା କରାଯାଇ ଆର୍ଥୀକ ଅନାଟନ ମଧ୍ୟରେ ଏହି ଶ୍ରେଣୀର ବ୍ରାହ୍ମଣ ମାନେ ସ୍ୱ-କୌଳିକ ବୃତ୍ତି ପ୍ରତି ଅନାଗ୍ରହ ପୋଷଣ କରୁଥିବା ଓ ଏଥିରୁ ବିରତ ରହି ଗାଁ ଭିଟାମାଟି ଛାଡି ଦାଦନ ଖଟିବା ପାଇଁ ବାହାରକୁ ଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସରକାରୀ ସ୍ତରରେ ସହାୟତା ପାଇଁ ଏହି ୩ ଶ୍ରେଣୀର ବ୍ରାହ୍ମଣଙ୍କ ଦାବୀ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସାମୁହିକ ବ୍ରତୋପନୟନ ମାର୍ଚ୍ଚ ମାସରେ ଏହି ପୀଠରେ ଅନୁଷ୍ଠିତ କରାଇବାକୁ ସ୍ଥିର କରାଗଲା। ଏଥିପାଇଁ ବ୍ରତୋପନୟନ କମିଟି ଓ ପଣ୍ଡିତ କମିଟି ଗଠନ କରାଯାଇ ଉପଯୁକ୍ତ ବ୍ରତୋପନୟନ ପ୍ରାର୍ଥୀଙ୍କୁ ଚୟନ କରିବାକୁ ନିଷ୍ପତ୍ତି ହେଲା । ଏହି କମିଟିରେ ପଣ୍ଡିତ ସୁରେନ୍ଦ୍ରନାଥ ମିଶ୍ର ଅଧ୍ୟକ୍ଷ, ମିନକେତନ ଶତପଥୀ, ବଳରାମ ଦାଶ, ଦେବୀ ପ୍ରସାଦ ଶତପଥୀ, ଦିଲ୍ଲୀପ କର, ସୀତାରାମ ଦାଶ, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ସୁଧିରକାନ୍ତ ଦାଶ, କୈଳାସ ଚନ୍ଦ୍ର ମହାପାତ୍ର, ତାରିଣୀ ଚରଣ ସାହୁ, ମୀନକେନତନ ରଥ, ପଣ୍ଡିତ ରାମେଶ୍ୱର ଶତପଥୀ, ପଣ୍ଡିତ ରତ୍ନାକର ଦାଶଙ୍କୁ ଚୟନ କରାଯାଇଥିଲା ବେଳେ ଗଙ୍ଗାଧର ମିଶ୍ରଙ୍କୁ ଆସିକା ବ୍ଲକ୍ ସୁପକାର କମିଟି ସଭାପତି ଭାବେ ମନୋନିତ କରାଯାଇଥିଲା। ବୈଠକରେ ଛବିଳରାମ ମିଶ୍ର, ଦିଲ୍ଲୀପ ପାଣିଗ୍ରାହୀ, ପ୍ରସନ୍ନ ତ୍ରିପାଠୀ, ଶକ୍ତି ପ୍ରସାଦ କର, ନିରୋଜ କୁମାର ପାଢୀ, କାଳୀ ଚରଣ ଚୌଧୁରୀ,ଉପେନ୍ଦ୍ର ନାଥ ମିଶ୍ର, ସୁକାନ୍ତ ମିଶ୍ର, ନିରଞ୍ଜନ ପଣ୍ଡା, ଶିବ ପ୍ରସାଦ ଶତପଥୀ, ନିଳମାଧବ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବୋରିବନ୍ଧ ଶୈବପୀଠରୁ ୭ ଶହ ବର୍ଷର ଶିଳାଲିପି ଉଦ୍ଧାର



ଭଞ୍ଜନଗର, (ସବ୍ୟୁ): ଶିବ ମନ୍ଦିର ପାଚେରୀ ନିର୍ମାଣ ପାଇଁ ମାଟି ଖୋଳୁ ଖୋଳୁ ବାହାରିଲା ଶିଳାଲିପି । କିଛି ଗୋଲାକୃତି ପଥର ସାଙ୍ଗକୁ ପୁରୁଣା ପ୍ରସ୍ତର ଖଣ୍ଡ । ବିନା ସରକାରୀ ସହାୟତାରେ ସ୍ଥାନୀୟ ମନ୍ଦିର କମିଟି ଦ୍ୱାରା ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ, ପଥର ଖଣ୍ଡର ଆବଶ୍ୟକତା ଦୃଷ୍ଟିରୁ ମାଟିତଳୁ ବାହାରିବା ଅଧିକାଂଶ ପଥରକୁ ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଗଲା । ସେଥିରୁ କିଛି ଶିଳାଲିପି ବାହାରିବା ପରେ ମନ୍ଦିର କମିଟି ତାହାକୁ ସଂରକ୍ଷିତ କରି ରଖିଲେ । ଏହା ପରେ ଆଲୋଚନା ଜୋର ଧରିଲା । ନାନା ମୁନିଙ୍କ ନାନା କଥା ପ୍ରକାରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଲା । ତେବେ ଏହି ଶିଳାଲେଖ ସଂକ୍ରାନ୍ତରେ ଅଭିଲେଖ ଗବେଷକ ବିଷ୍ଣୁ ମୋହନ ଅଧିକାରୀ କୁହନ୍ତି, ଉଦ୍ଧାର ହୋଇଥିବା ଶିଳାଲିପି ଏକ ମାଇଲ୍ ପଥର । ଯାହାକି ଅତୀତ ଓଡିଆ ଭାଷାର ବ୍ୟବହାରିକ ଲେଖା କଳିଙ୍ଗ ନାଗରୀକ ଭାଷା । ଏଥିରେ କୁଲାଡ ସ୍ଥିତ ବ୍ୟାଘ୍ର ଦେବୀଙ୍କ ପୀଠ ସ୍ଥଳକୁ ୪ ମାଇଲ ଦୂରତା ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ଯାହାକି ୧୩ ଶହରୁ ୧୪ ଶହ ମସିହାର ଏହି ଭାଷା ଲେଖା ବୋଲି ଅନୁମାନ କରିଛନ୍ତି ଶ୍ରୀ ଅଧିକାରୀ । ତେବେ ଏହା ଯଦି ପ୍ରମାଣ ଯୋଗ୍ୟ ହୋଇଥାଏ, ତା'ହେଲେ ସେହି ସମୟର ଆହୁରି କିଛି ଶିଳାଲିପି ଏବଂ ଇତିହାସ ସମ୍ପର୍କରେ ତଥ୍ୟ ମିଳିବା ଅସମ୍ଭବ ନୁହେଁ ବୋଲି କୁହାଯାଉଛି । ଏ ସଂକ୍ରାନ୍ତରେ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ଖବର ପାଇବା ପରେ ରାଜ୍ୟ ସଂଗ୍ରହାଳୟ ସହ ଯୋଗାଯୋଗ କରି, ଉଦ୍ଧାର ହୋଇଥିବା ସଂପୃକ୍ତ ଶିଳାଲିପିକୁ ନେଇ ସେଠାରେ ରଖାଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଆଉ କିଛି ଗବେଷକଙ୍କ କହିବା ପ୍ରକାରେ ଘୁମୁସର ଭଂଜ ରାଜବଂଶର ଶାସନ ଯଦି ଆଠଶହ ମସିହା ପରେ ପରେ ୧୮ଶହ ମସିହା ପରବର୍ତ୍ତୀ ସମୟ ଅର୍ଥାତ ହଜାରେ ବର୍ଷର ଶାସନ ରହିଥିଲା । ତେବେ ଏହା ପ୍ରାୟ ୭ ଶହ ବର୍ଷର କିମ୍ବଦନ୍ତୀ । ଏଣୁ ଏହା ନିଶ୍ଚିତ ଭାବେ ଭଂଜ ବଂଶୀୟ ଶାସନ ସମୟର ଶିଳାଲେଖ ବୋଲି ଅନୁମାନ କରାଯାଉଛି । ତେବେ ଏ ସଂକ୍ରାନ୍ତରେ ପ୍ରଶାସନ ଏବଂ ପ୍ରନ୍ତତତ୍ତ୍ୱ ବିଭାଗ ପକ୍ଷରୁ ଅଧିକ ତନାଘନା କରାଗଲେ ଆହୁରି କିଛି ଶିଳାଲିପି ବାହାରିବା ସମ୍ଭାବନା ରହିଛି । ଏହାସହ ଭଂଜ ଶାସନ ସମୟର ଅଧିକ କିଛି ଇତିହାସ ଲୋକଲୋଚନକୁ ଆସିବା ପାଇଁ ରାସ୍ତା ଉନ୍ମୁକ୍ତ ହେବ ଏଥିରେ ସନ୍ଦେହ ନାହିଁ ।

# ବୁଗୁଡ଼ା ବସଷ୍ଟାଣ୍ଡ ପଛ ଅନ୍ଧାର, ଜମୁଛି ମଦ୍ୟପାନର ଆସର

ବୁଗୁଡା, (ସବ୍ୟୁ) : ସଞ୍ଜ ନଇଁଲେ ବୁଗୁଡା ବସଷ୍ଟାଣ୍ଡ ପଛପଟରେ ଘୋଟି ଯାଉଛି ଅନ୍ଧକାର। ଏହାର ସୁଯୋଗ ନେଇ ସେଠାରେ ଜମି ଯାଉଛି ମଦ୍ୟପାନର ଆସର। ଫଳରେ ବସଷ୍ଟାଣ୍ଡ ପଛପଟକୁ କେହି ଯିବାକୁ ସୁବିଧା ମଣୁ ନାହାନ୍ତି। ଏହି ସମସ୍ୟା ଦେଖା ଦେଇଥିଲେ ବି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ଅଭିଯୋଗ ହେଉଛି। ପୂର୍ବରୁ ବସଷ୍ଟାଣ୍ଡ ପଛପଟରେ ଆଲୋକ ବ୍ୟବସ୍ଥା ରହୁଥିଲା ଏବଂ ଲୋକେ ପଛପଟେ ଥିବା ଛୋଟ ପାର୍କଟିର କଡେ କଡେ ବୁଲାବୁଲି କରୁଥିଲେ। ଏବେ କିନ୍ତୁ ସେଭଳି ସୁବିଧା ମିଳୁନି । ଏହାର ସୁଯୋଗ ନେଇ ସେଠାରେ ପଡିଥିବା ସିମେଣ୍ଟ ଚେୟାର ନିକଟରେ ମଦ୍ୟପଙ୍କ ଆଡ୍ଡା ଜମୁଛି । ଫଳରେ ଲୋକମାନେ ସେଠାକୁ ଯିବାକୁ ସଙ୍କୋଚ କରୁଛନ୍ତି । ଏହାର ପ୍ରତିକାର ପାଇଁ ଏନ୍ଏସି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ସାଙ୍ଗକୁ ପୋଲିସ ପେଟ୍ରୋଲିଂ କରିବା ପାଇ ସାଧାରଣରେ ଦାବି ହେଉଛି ।

# ଦରଦାମ ବୃଦ୍ଧି ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲା ବିଜେଡି



ବାରିପଦା, (ସବ୍ୟୁ) : ଖାଉଟି ସାମଗ୍ରୀ, ପେଟ୍ରୋଲ, ଡିଜେଲ ସମେତ ନିତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ବିରୋଧରେ ଏବଂ ସାଧାରଣ ଜନତାଙ୍କ ଉପରେ ବଢୁଥିବା ଆର୍ଥିକ ବୋଝ ପ୍ରତିବାଦରେ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଜନ ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ଓ ସାଧାରଣ ଜନତା ରାଲିରେ ସାମିଲ ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏହି ସଭାକୁ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡି ପରିଚାଳନା କରିଥିଲେ। ଏହି ଆନ୍ଦୋଳନରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଗଣେଶ୍ୱର ପାତ୍ର, ରାଜକିଶୋର ଦାସ, ମୟୂରଭଞ୍ଜ ସଦର ଜିଲ୍ଲା ସଭାପତି ଡଃ ଦେବାଶିଷ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସହ ବହୁ ଯୁବଛାତ୍ର କର୍ମୀ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧିତ କରି ଜିଲ୍ଲା ବିଜେଡି ସଭାପତି ଶ୍ରୀ ମାର୍ଣ୍ଡି କହିଥିଲେ ଯେ, ଡବଲ ଇଞ୍ଜିନ ସରକାରଙ୍କ ଜନବିରୋଧୀ ନୀତି ଯୋଗୁଁ ଆଜି ସାଧାରଣ ଜନତା ଦରଦାମ ମାଡ଼ରେ ଅତିଷ୍ଠ ହୋଇପଡ଼ିଛନ୍ତି। ଖାଉଟି ସାମଗ୍ରୀ, ପନିପରିବା, ରନ୍ଧନ ତୈଳ, ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ଯୋଗୁଁ ଗରିବ ଓ ମଧ୍ୟବିତ୍ତ ପରିବାରର ଘରୋଇ ବଜେଟ୍ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ମାର୍ଣ୍ଡି କହିଥିଲେ ଯେ, ବାରିପଦା ସହରରେ ଉନ୍ନତିକରଣ ନାମରେ ସାଧାରଣ ଲୋକଙ୍କ ଘର ଓ ଦୋକାନଗୁଡ଼ିକୁ ଅଯଥା ଭାବେ ଭଙ୍ଗାଯାଉଛି। ପୁନର୍ବାସ ବ୍ୟବସ୍ଥା ନ କରି ଲୋକଙ୍କ ଜୀବିକାକୁ ଧ୍ୱଂସ କରିବା ସରକାରଙ୍କ ଅମାନବୀୟ ଓ ଜନବିରୋଧୀ ମନୋଭାବର ପରିଚୟ। ସରକାର ଉନ୍ନତି ନାମରେ ଲୋକଙ୍କ ଜୀବନ ଓ ଜୀବିକା ସହ ଖେଳ ଖେଳୁଛନ୍ତି ବୋଲି ସେ ତୀବ୍ର ସମାଲୋଚନା କରିଥିଲେ। ଶେଷରେ ବିଜୁ ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଥିଲା ଯେ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଇନ୍ଧନ ମୂଲ୍ୟ ହ୍ରାସ ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।

# ୟୁବି ହାଇସ୍କୁଲର ଶିକ୍ଷକ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର



ଭଞ୍ଜନଗର, (ସବ୍ୟୁ) : ଆଜି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ପରିବେଶ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଜିଲ୍ଲା ସ୍ତରରେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସାରା ବିଶ୍ୱରେ ଆଜି ହାହାକାର ପଡ଼ି ଯାଇଛି। ବିଶ୍ୱ ଆଜି ବହୁ ମାତ୍ରାରେ ପ୍ରଦୂଷିତ। ବିଶ୍ୱ ଉଷ୍ମାୟନ ଫଳରେ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗିଛି। ଅନବରତ ଗଛ କଟା, ପ୍ଲାଷ୍ଟିକର ବହୁଳ ବ୍ୟବହାର, ଗାଡ଼ି ମଟର ନିର୍ଗତ ଧୂଳି ଧୂଆଁ ଇତ୍ୟାଦି ପୃଥିବୀକୁ ପ୍ରଦୂଷିତ କରିବାରେ ଲାଗିଥିବା ବେଳେ ଜଙ୍ଗଲ ଓ ପରିବେଶ ବିଭାଗ କିଛି ଅନନ୍ୟ ପଦକ୍ଷେପ ଗ୍ରହଣ କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ପ୍ରତିଭା ଗୁଡ଼ିକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର ପୁରସ୍କାର ପ୍ରଦାନ କରିଥାନ୍ତି। ଶୁକ୍ରବାର ବ୍ରହ୍ମପୁରଠାରେ ଜିଲ୍ଲାର ୨୨ ଗୋଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ଓ ୨୨ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରକୃତି ମିତ୍ର ପାଇଥିବା ଅନୁଷ୍ଠାନମାନଙ୍କୁ ପ୍ରମାଣପତ୍ର ସହ କୋଡ଼ିଏ ହଜାର ଟଙ୍କା ଏବଂ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ବ୍ୟକ୍ତି ବିଶେଷଙ୍କୁ ଦଶ ହଜାର ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ପିଏମ୍‌ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ଆଦି ଦିଗରେ ରାଲି, ଜନ ସଚେତନତା ଇତ୍ୟାଦି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି। ଏଥି ନିମନ୍ତେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବନ୍ଧୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ଧାନ ଉଠାଣ ସମସ୍ୟାକୁ ନେଇ ଚାଷୀଙ୍କ ଆନ୍ଦୋଳନ



କଳମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କଳମପୁର ପେକ୍ସ ଅଧୀନରେ ଥିବା ବଙ୍କାପଲା, ଦେପୁର,ବରଗାଁ,କଳମପୁର, ଏବଂ ପଣ୍ଡିଗାଁ ୫ ଟି ମଣ୍ଡି ର ଅଚଳାବସ୍ଥା ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ଶୁକ୍ରବାର ଦିନ ସକାଳ ୭ ଘଣ୍ଟା ସମୟରୁ ଚାଷୀମାନେ ଆନ୍ଦୋଳନ କୁ ଓହ୍ଲାଇବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିପିନ ପ୍ରଧାନ। ,ରବୀନ୍ଦ୍ର ନାଏକ,ଅଭିରାମ ବାଗ,ଉଗ୍ରେ ନାଏକ, ଶ୍ରୀବସ୍ତ ପଣ୍ଡା,ପଙ୍କଜ ଶର୍ମା,ରାଧେଶ୍ୟାମ ଶର୍ମାଙ୍କ ନେତୃତ୍ୱରେ ବଙ୍କାପାଲା ଠାରୁ ପାତ୍ରବସା ଯାଏଁ ବହୁ ସଂଖ୍ୟାରେ ଚାଷୀମାନେ ଅଂଶଗ୍ରହଣ କରି ସମସ୍ତ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିବା ସହ ଧାରଣା ରେ ବସିଥିଲେ। ଏଥିରେ ପୁର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ ଚାଷୀଙ୍କ ସମସ୍ୟା ଉପରେ ପ୍ରଶାସନ ଏବଂ ଚାଷୀ ସହିତ ଆଲୋଚନା କରି ସମାଧାନ ର ପଦକ୍ଷେପ ନେବାକୁ ଜୋର ଦେଇଥିଲେ। ପେକ୍ସ ସଭାପତି ଶଙ୍କର୍ଷଣ ବେହେରା ଙ୍କ ସମେତ ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ଷେତ୍ର ମୋହନ ବାଗ ଉପସ୍ଥିତ ଥିଲେ। ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀ,ତହସିଲଦାର ସ୍ମରଣିକା ତୁଳ ,ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରାଜାରାମ ହୋତା, ଏମ ଆଇ ଲିସା ସାହୁ,ପ୍ରମୁଖ ପହଞ୍ଚି ଚାଷୀଙ୍କ ଆବଶ୍ୟକ ମୁତାବକ ବସ୍ତା ଯୋଗାଣ, ମିଲର୍ସଙ୍କ ପରିବର୍ତ୍ତନ ସହ ଅଧିକ ମିଲର୍ସ ନିୟୋଜିତ, ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଭଳି ଦାବୀ ର ସମାଧାନ କରାଯିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ହୋତା ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତି ପାଇବା ପରେ ଦିନ ୧ ଘଣ୍ଟା ସମୟରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିଲେ।

## ମେଗାଲିଫ୍ଟ ଚାଷୀଙ୍କ ଦାବି ମାନିଲେ ସରକାର

# ଟୋକନ ଆସିଲା, ଆନ୍ଦୋଳନ ହଟିଲା



କୋକସରା,(ସବ୍ୟୁ): ମେଗାଲିଫ୍ଟ ଚାଷୀଙ୍କ ୨୭ ଦିନର ଆନ୍ଦୋଳନ ପରେ ରାଜ୍ୟ ସରକାର ଚାଷୀଙ୍କ ଦାବି ପୂରଣ କରିଛନ୍ତି। ମେଗାଲିଫ୍ଟ ଅଞ୍ଚଳ ଜୟପାଟଣା, କୋକସରା, ଧର୍ମଗଡ ବ୍ଲକର ୧୫ ହଜାର ଚାଷି ଚଳିତ ବର୍ଷ ମେଗାଲିଫ୍ଟ ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇ ରବିଧାନ ଚାଷ କରିଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ପି ପାସ ପୋର୍ଟାଲରେ ମେଗାଲିଫ୍ଟ ଅଞ୍ଚଳର ଚାଷୀଙ୍କ ପାଇଁ କୌଣସି ତଥ୍ୟ ନ ଆସିବାରୁ ୩ ବ୍ଲକର ଚାଷୀ ପଞ୍ଜିକରଣରୁ ୧୮,୮୮୫ ହେକ୍ଟର ଚାଷ ଜମିରେ ରବିଧାନ କରିଥିବା ଚାଷି ବାଦ ପଡ଼ିଥିଲେ। ଚାଷୀଙ୍କ ଏହି ସମସ୍ୟାକୁ ନେଇ ମେଗାଲିଫ୍ଟ କୃଷକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଶାସକ ଦଳର ଧର୍ମଗଡ ବିଧାୟକ ସମେତ ବିରୋଧୀ ଦଳର ଜୁନାଗଡ଼ ଓ ଲାଞ୍ଜିଗଡ଼ ବିଧାୟକଙ୍କ ସହ ଚାଷିଙ୍କ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ ସହ ପଞ୍ଜିକରଣ ଓ ଟୋକନ ନେଇ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ, ଆମରଣ ଅନଶନ ସହ ଧାରଣା ଜାରି ରଖିଥିଲେ। ମେଗାଲିଫ୍ଟ ଚାଷୀଙ୍କ ଏହି ସମସ୍ୟା ନେଇ କଳାହାଣ୍ଡି ସାଂସଦ ମାଳବିକା ଦେବି, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ଦେଇଥିବା ରିପୋର୍ଟକୁ ଭିତ୍ତି କରି ରାଜ୍ୟ ସରକାର ରବିଧାନ ବିକ୍ରି ପାଇଁ ଚାଷିଙ୍କ ଟୋକନ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ୫,୯୬୮ ଜଣ ଚାଷୀଙ୍କ ୮,୮୫୨ ଟୋକନ ଆସିଥିବା ଓ ଦ୍ୱିତୀୟ ପର୍ଯ୍ୟାୟରେ ପରବର୍ତ୍ତୀ ଚାଷୀଙ୍କ ଟୋକନ ଆସିଥିବା ସମ୍ପର୍କରେ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଟୋକନ ନେଇ ସ୍ପଷ୍ଟୀକରଣ କିମ୍ବା ତଥ୍ୟ ଭିତ୍ତିକ ରିପୋର୍ଟ ନଦେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବା ନେଇ ଚାଷୀ ସଙ୍ଗଠନ ପକ୍ଷରୁ ଅଡ଼ି ବସିଥିଲେ।

ଦିନ ୧୨ ଘଣ୍ଟା ପାଖାପାଖି ମେଗାଲିଫ୍ଟ ଅଞ୍ଚଳର ଚାଷିଙ୍କ ଟୋକନ ଜାରି ହୋଇଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ ଓ ଚାଷିଙ୍କ ମୋବାଇଲରେ ମେସେଜ ଆସିବା ପରେ ଚାଷୀଙ୍କ ମନରେ ଖୁସିର ଲହରୀ ହୋଇଥିଲା। କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ ଚାଷି ଆନ୍ଦୋଳନ ସ୍ଥଳରେ ପହଞ୍ଚି ଟୋକନ ଆସିଥିବା ନେଇ ସୂଚନା ଦେବାସହ ଆମରଣ ଅନଶନ ପ୍ରତ୍ୟାହୃତ କରିବାକୁ କହିଥିଲେ। ୨୭ ଦିନ ଧରି ଆନ୍ଦୋଳନ ରତ ଚାଷୀ ନିଜର ନ୍ୟାର୍ଯ୍ୟ ହକ ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ମେଗାଲିଫ୍ଟ କୃଷକ ସଙ୍ଘର ସଭାପତି ପୁରୁଷୋତ୍ତମ ଗୁପ୍ତା, ଆବାହକ ରାଜୀବ କୁମାର ଅଗ୍ରୱାଲ, ସମ୍ପାଦକ ଦିଗାମ୍ବର ଦୁରିଆ ଆନ୍ଦୋଳନ ପ୍ରତ୍ୟାହୃତ ପୂର୍ବରୁ ଆନ୍ଦୋଳନରେ ସାମିଲ ଥିବା ୩ ବ୍ଲକର ଚାଷି, ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ସାଂସଦ, ଧର୍ମଗଡ ବିଧାୟକ, ବିରୋଧୀ ନେତୃବୃନ୍ଦ, ସହଯୋଗ କରିଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହ ଚାଷିଙ୍କ ଏହି ବିଜୟର ଶ୍ରେୟ ଦେଇଥିଲେ। ପରେ କୃଷକ ସଂଘର ସଭାପତି ପୁରୁଷୋତ୍ତମ ଗୁପ୍ତା ଆନ୍ଦୋଳନକୁ ସଫଳ କରିଥିବା ସମସ୍ତ ଚାଷି, ଜନ ପ୍ରତିନିଧିଙ୍କୁ ଧନ୍ୟବାଦ ଦେବାସହ ଆନ୍ଦୋଳନ ପ୍ରତ୍ୟାହୃତ ନେଇ ଘୋଷଣା କରିଥିଲେ। ଦୀର୍ଘ ୨୭ ଦିନର ଆନ୍ଦୋଳନର ସଫଳତା ପରେ ବିଜୟ ଉତ୍ସବ ପାଳନ କରିଥିଲେ ମେଗାଲିଫ୍ଟ ଅଞ୍ଚଳର ଚାଷୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଆମ୍ବୁଲାନ୍ସ ନମିଳିବାରୁ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ରାୟଗଡା,(ସବ୍ୟୁ): ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ସମୟରେ ଆମ୍ବୁଲାନ୍ସ ସେବା ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ମୃତ ଯୁବକ ହେଲେ କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଭାଲୁମାସ୍କା ଅଞ୍ଚଳର ଅରୁଣ ପ୍ରାସ୍କା। ସୂଚନା ଅନୁସାରେ ଅରୁଣ ଜଣେ ସାଙ୍ଗଙ୍କ ଜନ୍ମଦିନ ପାଳନ କରିବା ପାଇଁ ରାୟଗଡା ଆସିଥିଲେ। ଘରକୁ ଫେରୁଥିବା ବେଳେ କୌଣସି କାରଣବଶତଃ ସେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ରାୟଗଡା ସହରର ରୟତ କଲୋନୀ ନିକଟରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଅରୁଣ ଗୁରୁତର ଆହତ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ପରିବାର ଲୋକ ମଧ୍ୟ ହସ୍ପିଟାଲରେ ପହଞ୍ଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରମାନେ ଅରୁଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ତେବେ ରାତି ସମୟରେ ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ନ ହେବାରୁ ପରିବାର ସଦସ୍ୟମାନେ ହସ୍ପିଟାଲ ପ୍ରଶାସନ ଓ ମ୍ୟାନେଜରଙ୍କ ସହ ଯୋଗାଯୋଗ କରି ଆମ୍ବୁଲାନ୍ସ ଯୋଗାଇବାକୁ ଅନୁରୋଧ କରିଥିଲେ। କିନ୍ତୁ ସେମାନଙ୍କୁ କୌଣସି ସହଯୋଗ ମିଳିନଥିବା ଅଭିଯୋଗ ହୋଇଛି। ଆମ୍ବୁଲାନ୍ସ ନ ମିଳିବା ଏବଂ ଚିକିତ୍ସାରେ ଅବହେଳା ଯୋଗୁଁ ଅରୁଣଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସମ୍ପର୍କୀୟ ମହେଶ୍ୱର କୁଣ୍ଡୁ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହା ଛଡ଼ା ଅନ୍ୟ ଏକ ଦୁର୍ଘଟଣାରେ ସାଇପ୍ରିୟା ନଗର ନିକଟ ଜାତୀୟ ରାଜପଥ କଡ଼ରୁ ଜଣେ ଅଜଣା ଯୁବକଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କୋରାପୁଟର ଦେବଦତ୍ତ ପାତ୍ର ନାମକ ଜଣେ ଯୁବକ ତାଙ୍କୁ ଉଦ୍ଧାର କରି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟସ୍ଥ ଏସଏଲଏନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ପାନୀୟ ଜଳ ସମସ୍ୟାକୁ ନେଇ ଜାତୀୟ ରାଜପଥ ଅବରୋଧ

ରାୟଗଡା,(ସବ୍ୟୁ): ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ସମାଧାନ ହେଉ ନଥିବାରୁ ଶୁକ୍ରବାର ସକାଳୁ କୋରାପୁଟ -ରାୟଗଡା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ସ୍ଥିତ କୁମ୍ଭିକୋଟା ଗ୍ରାମ ଠାରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଥିଲେ । ପାନୀୟ ଜଳ ସମସ୍ୟାକୁ ନେଇ ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ କୁମ୍ଭିକୋଟା ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପିଇବା ପାଣି ଯୋଗାଣ ଦାବିରେ ଶତାଧିକ ଗ୍ରାମବାସୀ କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଛି। ଦୀର୍ଘଦିନ ଧରି ଜଳ ସଙ୍କଟ ଲାଗି ରହିଥିବା ବେଳେ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ କୁମ୍ଭିକୋଟା ଗାଁରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ନେଇଛି। ଶତାଧିକ ଗ୍ରାମବାସୀ ଗରା ଓ ବାଲ୍ଟି ଧରି କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ଗାଁରେ ପାନୀୟ ଜଳ ସଙ୍କଟ ଲାଗି ରହିଛି। ସମସ୍ୟା ସମାଧାନ ପାଇଁ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇନାହ। ପାଣି ଯୋଗାଣ ନହେଲେ ରାସ୍ତାରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ଜିଦ୍ ଧରି ବସିଥିଲେ । ଘଟଣାକୁ ନେଇ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି ଯେ ସେହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ରହିଛି ଏବଂ ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ। ବର୍ତ୍ତମାନ ରାୟଗଡ଼ା ଅତିରିକ୍ତ ବିଡ଼ିଓ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି। ବାରମ୍ବାର ବିଜୁଳି କାଟ ସମସ୍ୟା ହେଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ସର୍ବଭାରତୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଟାଉନ ହଲ ପଡ଼ିଆ ଠାରେ ସମ୍ବଲପୁର କବାଡି ଲଭର୍ସ ଆସୋସିଏସନ ପକ୍ଷରୁ ପ୍ରଥମ ସର୍ବଭାରତୀୟ ସମ୍ବଲପୁର କବାଡି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏସୋସିଏସନର ସଭାପତି ତଥା ବିଧାୟକ ଜୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସମାରୋହରେ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ପୋଲିସ ଆଇଜି ହିମାଂଶୁ ଲାଲ, ଝାରସୁଗୁଡ଼ା ଏସପି ଜି. ରାଘବେନ୍ଦ୍ର ରେଡ୍ଡୀ ଓ ମହାନଗର କମିସନର ରେହାନ କ୍ଷତ୍ରୀ ପ୍ରମୁଖଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ବିଳାସପୁର ଓ ଆୟୋଜକ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଳାସପୁର ଦଳ ୫୭-୨୮ ପଏଣ୍ଟରେ ସମ୍ବଲପୁର ଠାରୁ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଅଖିଳ ଭାରତୀୟ କବାଡି ମହାସଂଘର ସ୍ୱୀକୃତ ରେଫରୀ ମାନେ ଧାର୍ଯ୍ୟ ନିୟମ ଅନୁସାରେ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ଆସନ୍ତା ୭ ତାରିଖ ସନ୍ଧ୍ୟାରେ ଏହି ପ୍ରତିଯୋଗିତା ଉଦଯାପିତ ହେବ। ଏହି ପ୍ରତିଯୋଗିତାରେ ନୂଆଦିଲ୍ଲୀର ନନ୍ଦଲାଲ ଏକାଡେମୀ, ଉତ୍ତର ପ୍ରଦେଶ ୟୁପି ମଞ୍ଜିତ, ଛତିଶଗଡ଼ର ଟିଙ୍ଗରାଜପଡା, ଆନ୍ଧ୍ରପ୍ରଦେଶର ସ୍କାଇ ଆନ୍ଧ୍ର, କଟକର ବାରବାଟୀ ସ୍ପୋର୍ଟ କ୍ଲବ, ମୁମ୍ବାଇର ମୁମ୍ବାଇ ପୋଲିସ, ମଧ୍ୟପ୍ରଦେଶର ଷ୍ଟାର୍ଟ ସ୍ପୋର୍ଟ, ଗୁଜୁରାଟର ଗୁଜୁରାଟ ଇନକମ ଟାକ୍ସ ଟିମ, ହରିୟାଣାର ବାବା ହରିଦାଶ ସ୍ପୋର୍ଟ ଓ ସ୍ଥାନୀୟ ସମ୍ବଲପୁର ଟିମ ଭାଗ ନେଇଥିବା ଜଣାପଡ଼ିଛି ।

# ରାତ୍ରୀକାଳିନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡ଼ାଠାରେ ମା' ସମଲେଶ୍ୱରୀ ଭଲିବଲ କ୍ଲବ ପକ୍ଷରୁ୨ ଦିନିଆ ରାତ୍ରୀକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ -୨୦୨୬ ଇତିମଧ୍ୟରେ ଅତିଥି ଗ୍ରାମର ଜମିଦାର ବସନ୍ତ ମାଝୀ, ଶିକ୍ଷକ ସୁଶାନ୍ତ ମାଝୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଘଣ୍ଟାପଡ଼ା ଏ ଓ ସାଲେପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏଥିରେ ସାଲେପାଲି ଦଳ ୨-୧ରେ ପରାସ୍ତ କରି ପରବର୍ତ୍ତୀ ମ୍ୟାଚ ଖେଳିବାର ଯୋଗ୍ୟତା ହାସଲ କରିଛି। ସେହିପରି ୨ୟ ମ୍ୟାଚ ରେଙ୍ଗାଲି ଓ ଚାଣ୍ଡିପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ଦଳ ୨୮-୨୬, ୨୪- ୧୫ ସିଧାସଳଖ ୨-୦ ସେଟରେ ବିଜୟ ଲାଭ କରି ପରବର୍ତ୍ତୀ ମ୍ୟାଚରେ ସାଲେପାଲି ସହିତ ସେମିଫାଇନାଲ ଖେଳିଥିଲା। ପ୍ରଥମ ରାଉଣ୍ଡ ସୁଦ୍ଧା ସାଲେପାଲି ଲଗାତର ୩ -୦ ସେଟରେ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛି। ଉକ୍ତ ମ୍ୟାଚ ଗୁଡ଼ିକୁ ସଞ୍ଜିବ ସାହୁ, ବୀରବାହୁ ମାଝୀ, ସିଦ୍ଧାନ୍ତ ଦେହୁରୀ ଖେଳ ପରିଚାଳନା କରିଥିବା ସ୍ଥଳେ ପ୍ରଭାକର କହଁର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ବିରେନ୍ଦ୍ର ଦେହୁରୀ ଧାରା ବିବରଣୀ ପ୍ରଦାନ କରିଥିଲେ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବିଶ୍ୱ ପରିବେଶ ଦିବସ ପାଳିତ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକ ଚୂଲିଫୁଙ୍କା ପଞ୍ଚାୟତ ସଭାଗୃହରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ( ମୋ ଗାଁ ମୋ ଦାୟିତ୍ୱ ) ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରପଞ୍ଚ ଯମୁନା ବେହେରା ଉପସ୍ଥିତ ଥିଲେ। ପିଇଓ ପରମାନନ୍ଦ ମହାନନ୍ଦ ବିଶ୍ୱ ପରିବେଶ ଉପରେ ଲୋକଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଗାଁ କୁ ସ୍ୱଚ୍ଛ, ରାସ୍ତା ଘାଟକୁ ସଫା ରଖିବା, ପ୍ରତେକ ବର୍ଷ ଗଛ ଲଗାଇବା ,ପାଇଁ ପରାମର୍ଶ ଦେଇଥିଲେ। ପରେ ପଞ୍ଚାୟତର ପଛପଟେ ବୃକ୍ଷ ଲଗାଇଥିଲେ। ଏଥିରେ ଚୁଲିଫୁଙ୍କା ଗାଁର ସିଆରପି ପ୍ରିୟା ଦାସ ସହିତ ପଞ୍ଚାୟତର ସମସ୍ତ କର୍ମଚାରୀ ଓ ମହିଳା ଗୋଷ୍ଠୀ ଉପସ୍ଥିତ ରହି ଗଛ ଲଗାଇ ଶପଥ ନେଇଥିଲେ।

# ଦୃଷ୍ଟିହୀନ ବିକ୍ରମଙ୍କୁ ସହଯୋଗର ହାତ ବଢ଼ାଇଲେ ସାଂସଦ

ପଦ୍ମପୁର,(ସବ୍ୟୁ): ସମାଜର ଦୁର୍ବଳ, ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପ୍ରତି ସହଯୋଗର ହାତ ବଢ଼ାଇବା ହିଁ ପ୍ରକୃତ ସାମାଜିକ ଦାୟିତ୍ୱବୋଧର ପରିଚୟ। ଏହି କଥାକୁ ସତ୍ୟ ପ୍ରମାଣିତ କରିଛନ୍ତି ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ। ପଦ୍ମପୁର ଅଞ୍ଚଳର ମାଟିଆମହୁଲ ଗ୍ରାମର ଦୃଷ୍ଟିହୀନ ଯୁବକ ବିକ୍ରମଙ୍କ ବିବାହ ଅବସରରେ ସାଂସଦଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସହଯୋଗ ଏବଂ ଶୁଭେଚ୍ଛା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିକ୍ରମ ଜଣେ ଦୃଷ୍ଟିହୀନ ଯୁବକ ହୋଇଥିଲେ ମଧ୍ୟ ନିଜ ଜୀବନରେ ଆଗକୁ ବଢ଼ିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ରହିଛନ୍ତି। ତାଙ୍କ ବିବାହ ଉତ୍ସବ ପରିବାର ପାଇଁ ଏକ ଖୁସିର ମୁହୂର୍ତ୍ତ ହୋଇଥିବା ବେଳେ, ଏହି ଅବସରରେ ସାଂସଦଙ୍କ ପକ୍ଷରୁ ମିଳିଥିବା ସହଯୋଗ ସେମାନଙ୍କ ଆନନ୍ଦକୁ ଦ୍ୱିଗୁଣିତ କରିଦେଇଛି। ସାଂସଦ ପ୍ରଦୀପ ପୁରୋହିତ ବ୍ୟକ୍ତିଗତ କାରଣରୁ ବିବାହ ଉତ୍ସବରେ ଯୋଗ ଦେଇପାରି ନଥିଲେ ମଧ୍ୟ ନିଜ ପ୍ରତିନିଧିଙ୍କୁ ପଠାଇ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ।

# ଆଗାମୀ ବର୍ଷା ଋତୁ ପାଇଁ ପୌରପାଳିକା ପକ୍ଷରୁ ପ୍ରସ୍ତୁତି ବୈଠକ




ବଲାଙ୍ଗିର,(ସବ୍ୟୁ): ଆଗାମୀ ବର୍ଷା ଋତୁକୁ ସଫଳତାର ସହ ମୁକାବିଲା କରିବା ଓ ସହରରେ ପାଣି ଜମା ସମସ୍ୟାକୁ ରୋକିବା ଲକ୍ଷ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ତଥା ଡୁଡା ପୋଜେକ୍ଟ ଡାଇରେକ୍ଟର, ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୌରପାଳିକାର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା।ଆଗାମୀ ବର୍ଷା ଋତୁ ସମୟରେ ସମ୍ଭାବ୍ୟ ସମସ୍ୟା ଓ ସେଗୁଡ଼ିକର ମୁକାବିଲା ପାଇଁ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ପୌରାଧ୍ୟକ୍ଷା ଲୀକା ସାହୁ, ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗ , ପାନୀୟ ଜଳ ବିଭାଗ, କ୍ଷୁଦ୍ର ଜଳସେଚନ, ଏନଏଚ, ରେଳବାଇ, ଓଡ୍ରାଫ, ଅଗ୍ନିଶମ, ବନ ବିଭାଗ, ପୋଲିସ ବିଭାଗ, ତହସିଲ ପ୍ରଶାସନ ଏବଂ ସିଡିଏମଓ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପୌରାଧ୍ୟକ୍ଷା ଲୀକା ସାହୁ ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ସ୍ଥାନଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗର ଅଧିକାରୀମାନଙ୍କୁ ଅବଗତ ସହିତ ତୁରନ୍ତ ତାର ସମାଧାନ କାରିବା ପାଇଁ କହିଥିଲେ। ପିଡି ଡୁଡ଼ା ତରଣୀ ସୁନା ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତ ଉଦ୍ୟମରେ କାର୍ଯ୍ୟ କରିବା ଏବଂ ସହର ରେ ଚାଲିଥିବା ଅଧପନ୍ତରିଆ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଶେଷ କରିବା ପାଇଁ ଅନୁରୋଧ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ବର୍ଷା ଋତୁ ସମୟରେ ନିୟମିତ ଭାବରେ ଏଭଳି ସମୀକ୍ଷା ବୈଠକ ଆୟୋଜନ କରାଯିବ। ବୈଠକରେ ଉପସ୍ଥିତ ସମସ୍ତ ବିଭାଗ ନିଜ ନିଜ କ୍ଷେତ୍ରରେ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଥିବା ଏବଂ ବର୍ଷାଜନିତ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଜଣାଇଥିଲେ।ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ ।

# ଧରିତ୍ରୀ ରକ୍ଷା ପାଇଁ ନୂଆପଡ଼ାରେ ମହାସଂକଳ୍ପ : ୮୭ କେଜି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫା




ନୂଆପଡ଼ା,(ସବ୍ୟୁ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପକ୍ଷରୁ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ମୂଳ ମନ୍ତ୍ର ଥିଲା ପ୍ରକୃତି ପାଇଁ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ। ପରିବେଶ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସକାଳେ କଲେକ୍ଟରେଟ ପରିସରରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସାଇକେଲ ଶୋଭା ଯାତ୍ରା ଆୟୋଜିତ ହୋଇଥିଲା। ପରେ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ଏକ ପେଡ଼ ମା' କେ ନାମ' ଅଭିଯାନ ଅଧୀନରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଜୟ ଢୋଲକିଆ ବିକାଶ ସହ ପରିବେଶର ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଉନ୍ନୟନମୂଳକ କାର୍ଯ୍ୟ ସମୟରେ ଯଥାସମ୍ଭବ ଗଛ କାଟିବା ପରିବର୍ତ୍ତେ, ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରି ସଂରକ୍ଷଣ କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ଢୋଲକିଆ ପ୍ରକାଶ କରିଥିଲେ।

ସଭାରେ ସଭାପତିତ୍ୱ କରି ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରକୃତି ସୁରକ୍ଷାକୁ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ବୋଲି ଅଭିହିତ କରିଥିଲେ। ସେ କହିଥିଲେ ଯେ,ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଉତ୍ତାପ ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ଏକମାତ୍ର ମୁକାବିଲା ହେଉଛି ବୃକ୍ଷରୋପଣ। ଅନୁରୋଧ କରାଯାଇଥିଲା ଆସନ୍ତୁ, ସମସ୍ତେ ମିଶି ଗଛ ଲଗାଇବା,ଗଛ ବଞ୍ଚାଇବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପୃଥିବୀ ଗଢ଼ି ତୋଳିବା।

ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ପରିବେଶ ସୁରକ୍ଷା ଆଇନ, ବନ୍ୟଜନ୍ତୁ ସୁରକ୍ଷା ଆଇନ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ, ୨୦୨୬ ବିଷୟରେ ଆଲୋକପାତ କରି ସମସ୍ତଙ୍କୁ ଆଇନଗତ ଭାବେ ସଚେତନ କରାଇଥିଲେ। ଏ ଅବସର ରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠନକୁ ପୁରସ୍କୃତ କରାଯାଇଛି। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗାୟତ୍ରୀ ପଣ୍ଡା, ଘନଶ୍ୟାମ କରୁଆଁ, ନରେଶ ମେହେର ଓ କ୍ଷୀରୋଦ ବନ୍ଧିଛୋର ଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ, ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିଜା ଆଚାର୍ଯ୍ୟଙ୍କୁ 'ପ୍ରକୃତି ମିତ୍ର' ସମ୍ମାନ ଏବଂ ଖୋଲି ଭିତର ଗ୍ରାମକୁ 'ପ୍ରକୃତି ଗ୍ରାମ' ସମ୍ମାନ ପ୍ରଦାନ କରାଯାଇଥିଲା।

ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବିରୋଧୀ ଜନଆନ୍ଦୋଳନ ର ସଫଳତାର ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାପାଳ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା' ଅଭିଯାନ କୁ ଆହୁରି ବ୍ୟାପକ କରି ଜିଲ୍ଲା କୁ ବିଶ୍ୱ ସ୍ତରରେ ଏକ ଆଦର୍ଶ ପରିବେଶ ବନ୍ଧବ ଜିଲ୍ଲା ଭାବେ ଗଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂ,ଖଡ଼ିଆଳ ଡିଏଫଓ ଏମ୍. ଅଜିଜ୍ ଖାନ୍, ସୁନାବେଡ଼ା ଅଭୟାରଣ୍ୟ ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାସ, ସିଆରପିଏଫ ର ବରିଷ୍ଠ ଅଧିକାରୀ ଏରିକ୍ ଗିଲବର୍ଟ ଜୋସ, ୧୯ ବାଟାଲିୟନ କମାଣ୍ଡେଣ୍ଟ ଦୀପକ ମଣି ତ୍ରିପାଠୀ, ଏସିଏଫ ଅଜୟ ଖେସ, କେନ୍ଦ୍ରୀୟ ବିଦ୍ୟାଳୟ ର ଅଧକ୍ଷ ବଳରାମ ମିଶ୍ର, ସମେତ ଶିକ୍ଷକ ଶିକ୍ଷୟତ୍ରୀ, ଅଧିକାର ମିତ୍ର ବହୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମିସ୍ ଇଣ୍ଡିଆ-୨୦୨୬ ପ୍ରତିଯୋଗିତାରେ ଭାଗନେବେ ସୋନମ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଅଞ୍ଚଳର ସୋନମ୍ ଆଚାର୍ଯ୍ୟ(୨୫) ପିଆଣ୍ଡଆଇ ମିସ୍ ଇଣ୍ଡିଆ-୨୦୨୬ ପ୍ରତିଯୋଗିତାରେ ଭାଗ ନେବେ । ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ମାସରେ ଅହମ୍ମଦାବାଦ ଠାରେ ଆୟୋଜିତ ହେବ। ଏଥିପାଇଁ ସେ ପ୍ରସ୍ତୁତି ଚଳାଇଛନ୍ତି। ସୂଚନାଯୋଗ୍ୟ, ପିତାବରଦାପ୍ରସାଦ ଆଚାର୍ଯ୍ୟ ଓ ମାତା ଦିପ୍ତୀମୟୀ ଦାଶଙ୍କ ସାନଝିଅ ସୋନମ୍ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାରରେ ଇଲୋକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହ ସେ ଜଣେ ପ୍ରଶିକ୍ଷିତ ଓଡ଼ିଶୀ ନୃତ୍ୟଶିଳ୍ପୀ। ପେଶାଗତ ଜୀବନ ସହ କଳା, ସଂସ୍କୃତି ଓ ଫ୍ୟାଶନ୍ ପ୍ରତି ତାଙ୍କର ବେଶ୍ ଆଗ୍ରହ ରହିଛି। ଯାହା ତାଙ୍କୁ ସଫଳତା ପାହାଚ ଚଢିବାରେ ସାହାର୍ଯ୍ୟ କରୁଛି। କଲେଜ ସମୟରୁ ସେ ମଡେଲିଂ ଆରମ୍ଭ କରିଥିଲେ। ମିସ୍ ଟିନ୍ ଇଣ୍ଡିଆ' ପ୍ରତିଯୋଗିତାରେ ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଯାହା ତାଙ୍କୁ ମଡେଲିଂ ପ୍ରତି ଅନୁପ୍ରାଣିତ କରିଥିଲା। ନିଜର ଦକ୍ଷତାକୁ ଆହୁରି ଶାଣିତ କରିବା ପାଇଁ ସେ ପ୍ରସିଦ୍ଧ ଗୁମର କେୟୁର ଦେଶାଇଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୨୦୨୩ ମସିହାରେ 'ଓଡ଼ିଶା କ୍ୱିନ୍' ଫ୍ୟାଶନ୍ ଶୋ'ରେ ପ୍ରଥମ ରନର୍ସ-ଅପ୍ ହୋଇଥିଲେ। ସେହିପରି ନିଜର ପ୍ରତିଭା, ଆତ୍ମବିଶ୍ୱାସ ଓ ଅବିରତ ପରିଶ୍ରମ ବଳରେ ସେ ନିକଟରେ ମିସ୍ ଗ୍ରାଣ୍ଡ ଓଡ଼ିଶା-୨୦୨୬ ମୁକୁଟ ହାସଲ କରିଛନ୍ତି। ଏବେ ସୋନମ୍‌ଙ୍କ ଲକ୍ଷ୍ୟ କେବଳ ଜାତୀୟ ମଞ୍ଚରେ ଭଲ ପ୍ରଦର୍ଶନ କରିବା ନୁହେଁ, ବରଂ ପିଆଣ୍ଡଆଇ ମିସ୍ ଇଣ୍ଡିଆ-୨୦୨୬ ମୁକୁଟ ହାସଲ କରି ସମଗ୍ର ଦେଶ ସମ୍ମୁଖରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଗୌରବକୁ ଉଜାଗର କରିବା। ତେବେ ସୋନମ୍‌ଙ୍କ ଏହି ସ୍ୱର୍ଣ୍ଣିମ ଯାତ୍ରା ଅନ୍ୟ ମାନଙ୍କ ପାଇଁ ବେଶ ପ୍ରେରଣାଦାୟୀ ହେବ ବୋଲି ଆଶା କରାଯାଉଛି।

# ଅପହରଣ ଓ ଲୁଟ୍ ଘଟଣାରେ ପିସ୍ତଲ ସହ ୫ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ବାହାମ ଗ୍ରାମ ନିକଟରେ ଜଣେ ପୂଜକ ଏବଂ ତାଙ୍କ ସହଯୋଗୀଙ୍କ ଠାରୁ ନଗଦ ଟଙ୍କା, ମୋବାଇଲ ଫୋନ, ବାଇକ ଲୁଟ୍ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ଠେମରା ଗ୍ରାମର ସୁମନ ଗର୍ଡିଆ(୨୦) ଓ ଭୋଳାନାଥ ଚାନ୍ଦ(୨୭), ଡୁମେରପାଲିର ଶ୍ରୀକାନ୍ତ ସୁନାନୀ(୨୦) , ରାଜେଶ ନନ୍ଦ(୧୯) ଓ ନିଳାମ୍ବର ବେସନ(୪୨) ବୋଲି ଜଣାପଡିଛି। ଅଭିଯୁକ୍ତ ମାନଙ୍କ ଠାରୁ ଏକ କାର, ୨ଟି ବାଇକ, ଏକ ଦେଶୀ ବନ୍ଧୁକ, ୩ଟି ଛୁରୀ, ମୋବାଇଲ ଫୋନ ଓ ନଗଦ ୧୩୦୦ଟଙ୍କା। ଜବତ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଥାନା ଅନ୍ତର୍ଗତ କଟରକେଲା ଗ୍ରାମର ସୁରେନ୍ଦ୍ର ଭୋଇ ଓ ରାଜୀବ ଦାଶ ବାହାମ ଗ୍ରାମର ସଦାନନ୍ଦ ମିର୍ଦ୍ଧାଙ୍କ ଘରେ ପୂଜା ଅନୁଷ୍ଠାନ କରିବା ପାଇଁ ଗତ ୧ତାରିଖ ଦିନ ଆସିଥିଲେ। ପୂଜା ସମ୍ପନ୍ନ ହେବା ପରେ ଦୁହେଁ ନିକଟସ୍ଥ କେନାଲରେ ଶୌଚ ପାଇଁ ଅଟକିଥିଲେ। ଏହି ସମୟରେ ୯ଜଣ ଅଭିଯୁକ୍ତ ୩ଟି ବାଇକ ଯୋଗେ ଆସି ଉଭୟଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ୧ଟି ମୋବାଇଲ ଫୋନ, ବାଇକ ଓ ନଗଦ ୧୩୦୦ଟଙ୍କା ଲୁଟି ନେଇଥିଲେ। ଏପରିକି ଅଭିଯୁକ୍ତ ମାନେ ଉଭୟ ଅଭିଯୋଗକାରୀଙ୍କୁ ବଳପୂର୍ବକ ଅପହରଣ କରି ଏକ ନିଛାଟିଆ ସ୍ଥାନରେ ଶାରୀରିକ ନିର୍ଯାତନା ଦେଇଥିଲେ। ନିର୍ଯାତନା ପରେ ୨ତାରିଖ ସକାଳେ ଜନ ସହଯୋଗ କେନ୍ଦ୍ରକୁ ନେଇ ବଳପୂର୍ବକ ଟଙ୍କା କାଢିବା ପାଇଁ କହିଥିଲେ। ତେବେ ଆଧାର କାର୍ଡ ନଥିବାରୁ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ ହୋଇ ପାରିନଥିଲା। ଏହାପରେ ଅଭିଯୁକ୍ତ ମାନେ ରାଜୀବଙ୍କୁ ଉକ୍ତ କାର ଯୋଗେ ତାଙ୍କ ଘରକୁ ନେଇ ୩୦ହଜାର ଟଙ୍କା ଦାବି କରିଥିଲେ। ତେବେ ରାଜୀବ କୌଶଳ କ୍ରମେ ଏମାନଙ୍କ କବଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏହାପରେ ସେମାନେ ସୁରେନ୍ଦ୍ରଙ୍କୁ ସେରସୁଆଁତଳ ଛକରେ ଛାଡି ଫେରାର ହୋଇ ଯାଇଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ୧୭୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ପଞ୍ଚାୟତ ଅଫିସରେ ସ୍ୱାସ୍ଥ୍ୟକର୍ମୀଙ୍କୁ ମାଡ଼ ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ କେଶାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀଙ୍କୁ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଯୁଯୋମୁରା ଥାନାରେ ୧୦୦/୨୬ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, କେଶାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଶିବ ଶଙ୍କର ବେହେରା ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ ଫୋନ ଯୋଗେ ଯୁଯୁମୁରା ପଞ୍ଚାୟତ ଅଫିସକୁ ଡକା ଯାଇଥିଲା। ସେ ସେଠାରେ ପହଞ୍ଚିବା ପରେ ଦୀପକ ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ ଓ ଅନ୍ୟ ଦୁଇ ଜଣ ବ୍ୟକ୍ତି ତାଙ୍କୁ ମାଡ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ଛୁରାମାଡ଼ରେ ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ

ରାୟଗଡା,(ସବ୍ୟୁ): ବିଳମ୍ବିତ ରାତିରେ ଟାଇଲ୍ କଟିଂ ମେସିନକୁ କେନ୍ଦ୍ର କରି ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ କରାଯାଇଛିଚ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଆହତ ଯୁବକ ଜଣକ ବିହାର ରାଜ୍ୟର ଏମ୍.ଡି. ସରଫରାଜ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ରାୟଗଡା ସହରର କସ୍ତୁରୀ ନଗର ଅଞ୍ଚଳରେ ବିହାର ରାଜ୍ୟର ବେଲା ଅଞ୍ଚଳର କିଛି ଯୁବକ ରହି ଟାଇଲ୍ କାମ କରୁଥିଲେ। ସରଫରାଜଙ୍କ ପଡ଼ୋଶୀ ଏମ୍.ଡି. ସୟଦ ତାଙ୍କଠାରୁ ଏକ ଟାଇଲ୍ କଟିଂ ମେସିନ ନେଇଥିଲେ। ତେବେ ବହୁଦିନ ଧରି ମେସିନଟି ଫେରାଇ ନଦେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ବଚସା ଉଗ୍ର ରୂପ ନେବା ପରେ ସୟଦ ଏକ ଛୁରୀରେ ସରଫରାଜଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ସରଫରାଜଙ୍କ ସହଯୋଗୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଘଟଣା ସମ୍ପର୍କରେ ରାୟଗଡା ଟାଉନ ଥାନାକୁ ସୂଚନା ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଥିବା ପୋଲିସ ସୁଚନା ଦେଇଛି। ସୂଚନାଯୋଗ୍ୟ ଯେ ରାୟଗଡା ସହର ଅଞ୍ଚଳର ଜଣେ ଠିକାଦାର ବିହାରରୁ ଶ୍ରମିକ ଆଣି ଟାଇଲ୍ କାମ କରାଉଥିବା ସୂଚନା ମିଳିଛି।

# ବିଶ୍ୱ ପରିବେଶ ଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): କ୍ରିକେଟ୍ ଖେଳ ମାଧ୍ୟମରେ ବିଶ୍ୱ ପରିବେଶ ଦିବସ ବଲାଙ୍ଗିର ଜିଲ୍ଲା ପୁଇନ୍ତଳା ବ୍ଲକ ମହିମୁଣ୍ଡା ଯୁଗଜ୍ୟୋତି ଷ୍ଟାଡିୟମ୍ ପରିସରରେ ପାଳିତ ହୋଇଯାଇଛି। ଖେଳ ସହ ପରିବେଶ ପାଇଁ ଯୁବଶକ୍ତି କୁ ପ୍ରେରିତ କରିବା ପାଇଁ ଭିନ୍ନ ଏକ ପ୍ରୟାସ । ମହାଶକ୍ତି ଫାଉଣ୍ଡେସନ ବଲାଙ୍ଗିର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଶଙ୍କର ବିଶ୍ୱାଳ ,ସମ୍ମାନିତ ଅତିଥି ସମିତି ସଭ୍ୟା ବବିତା ସାହୁ,ଅସିତ କୁମାର ପୁରୋହିତ ରିଲାଏନ୍ସ ଫାଉଣ୍ଡେସନ ବଲାଙ୍ଗିର ଜିଲ୍ଲା ,କୈଳାଶ ଚନ୍ଦ୍ର ସାହୁ ଫରେଷ୍ଟର, ବବିତା ସାହୁ, ସୁସାନ୍ତ ଦାସ ମହାଶକ୍ତି ଫାଉଣ୍ଡେସନ ସିନିୟର୍ ମ୍ୟାନେଜର ଯୋଗ ଦେଇଥିଲେ। ଖେଳ ସମାପ୍ତ ପରେ ୧୨୫୦ ବୃକ୍ଷ ରୋପଣ କରାଯାଇଥିଲା । ପରିବେଶ ବଞ୍ଚିଲେ ଆମେ ବଞ୍ଚିବା , ପ୍ଲାଷ୍ଟିକ ବର୍ଜନ ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ମିଶନ ଶକ୍ତି ର ମହିଳା ମାନଙ୍କ ସହଯୋଗରେ ସିଡ୍ ବଲ୍ ପ୍ରସ୍ତୁତ କରା ଯାଇଥିବାବେଳେ ଝିଅମାନେ ବର୍ଜ୍ୟବସ୍ତୁ କୁ ବ୍ୟବହାର କରି ପୁନଃ ବ୍ୟବହାରିକ ଉପକରଣ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଜୁଲାଇ ମାସରେ ୧୨୫୦ଟି ବୃକ୍ଷ ଷ୍ଟାଡିୟମ୍ ପରିସରରେ ରୋପଣ ପାଇଁ ଘୋଷଣା କରାଯାଇଥିଲା । ଯୁବଜ୍ୟୋତି ଫୁଟବଲ ସଂଗଠନର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଶ୍ରୀ ଧ୍ରୁବଲେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସାନ୍ତନୁ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୨୨ ଗିରଫ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଜୋଙ୍କ ପୋଲିସକୁ ମିଳିଛି ସଫଳତା। ଜୋଙ୍କ ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୨୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଏହି ଚଢ଼ାଉ ସମୟରେ ପୋଲିସ ଲକ୍ଷାଧିକ ଟଙ୍କା ସମେତ ବିପୁଳ ପରିମାଣର ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜୋଙ୍କ ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଥିବା ଏହି ବେଆଇନ ଜୁଆ କାରବାର ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଥିଲା। ଗତ ୨ ଜୁନ ୨୦୨୬ ରାତି ପ୍ରାୟ ୧୦:୧୦ ସମୟରେ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜୋଙ୍କ ଥାନାର ଏସ.ଆଇ. ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ହଠାତ୍ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଘଟଣାସ୍ଥଳରୁ ଦୁଇ ଜଣ ଅଭିଯୁକ୍ତ ଖଡ଼ିଆଳ ରୋଡ୍ ର ଦାଦୁ ଖାନ୍ ଏବଂ ନୂଆପଡ଼ାର ରାଜୁ ଖାନ ଫେରାର ହୋଇଯାଇଥିବା ବେଳେ ୨୨ ଜଣଙ୍କୁ ପୋଲିସ ଗିରଫ କରିବା ରେ ସଫଳ ହୋଇଛି। ଉପରୋକ୍ତ ସୂଚନା ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଡିଏସପି ସ୍ୱାଧୀନ ମିଶ୍ର ଓ ଆଇଆସି ପ୍ରଦୀପ କୁମାର ଧରୁଆ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଉପରୋକ୍ତ ସୂଚନା ପ୍ରଦାନ କରିଥିଲେ।

# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଥାନା ଘୋଡାଧାର ଗ୍ରାମର କାର୍ତ୍ତିକ ଗୁରୁଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଘୋଡାଧାର ଗ୍ରାମ ନୂଆବନ୍ଧ ପାଣି ଭିତରୁ ଉଦ୍ଧାର କରି ପୁଲିସ ଅଧିକ ତଦନ୍ତ କରୁଛି । ସୁଚନା ଅନୁସାରେ ଗୁରୁବାର ଠାରୁ କାର୍ତ୍ତିକ ଗାଧୋଇବାକୁ ଯାଇ ଘରକୁ ଫେରି ନଥିଲେ। ଆଜି କିଛି ଲୋକ ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଖବର ପାଇ ଅଗ୍ନିଶମ ବାହିନୀଙ୍କ ସହଯୋଗରେ କାର୍ତ୍ତିକଙ୍କ ମୃତଦେହକୁ ପାଣି ଭିତରୁ ଦିନ ୧୦ଟା ସମୟରେ ଉଦ୍ଧାର କରିଛି।

# ଛାତ୍ରଛାତ୍ରୀଙ୍କୁ ନେଇ ବିଶ୍ୱ ପରିବେଶ ଦିବସ ପାଳିତ



ବଲାଙ୍ଗିର,(ସବ୍ୟୁ): ଗାନ୍ଧୀ ଭବନ ଠାରେ ବଲାଙ୍ଗିରର ଯୁବ ପିଢୀମାନଙ୍କୁ ନେଇ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବିଶ୍ୱ ପରିବେଶ ଦିବସ ଅଭିନବ ଢଙ୍ଗରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ଯୋଗଦାନ କରିଥିଲେ । ବିଭିନ୍ନ ଜଳାଶୟ, ପଲିଥିନ ମୁକ୍ତ ସହର, ବୃକ୍ଷରୋପଣ, ସହରର ସୌନ୍ଦର୍ଯ୍ୟକରଣ ଆଗାମୀ ଦିନରେ ଏକ ସ୍ୱଚ୍ଛ ବଲାଙ୍ଗିର ଭାବେ ଗଢ଼ିତୋଲିବା ପାଇଁ ଛାତ୍ର ଛାତ୍ରୀଙ୍କ ଗହଣରେ ପ୍ରତିଶୃତି ଦେଇଥିଲେ । ସଭାକୁ ପରିଚାଳନା କରିଥିଲେ କବି ଅର୍ଜୁନ କୁମାର ସାହୁ । ପରିବେଶ ଉପରେ କବିତା ଓ ଗୀତ ଗାଇ ଛାତ୍ର ଛାତ୍ରୀଙ୍କୁ ମନ ମୋହିଥିଲେ ଶ୍ରୀ ସାହୁ । ସଭାକୁ ସଭାପତିତ୍ୱ କରିଥିଲେ ପ୍ରଶାନ୍ତ ମହାକୁର । ଜଙ୍ଗଲ ଧ୍ୱଂସ ହେବା, ଜଙ୍ଗଲରେ ନିଆଁ ଲାଗିବା, ରାସ୍ତା କଡରେ ବେଧଡକ ଗଛ କାଟିବା, ବଲାଙ୍ଗିର ସହର ଉତ୍ତପ୍ତ ସହର ହୋଇଥିବାରୁ ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ଉପରେ ଛାତ୍ର ଛାତ୍ରୀଙ୍କୁ ସଚେତନ କରିଥିଲେ । ଜୀବଜନ୍ତୁ,ପକ୍ଷୀ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ । ଏହି ଉଦ୍ଦେଶ୍ୟରେ ବିଭିନ୍ନ ଜୀବଜନ୍ତୁର ମୁଖାକୁ ନେଇ ସଚେତନତା କରାଯାଇଥିଲା । ଏଥିରେ ସମାଜସେବୀ ରତନ କୁମାର ମହାରଣା, ଜୟକୃଷ୍ଣ ମିଶ୍ର, ରିଣ୍ଟୁ ସାହୁ, ଆନନ୍ଦ ମିଶ୍ର, ସଂଜୟ ସାମଲ, ଶମ୍ଭୁ ଶତପଥି ସମେତ ଗାନ୍ଧୀଭବନର ଛାତ୍ର ଛାତ୍ରୀମାନେ ପରିବେଶକୁ ସୁରକ୍ଷା ଦେବା ଓ ପଲିଥିନମୁକ୍ତ ସହର କରିବା ପାଇଁ ସଂକଳ୍ପ ନେଇଥିଲେ । ପରିବେଶକର୍ମି ବିଭୁ କଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ ଲକ୍ଷ୍ମୀ ବସ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଚିଣ୍ଡା ଥାନା ଅନ୍ତର୍ଗତ କତରକେଲା ଗ୍ରାମ ବଜାର ଛକ ନିକଟରେ ପ୍ରାୟ ପୂର୍ବାହ୍ନ ୧୧ଟା ସମୟରେ ଏକ ଲକ୍ଷ୍ମୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସରେ ପ୍ରାୟ ୨୦ ଜଣ ଯାତ୍ରୀ ଥିବା କୁହାଯାଉଛି। (ଓଡି ୧୫ ୱାଆଇ ୬୩୯୨) ଲକ୍ଷ୍ମୀ ବସଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା। ଡ୍ରାଇଭର, କଣ୍ଡକ୍ଟର ସହିତ ଜଣେ ଯାତ୍ରୀ ଆହତ ହୋଇଥିବା ବେଳେ ଅନ୍ୟ ମାନେ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଆହତଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସରେ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ଡୁଡିପାଲି ଗ୍ରାମର ଭବାନୀ ଶଙ୍କର ଷଣ୍ଢ ଗୁରୁତର ହୋଇଛନ୍ତି। ତାଙ୍କର ଅଣ୍ଟା ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ବସର ଡ୍ରାଇଭର ନରେଶ ଦେହୁରୀ ଓ କଣ୍ଡକ୍ଟର ସମୀର କୁମାର ବେହେରା ସମେତ ଏକାଧିକ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। କୁଚିଣ୍ଡା ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କୁଚିଣ୍ଡା ଆଇଆଇସି ରାଧାକାନ୍ତ ବାରିକ ପ୍ରକାଶ କରିଛନ୍ତି।

# ଘଣ୍ଟାପଡା ଓ କୁଲୁଡାଜୋର ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ

କନ୍ଧମାଳ,(ସବ୍ୟୁ) : କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ପ୍ୟାକ୍ସରେ ଧାନମଣ୍ଡି ଉଦ୍ଘାଟିତ ହୋଇଯାଇଛି। ପ୍ୟାକ୍ସ ସଂପାଦକ କର୍ଣ୍ଣ ରଣାଙ୍କ ତତ୍ତ୍ୱାବଧାନରେ ସଭାପତି ମାନୁ ରଣା ଧାନ ମଣ୍ଡିକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଚାଷୀନେତା ସୁଶାନ୍ତ ମାଝି, ଗୋପୀନାଥ କହଁର, ପ୍ୟାକ୍ସର ନିର୍ଦ୍ଦେଶକ ମାଧବ ସାହୁ, ଶରତ ରଣା, ମନୋଜ ପାଣିଗ୍ରାହୀ, ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଆମ୍ବଗାଁ ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକ ଅଗସ୍ତୀ ମଲିକ, ପ୍ୟାକ୍ସ କର୍ମଚାରୀ ରାମ ରଣା, ଶଙ୍କର ସାହୁ, ରାଜା ଦେହୁରୀ, କାର୍ଷିକ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍ଘାଟନ ପରେ ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ୨୭୯.୭୨କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସଂପାଦକ ଶ୍ରୀ ରଣା ସୂଚନା ଦେଇଛନ୍ତି। ସେହିପରି କୁଲୁଡାଯାର ପ୍ୟାକ୍ସରେ ସଂପାଦକ ବେଲାର ଦେହୁରୀଙ୍କ ତତ୍ତ୍ୱାବଧାନରେ ସଭାପତି ହିମାଞ୍ଚ ଝଳ ରଣା ଧାନମଣ୍ଡିକୁ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚୁମୁକି ଭୋଇ,ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଖମନମୁଣ୍ଡା ପଞ୍ଚାୟତର ସରପଞ୍ଚ ଅଳକା ପ୍ରଧାନ, ମିଲର୍ସ କରୁଣାକର ସାହୁ, ଶିକ୍ଷାବିତ ନିଳାଚଳ ଭୋଇ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୬ଜଣ ଚାଷୀଙ୍କଠାରୁ ମୋଟ ୮୦୩କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ସଂପାଦକ ବେଲାର ଦେହୁରୀ ସୂଚନା ଦେଇଛନ୍ତି।

# ବିଶ୍ୱ ପରିବେଶ ଦିବସ ପାଳିତ

ତରଭା,(ସବ୍ୟୁ): ବିଶ୍ୱପରିବେଶ ଦିବସ ଉପଲକ୍ଷେ ତରଭା ଏନ୍ ଏ ସି ଅଫିସରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ଓ ସମ୍ମାନୀତ ଅତିଥି ଭାବରେ କାର୍ଯ୍ୟ ନିର୍ବାହି ଅଧିକାରୀ, ଲକ୍ଷୀକାନ୍ତ ମଲ୍ଲିକ, ଅଧ୍ୟକ୍ଷାଙ୍କ ପ୍ରତିନିଧି ମଧୁସୁଦନ ପାଣ୍ଡେ, ରାମନାରାୟଣ ବେଜ, ଦେବେନ୍ଦ୍ର ନାଏକ, ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଦିନକୁ ଦିନ ପରିବେଶ ଅସନ୍ତୁଳିତ ହେବା ଦ୍ୱାରା ଅସହ୍ୟ ଗରମ ହେବା ସହ ବିଭିନ୍ନ ପ୍ରକାର ରେ ଜନ ଜୀବନ ଅସ୍ତ ବ୍ୟସ୍ତ ହେଉଛି, ଏଥିର ସମାଧାନ ହେଉଛି ବ୍ୟାପକ ଭାବରେ ବୃକ୍ଷ ରୋପଣ ଉପରେ ଧ୍ୟାନ ଦେଇ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ବିଶ୍ୱ ରଞ୍ଜନ ନାଏକ, ବିଶ୍ୱରଞ୍ଜନ ମିଶ୍ର, ଦିପକ ଭୋଇ, ଓ ଏନ୍ ଏ ସି ର ସମସ୍ତ କର୍ମଚାରି ସହଯୋଗ କରିଥିବା ବେଳେ ହରିହର ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ତରଭା ବ୍ଲକ କାର୍ଯ୍ୟାଳୟ ର ସଭା ଗୃହରେ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଭବାନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତରଭା ବିଡିଓ ଶିବାନନ୍ଦ କର୍ମୀ, ସାସଂଦ ପ୍ରତିନିଧି ବିମଳ ମିଶ୍ର, ପ୍ରମୁଖ ଯୋଗଦେଇ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

# ଆମ ଆଦମୀ ପାର୍ଟିର ସଦସ୍ୟତା ଅଭିଯାନ ଆରମ୍ଭ




ସମ୍ବଲପୁର,(ସବ୍ୟୁ): ଆମ ଆଦମୀ ପାର୍ଟିର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ମିସ୍ କଲ୍ ଓ ଇ-ୱେବ ସାଇଟ୍ ମାଧ୍ୟମରେ ଫର୍ମପୂରଣ କରି ଜଣେ ସଦସ୍ୟତା ଗ୍ରହଣ କରିପାରିବେ। ତେବେ ଚଳିତବର୍ଷ ସମ୍ବଲପୁର ଜିଲ୍ଲାରେ ୫ହଜାର ସଦସ୍ୟ କରାଯିବାକୁ ନିଷ୍ପତି ନିଆଯାଇଛି। ଶୁକ୍ରବାର ଜିଲ୍ଲା ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆମ ଆଦମୀ ପାର୍ଟିର ଜିଲ୍ଲା ସଭାପତି ଗାନ୍ଧି ରୋହିଦାସ ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ଆପ୍ ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ଓ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସାରା ରାଜ୍ୟର ୧୪୭ ବିଧାନସଭାରେ ଏହି ସଦସ୍ୟତା ଅଭିଯାନ ଚାଲୁ ରହିଛି। ଏଥିପାଇଁ କେନ୍ଦ୍ରରୁ ଓଡିଶାର ପ୍ରଭାରୀ ବିରେନ୍ଦ୍ର ସିଂ କାଡିୟାନଙ୍କ ସହ ୫ଜଣ ସହ ପ୍ରଭାରୀ ଦାୟିତ୍ୱ ନେଇଛନ୍ତି। ସେହିପରି ମହାନଗର ସଭାପତି ପ୍ରଶାନ୍ତ ମହାରଣା କହିଥିଲେ ଯେ, ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଜନ ଆନ୍ଦୋଳନ କରାଯିବ। ଲୋକଙ୍କ ସମସ୍ୟା ସମାଧାନ ପାଇଁ ଦଳ କାର୍ଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାର ମଡେଲ ଘରେ ଘରେ ପହଞ୍ଚାଇବ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ପଦ୍ମନାଭ ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂପେନ ସାହୁ, ପର୍ଯ୍ୟବେକ୍ଷକ ସୀତାକାନ୍ତ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷ୍ଟୋରୀ ୪ ଚେଞ୍ଜକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ



ସମ୍ବଲପୁର,(ସବ୍ୟୁ): ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ମୁକାବିଲା ଓ ସମୁଦାୟ ଭିତ୍ତିକ ପ୍ରାକୃତିକ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ଷ୍ଟୋରୀ୪ଚେଞ୍ଜ ସଂଗଠନକୁ ୨୦୨୫-୨୬ ବର୍ଷ ପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜି ସମ୍ବଲପୁର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଚାରାରୋପଣ, ପ୍ରକୃତି ସୁରକ୍ଷାରେ ଯୁବ ନେତୃତ୍ୱ ଗଠନ , ନେଚର ଏଡୁକେଟର ସୃଷ୍ଟି, ବିହନ ସଂରକ୍ଷଣ, ଜୈବିକ ଓ ଟିକାଉ ଚାଷକୁ ପ୍ରୋତ୍ସାହନ ଭଳି କାର୍ଯ୍ୟକ୍ରମଗୁଡ଼ିକ ଏହି ସମ୍ମାନର ମୂଳ ଆଧାର ହୋଇଛି। ସଂଗଠନ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ଉପରେ ଶିଶୁ, ଯୁବ ଓ ସମୁଦାୟଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ଶିକ୍ଷଣ ପୁସ୍ତକ ଓ ସାମଗ୍ରୀ ମଧ ପ୍ରସ୍ତୁତ କରାଯାଇଛି। ଏହି ପୁରସ୍କାର ହାସଲ କ୍ଷ୍ଟୋରୀ ୪ ଚେଞ୍ଜ ପାଇଁ ଗର୍ବର ବିଷୟ ହେବା ସହିତ ସଂଗଠନର ଟିମ୍, ଯୁବ ନେତା, ଶିଶୁ, ସମୁଦାୟ ସଦସ୍ୟ ଓ ସହଯୋଗୀ ସଂଗଠନମାନଙ୍କର ସାମୂହିକ ପ୍ରୟାସର ସ୍ୱୀକୃତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ଖପ୍ରାଖୋଲରେ ଯୁବ ରେଡକ୍ରସ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏ.ସି.ଏଫ୍. ଅରବିନ୍ଦ ନାଏକ ,ସମ୍ମାନୀତ ଅତିଥି ରୂପେ ପୂର୍ବତନ ବ୍ଲକ୍ ଉପାଧକ୍ଷ ଗୋବିନ୍ଦ ବାରିକ, ପ୍ରକୃତି ବନ୍ଧୁ ଡ: ଅଭୟ ତ୍ରିପାଠୀ, କ୍ଷୀରଧର ମାଝୀ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ହତା ପରିସରରେ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ହୋଇଥିବା ବେଳେ ଛାତ୍ର ଛାତ୍ରୀ ମାନେ ଅଧିକରୁ ଅଧିକ ଚାରା ରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଞ୍ଜୀବ ପଧାନ, ହର୍ଷଦ କୁମାର ଶତପଥୀ, ବିହାରୀ ପ୍ରଧାନ,ମତୁଆଲା ବଗର୍ତ୍ତି, ମଣ୍ଟୁ ନାଗ , କ୍ରିଷ୍ଣା ଚରଣ ସାହୁ, କରନ୍ ବିଶ୍ୱାଳ, କୁମୁଦିନୀ ଭୋଇ, ସୌଭାଗ୍ୟ ଜାନି , ଗୁଣମଣି ସାହୁ, ନନ୍ଦକିଶୋର ବାଗ, ଜ୍ୟୋର୍ତିମୟ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ପ୍ରଧାନ ଶିକ୍ଷକ ଗୋପାଲ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ ସହିତ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।


# କୁଚିଣ୍ଡା 'ଆର୍‌ଏମ୍‌ସିରେ ଦୁର୍ନୀତି ଅଭିଯୋଗ

କୁଚିଣ୍ଡା, (ସବ୍ୟୁ): ଗତ ଖରିଫ୍ ମଣ୍ଡିରେ ଧାନ କ୍ରୟ ଆଳରେ ଅଧିକ ମଜୁରିଆ ଦର୍ଶାଇ ମିଥ୍ୟା ବିଲ ଭାଉଚରରେ ଲକ୍ଷାଧିକ ଟଙ୍କା ସଂପାଦକ ଓ କ୍ୟାସିୟର ବାଟମାରଣା କରଥିବା ଅଭିଯୋଗ ହେଉଛି । ଏହା ସହିତ ବିଭିନ୍ନ ସାମଗ୍ରୀ କିଣାରେ ଅନିମିୟତା ଅଭିଯୋଗ ମଧ ହୋଇଥିଲା । ୨୦୨୫ - ୨୬ ଖରିଫ୍ ଋତୁରେ ଧାନ କିଣା ବିନା ଟେଣ୍ଡରରେ ଏକମାତ୍ର ନିର୍ଦ୍ଧିଷ୍ଟ ସଂସ୍ଥାଠାରୁ କୋଟେସନ୍ ଆଣି ବିନା କ୍ରୟ କମିଟୀ ଅନୁମୋଦନରେ ବଜାର ମୁଲ୍ୟଠାରୁ ଅଧିକ ଦରରେ କିଣାଯାଇଛି । କୌଣସି ସାମଗ୍ରୀ କିଣା ନିମନ୍ତ ଅତି କମରେ ୩ ଗୋଟି ସଂସ୍ଥାରୁ କୋଟେସନ ଆଣିବା ପରେ ସଂସ୍ଥାର କ୍ରୋୟ କମିଟୀ ସୁପାରିସ ଅନୁଯାୟୀ ସାମଗ୍ରୀ କିଣିବା ନିୟମ ଥିବା ବେଳେ ଆର୍ ଏମ୍ ସି ସଂପାଦକ ଏହାର ଅନୁପାଳନ କରାନଯାଇ ନିୟମକୁ ଉଲ୍ଲଂଘନ କରାଯାଇଛି । ଏଠାକାର ସଂପାଦକ ଓଡିଶା କଅପରେଟିଭ୍ ଫେଡ଼େ ସନ ଲିଃକୁ ସେ ପଟେମ୍ବର ୨୮ ତାରିଖ ରେ ପତ୍ର ସଂଖ୍ୟା ୧୦୬/୨୫କୁଚିଣ୍ଡା ଆର୍‌ଏମ୍ ସି ବାୟ ଟଏଲେଟ କିଣିବା ଆଗ୍ରହୀ ଥିବା ଓ ଏହାର ମୁଲ୍ୟବାନଦରେ ଜଣାଇଁବାକୁ ଅନୁରୋଧ କରିଥିଲେ, ଉକ୍ତ ସଂସ୍ଥା ଡିସେମ୍ବର ୧୨ରେ ବାୟୋ ଟିଏ ଲେଟ୍ଟୁ ମୁଲ୍ୟ ୟୁନିଟ ପ୍ରତି ଜି ଏସ୍ ଟି ମିଶାଇ ୮୦ ହଜାର ଟଙ୍କା ୫୫ ପଇସା ରହିଛି ବୋଲି ଡି.ଡି ମାଧ୍ୟମରେ କୁଚିଣ୍ଡା ଆର୍‌ଏମ୍‌ସି କୁ ଜଣାଇଁ ଲେ, ଆଚାର୍ଯ୍ୟର କଥା ଅନ୍ୟ କୌଣସି ସଂସ୍ଥାରୁ କୋଟେସନ ଆଣି ଅର୍ଥାତ ଏହାର ବଜାର ମୁଲ୍ୟ ନ ବୁଝି ସଂପାଦକ ନାଏକ ନିଜ ସ୍ୱାର୍ଥ ନିମନ୍ତେ ତରବରିଆ ଭିତ୍ତିରେ ଉକ୍ତ ଦିନ ହିଁ ସଂପୃକ୍ତ ସଂସ୍ଥାକୁ ୪୦ ଗୋଟି ବାୟଟିଏଲେଟ୍ ଯୋଗାଇଦେବାକୁ ପତ୍ର ସଂଖ୍ୟା ୧୧୧/୨୦୨୫ ଡିସେମ୍ବର ୧୨ ତାରିଖରେ ଜଣାଇଁଥିଲେ. ବିନା କ୍ରୟ କମିଟୀ ସୁପାରିସ୍ କିଣିଲେ.ଯୋଗାଣକାରୀ ସଂସ୍ଥା ଗୋଟିଏ ଫ୍ୟାନ , ଗୋଟିଏ ୨୦୦ ଲିଟର ପାଣି ଟାଙ୍କି , ଗୋଟିଏ ଟ୍ୟାପ୍ ଯାହାର ଅନୁମାନିକ ମୁଲ୍ୟ ୨୦ ହଜାର ଟଙ୍କାରୁ ବି କମ୍ ହେବ ବୋଲି ଆକଳନ କରାଯାଉଛି ଛ ଏହି ସାମଗ୍ରୀ ପାଇବା ପରେ ସଂପୃକ୍ତ ସଂସ୍ଥାକୁ ଚେକ୍ ନଂ ୨୯୯୪୩୬/୩୧ ଲକ୍ଷ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଉକ୍ତ ସଂସାରୁ ବିନା ଟେଣ୍ଡରରେ ଓ କ୍ରିୟ କମିଟୀ ଅନୁମୋଦନରେ କୁଚିଣ୍ଡା ଆର୍ ଏମ୍ ସି ସେପ୍ ମ୍ବର ୧୧ ତାରିଖରେ ୭ଟି ସିଡି ଗ୍ରେଡ଼ର, ୩୦ଟି ଓଜନ ମେସିନ, ୧୦ ଗୋଟି ଡ୍ରାଇଫ୍ୟାନ୍.୧୮ ଗୋଟିଡିସ୍ ପ୍ଲେ ବୋର୍ଡ କିଣି ଏ ବାବଦରେ ୨୦,୦୧, ୨୬ ରେ ସଂପୃକ୍ତ ସଂସ୍ଥାକୁ ଚେକ୍ ନଂ ୨୯୯୪୪୯ ରେ ୧୬ଲକ୍ଷ ୩ ହଜାର ୬୨୦ ଟଙ୍କା ପ୍ରଦାନ କରାଯାଇଛି, ଏହି ସାମଗ୍ରୀ କିଣାରେ ସରକାରୀ ନିୟମକୁ ଉଲଙ୍ଘନ କରାଯାଇଥିବାରୁ ବ୍ୟାପକ ଦୁର୍ନିତି ହେଇଥିବା ସାଧାରଣରେ ଏହାର ନିରପେକ୍ଷ ତଦନ୍ତ ଦାବି କରିବା ସହ, ଉପରକ୍ତ ସାମଗ୍ରୀ ପ୍ରତିବର୍ଷ କିଣିବା ମାନେ କଣ। ପ୍ରତିବର୍ଷ ମଣ୍ଡି ଧାନ କିଣା ପରେ ସମସ୍ତ ସାମଗ୍ରୀ ଆର ଏମ୍ ସି ସବୁ ମଣ୍ଡିରୁ ଫେରାଇ ଆଣି ଥାଏ, ସେ ସାମଗ୍ରୀ ଯାଉଛି କୁଆଡ଼େ ବୋଲି ପ୍ରଶ୍ନ ଉଠିଛି । ଏହାର ମଧ ନିରପେକ୍ଷ ତଦନ୍ତ ନିମନ୍ତେ ଦୃଢ ଦାବି ହେଉଛି ।

## ସମ୍ପାଦକୀୟ

# ଦୃଷ୍ଟାନ୍ତ ସର୍ଜନାକାରୀ ଜଣେ ଲେଖକଙ୍କ ଦେହାନ୍ତ

ପ୍ରକୃତରେ ଆଧୁନିକ କାଳରେ ଓଡ଼ିଆ ଭାଷା ଓ ସାହିତ୍ୟର ସେ ଅର୍ଥାତ୍ ଜଗନ୍ନାଥ ପ୍ରସାଦ ଦାସ ଥିଲେ ଜଣେ ଅନନ୍ୟ ଦୃଷ୍ଟାନ୍ତ । ସେ ଭୂମିଷ୍ଠ ହୋଇଥିଲେ ଶ୍ରୀକ୍ଷେତ୍ରରେ–ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ପଚିଶ ଦିନ ପରେ ଅର୍ଥାତ୍ ଏପ୍ରିଲ ୨୬ରେ । ଆଉ ଦୀର୍ଘ ଦିନର ଅସୁସ୍ଥତା ପରେ ସେ ତାଙ୍କ ପତ୍ନୀ, ଜଣେ ସୁଗାୟିକା ଶ୍ରୀମତୀ ମିତା ଦାସ ଓ କନ୍ୟା ନୃତ୍ୟଶିଳ୍ପୀ ମୋନାଲିସାଙ୍କୁ ଛାଡ଼ି କେବଳ ଚାଲିଯାଇ ନାହାନ୍ତି, ଆମମାନଙ୍କ ପରି ତାଙ୍କ ସାହିତ୍ୟର ଅଗଣିତ ପାଠକଙ୍କଠାରୁ ମଧ୍ୟ ସେ ଦୂରେଇ ଯାଇଛନ୍ତି ଜୁନ ୪ (୨୦୨୬)ରେ । ସଶରୀରେ ତାଙ୍କୁ ତ ଭେଟି ହେବ ନାହିଁ, ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ବ୍ୟତୀତ ଆମମାନଙ୍କର ଆଉ କିଛି ଗତି ନାହିଁ ଯେପରି । ପ୍ରଥମେ ଦୁଇଜଣ ପ୍ରବାସୀ ଓଡ଼ିଆ ନୂଆଦିଲ୍ଲୀର ଲେଖିକା ଡାକ୍ତର ଅନିତା ପଣ୍ଡା ଓ କୋଲକାତାର 'ପ୍ରତିବେଶୀ' ପତ୍ରିକାର ସମ୍ପାଦକ ପିତାମ୍ବର ବାରିକ ଏ ଲେଖକଙ୍କୁ ତାଙ୍କ ମୃତ୍ୟୁ ଖବର ପ୍ରଥମେ ଜଣାଇଥିଲେ । ଜଣେ ଲେଖକ ବା ଚିତ୍ରଶିଳ୍ପୀ ଭାବେ ସେ ଖ୍ୟାତି ଲାଭ କଲାବେଳକୁ ଲୋକେ ତାଙ୍କୁ ଶ୍ରଦ୍ଧାରେ 'ଜେପି' ବା 'ଜେପି ଦାସ' ଭାବେ ସମ୍ବୋଧନ କରୁଥିଲେ । ଜଗନ୍ନାଥ ପ୍ରସାଦ ଦାସ, ଏପରି ଲମ୍ବା ନାମରୁ ସେ ଛୋଟିଆ ନାମ 'ଜେପି'କୁ ଚାଲି ଆସିଥିଲେ । ଏହା ହିଁ ଥିଲା ତାଙ୍କ ଲୋକପ୍ରିୟତାର ପ୍ରମାଣ । ୧୯୮୪ରେ ସେ ଆଇ.ଏ.ଏସ୍ ଚାକିରିର ପ୍ରଲୋଭନକୁ ପରିହାର କରି କେବଳ ସାହିତ୍ୟ ସାଧନାରେ ମନୋନିବେଶ କରିଥିଲେ ।



ସେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସାହିତ୍ୟ ସୃଷ୍ଟି କରି ଜଣେ ଲେଖକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ, ସାରା ଭାରତରେ ନୁହେଁ, ବିଶ୍ୱରେ । ଏହି ଉଭୟ ଭାଷାରେ ପୁସ୍ତକ ରଚନା କରି ସୁନାମ ଅର୍ଜନ କରିଥିବା ଓଡ଼ିଶାର ଅନ୍ୟ ଦୁଇ ଜଣ ପ୍ରସିଦ୍ଧ ଲେଖକ ଥିଲେ ସ୍ୱର୍ଗୀୟ ମନୋଜ ଦାସ ଓ ସୀତାକାନ୍ତ ମହାପାତ୍ର । ଜେ.ପିଙ୍କ ବୈଶିଷ୍ଟ୍ୟ ହେଲା ଯେ ସେ ପୁରସ୍କାର ପାଇବା ଆଶାରେ ସାହିତ୍ୟ ସୃଷ୍ଟି କରି ନାହାନ୍ତି । ସେଥିପାଇଁ ତ ସେ କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ । ଅବଶ୍ୟ ମନୋଜ ଦାସ ଓ ଜେ ପିଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ 'ଜ୍ଞାନପୀଠ' ପୁରସ୍କାର ମିଳି ନଥିଲା । ନିତ୍ୟାନନ୍ଦ ମହାପାତ୍ର, କାହ୍ନୁଚରଣ, ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂ କି ଅନନ୍ତ ପଟ୍ଟନାୟକଙ୍କ ପରି କବି ଓ ଲେଖକମାନେ ମଧ୍ୟ 'ଜ୍ଞାନପୀଠ' ପୁରସ୍କାର ପାଇ ପାରି ନଥିଲେ । ଏବେ କିନ୍ତୁ କେନ୍ଦ୍ରୀୟ ବା ଓଡ଼ିଆ ସାହିତ୍ୟ ଏକାଡେମୀରେ ଧରାଧରି କରି ପୁରସ୍କାର ପାଉଛନ୍ତି ବୋଲି ସାଧାରଣରେ ଏକପ୍ରକାର ଧାରଣା ସୃଷ୍ଟି ହୋଇଛି । ପରମ ସ୍ୱାଭିମାନୀ ଜେ.ପି କିନ୍ତୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିବା ପରି ମନେହୁଏ । କେହି ତାଙ୍କୁ 'ପଦ୍ମଶ୍ରୀ' ପାଇଁ ମଧ୍ୟ ସୁପାରିଶ କରି ନଥିଲେ ।

**ଜେ.ପିଙ୍କ 'ପ୍ରଥମ ପୁରୁଷ' ପ୍ରକାଶ ପାଇବା ପରେ ତାଙ୍କ ଅନୁରୋଧ କ୍ରମେ ବିଶିଷ୍ଟ ସାହିତ୍ୟିକ ଓ ତତ୍କାଳୀନ 'ଡଗର'ର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ର ତା ୨/୬/୭୨ରେ ସେହି ବହିଟିର ସମାଲୋଚନା/ ସମୀକ୍ଷା କରିଥିଲେ । ତାହାର ଆରମ୍ଭ ଥିଲା ଏହିପରି–'ପ୍ରଥମ ପୁରୁଷ' ଏକ ଜୀବନ ଚିନ୍ତା । ବହୁ ବିକ୍ଷିପ୍ତ ବ୍ୟକ୍ତିତ୍ୱ ଘେନି ମନୁଷ୍ୟର ଅନ୍ତଃମୁଖୀ ମନର ପ୍ରତିଛବି ଶ୍ରୀ ଜଗନ୍ନାଥ ଦାସଙ୍କର 'ପ୍ରଥମ ପୁରୁଷ' । ଲେଖକ ପୁସ୍ତକର ପ୍ରତ୍ୟେକ ଅଙ୍ଗରେ ନୂତନର ମୁଦ୍ରା ଅଙ୍କନ କରିଛନ୍ତି– କେବଳ ଆଧେୟ ଓ ଆଧାରରେ ନୁହେଁ, ପରିଚ୍ଛଦରେ ମଧ୍ୟ ।'**

ମନେ ପଡୁଛି ତାଙ୍କର ପ୍ରଥମ କବିତା ପୁସ୍ତକ 'ପ୍ରଥମ ପୁରୁଷ' ଯେତେବେଳେ ୧୯୭୧ରେ ପ୍ରକାଶ ପାଇଲା, ଆମେ ଛାତ୍ର ଭାବେ ତାହା ପାଠ କରି ଅପାର ଆନନ୍ଦ ଅନୁଭବ କରିଥିଲୁ । ଲମ୍ବା ସାଇଜର ସେ କବିତା ପୁସ୍ତକରେ ସ୍ଥାନ ଛଡାଯାଇ ପାଠକମାନଙ୍କୁ ଆମୋଦିତ କରିବା ପାଇଁ ଛୋଟ ଛୋଟ ରୋମାଣ୍ଟିକ କବିତାର ପଦ ଆମମାନଙ୍କୁ ମୁଗ୍ଧ କରୁଥାଏ । ପୂର୍ବରୁ ସେପରି ସାମାନ୍ୟ ଲମ୍ବା ପୁସ୍ତକ ଆମେମାନେ କେବେ ଦେଖି ନଥିଲୁ । ପ୍ରଖ୍ୟାତ ଚିତ୍ରଶିଳ୍ପୀ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟ (ଏବେ ସ୍ୱର୍ଗରେ) ତାହାର ପ୍ରଚ୍ଛଦ ପୃଷ୍ଠାର ସୁନ୍ଦର ଚିତ୍ରାଙ୍କନ କରିଥିଲେ । ତାଙ୍କ ରଚିତ 'ଆହ୍ନିକ' କବିତା ପୁସ୍ତକ ୧୯୯୦ରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସତ୍ତ୍ୱେ ସେ କାହିଁକି ତାହାକୁ ପ୍ରତ୍ୟାଖାନ କଲେ, ତାହା ଏ ଲେଖକଙ୍କୁ ଜଣାନାହିଁ । ମାତ୍ର ତାଙ୍କ ରଚିତ 'ପ୍ରିୟ ବିଦୂଷକ' ପୁସ୍ତକ ପାଇଁ ତାଙ୍କୁ ଇମଫା ପକ୍ଷରୁ 'ସାରଳା ପୁରସ୍କାର' ମିଳିଥିଲା ୧୯୯୮ରେ । ସେ ସେହି ପୁରସ୍କାର ପାଇବା ପରେ ଯେଉଁ ଉତ୍ତର ରଖିଥିଲେ, ତାହା ମଧ୍ୟ ବେଶ ହୃଦୟସ୍ପର୍ଶୀ ଥିଲା ବୋଲି ମନେ ପଡୁଛି । ତାଙ୍କ ରଚିତ ଗଦ୍ୟ ରଚନା 'ଦେଶ କାଳ ପାତ୍ର' ୧୯୯୧ରେ ପ୍ରକାଶ ପାଇ ଓଡ଼ିଆ ପୁସ୍ତକମାନଙ୍କ ମଧ୍ୟରେ ଖୁବ୍ ଚର୍ଚ୍ଚାକୁ ଆସିଥିଲା । ତାହାକୁ ଉପନ୍ୟାସ ବୋଲି କୁହାଯାଇ ନପାରେ । ଆଇ.ଏ.ଏସ୍ ଚାକିରିରେ ଥିବା ବେଳେ ସେ ଏକଦା କଳାହାଣ୍ଡିର ଜିଲ୍ଲାପାଳ ଥିଲେ–୧୯୯୬ରେ–୧୮୬୬ର ନଅଙ୍କ ଦୁର୍ଭିକ୍ଷ ଯେତେବେଳେ କଡ଼ ଲେଉଟାଇଥିଲା ଶହେ ବର୍ଷ ପରେ କଳାହାଣ୍ଡି ଜିଲ୍ଲାରେ । ଡକ୍ଟର ଜଗନ୍ନାଥ ପ୍ରସାଦ ଦାସ ଦକ୍ଷତାର ସହିତ ସେହି ପରିସ୍ଥିତିର ମୁକାବିଲା କରି ପାରିଥିଲେ ।

ଜେ.ପିଙ୍କ 'ପ୍ରଥମ ପୁରୁଷ' ପ୍ରକାଶ ପାଇବା ପରେ ତାଙ୍କ ଅନୁରୋଧ କ୍ରମେ ବିଶିଷ୍ଟ ସାହିତ୍ୟିକ ଓ ତତ୍କାଳୀନ 'ଡଗର'ର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ର ତା ୨/୬/୭୨ରେ ସେହି ବହିଟିର ସମାଲୋଚନା/ ସମୀକ୍ଷା କରିଥିଲେ । ତାହାର ଆରମ୍ଭ ଥିଲା ଏହିପରି–'ପ୍ରଥମ ପୁରୁଷ' ଏକ ଜୀବନ ଚିନ୍ତା । ବହୁ ବିକ୍ଷିପ୍ତ ବ୍ୟକ୍ତିତ୍ୱ ଘେନି ମନୁଷ୍ୟର ଅନ୍ତଃମୁଖୀ ମନର ପ୍ରତିଛବି ଶ୍ରୀ ଜଗନ୍ନାଥ ଦାସଙ୍କର 'ପ୍ରଥମ ପୁରୁଷ' । ଲେଖକ ପୁସ୍ତକର ପ୍ରତ୍ୟେକ ଅଙ୍ଗରେ ନୂତନର ମୁଦ୍ରା ଅଙ୍କନ କରିଛନ୍ତି– କେବଳ ଆଧେୟ ଓ ଆଧାରରେ ନୁହେଁ, ପରିଚ୍ଛଦରେ ମଧ୍ୟ ।'

ଜେ.ପିଙ୍କ ବିୟୋଗ ପ୍ରକୃତରେ ଦୁଃଖଦାୟକ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସୁପର ଏଲ୍–ନିନୋ, ୨୦୨୬ର ପ୍ରଭାବ



**ଦଶରଥ ହେମ୍ବ୍ରମ୍**

ଜଳବାୟୁ ପରିବର୍ତ୍ତନ କରିବାର ମହାଘାତକ ସାଜିଥିବା ସୁପର ଏଲ୍–ନିନୋ, ୨୦୨୬ ଏବେ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ନେଇ ଅର୍ଥନୀତିଜ୍ଞଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି, ଯଦି ଏ ବର୍ଷ ଦେଶରେ ସୁପର ଏଲ୍–ନିନୋ ଆସେ ତେବେ ମରୁଡ଼ି ହେବା ସୁନିଶ୍ଚିତ । କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ବ୍ୟାପକ କ୍ଷୟକ୍ଷତି ହେବ ଏବଂ ଦେଶର କୃଷି ଅର୍ଥନୀତି ପ୍ରଭାବିତ ହେବ । ସମସ୍ତେ ଜାଣିଛୁ, ଭାରତ ଏକ କୃଷି ପ୍ରଧାନ ଦେଶ । ଶହେ ପ୍ରତିଶତରୁ ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି ।

କୃଷିକୁ ଭାରତର ପ୍ରଗତିର ମାନଦଣ୍ଡ ରୂପେ ଧରି ନିଆଯାଇଛି । ଚାକିରିଜୀବୀଙ୍କ ସଂଖ୍ୟାନୁପାତରେ କୃଷିଜୀବୀଙ୍କ ସଂଖ୍ୟା ଅଧିକ ଥିବାରୁ କୃଷିକୁ ଏକ ଜାତୀୟ ସମ୍ପଦର ଆଖ୍ୟା ଦିଆଯାଇଛି । କୃଷିର ଉନ୍ନତିରେ ଏ ଦେଶର ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥାର ଉନ୍ନତି ସମ୍ଭବପର ହୋଇଥାଏ । ତାହାଦ୍ୱାରା କୃଷି କାର୍ଯ୍ୟରେ ନିୟୋଜିତ ଥିବା ଚାଷୀ ତଥା କୃଷିଶ୍ରମିକମାନଙ୍କର ନୈତିକ ମନୋବଳ ବୃଦ୍ଧିପ୍ରାପ୍ତ ହୋଇଥାଏ । କନ୍ତୁ ଏ ବର୍ଷ ସୁପର ଏଲ୍–ନିନୋର ପ୍ରଭାବକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିବା ପରି ମନେ ହେଉଛି । କେବଳ ଚାଷୀମାନେ ଯେ ଚିନ୍ତାରେ ପଡ଼ିଯାଇଛନ୍ତି ତାହା ନୁହଁ, ସମଗ୍ର ମାନବ ସମାଜ ମଧ୍ୟ ଏ ନେଇ ଚିନ୍ତାରେ ଅଛି ।

ଭାରତୀୟ ପାଣିପାଗର ରିପୋର୍ଟ ଅନୁସାରେ, ଏଲ୍–ନିନୋ ପ୍ରଭାବ ମୌସୁମୀ ଜଳବାୟୁକୁ ଦୁର୍ବଳ କରେ, ଯାହାଫଳରେ ବର୍ଷା ଅନିୟମିତ ହେବ । ସମଗ୍ର ଦେଶ ତଥା ରାଜ୍ୟରେ ଗ୍ରୀଷ୍ମ ଜାରି ରହିବ । ଭୂତଳ ଜଳସ୍ତର ହ୍ରାସ ଏବଂ ପାଣି ସଙ୍କଟ ମଧ୍ୟ ଦେଖା ଦେଇପାରେ । ଏହାଦ୍ୱାରା ଚଳିତ ବର୍ଷର ଜୁଲାଇ ଏବଂ ଅଗଷ୍ଟ ମାସରେ ଜଳବାୟୁରେ ସବୁଠାରୁ ଗମ୍ଭୀର ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଇଛି । କିନ୍ତୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ଆଂଶିକ ବର୍ଷା ହେବା ସହ ବାୟୁମଣ୍ଡଳରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ ।

ଏଭଳି ପରିସ୍ଥିତି ଆସିଲେ, କୃଷି କ୍ଷେତ୍ରରେ ଗଭୀର ଆଘାତ ସୃଷ୍ଟି ହେବ ଏବଂ କୃଷିଜୀବୀଙ୍କ ଜୀବନ–ଜୀବିକାକୁ ବିପଦରେ ପକାଇବ । କୁହାଯାଉଛି, ସମ୍ଭାବ୍ୟ ସୁପର ଏଲ୍–ନିନୋର ପ୍ରଭାବରେ ଶୀତଋତୁରେ ମଧ୍ୟ ଗ୍ରୀଷ୍ମ ଉତ୍ତାପ ସକ୍ରିୟ ରହିବ । ଏହା ୨୦୨୭ର ଜୁନ ମାସ ପର୍ଯ୍ୟନ୍ତ ରହିପାରେ, ଯାହା ପାଣିପାଗ ବିଭାଗ ଆକଳନ କରିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଥିବାରୁ ଆଗାମୀ ବର୍ଷର ଜଳ ପରିଚାଳନାକୁ ଆହୁରି ଚିନ୍ତାଜନକ କରିଦେଇଛି ।

**ଏଲ୍–ନିନୋ ହେଉଛି ଏକ ପ୍ରାକୃତିକ ଜଳବାୟୁର ପ୍ରକ୍ରିୟା, ଯାହା ସାରା ପୃଥିବୀର ପାଣିପାଗକୁ ପ୍ରଭାବିତ କରିଥାଏ । ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଏବଂ ପୂର୍ବ ଅଂଶର ସମୁଦ୍ର ଜଳ ସାଧାରଣ ତାପମାତ୍ରାଠାରୁ ଅଧିକ ଗରମ ହେଲେ ଏଲ୍–ନିନୋ ସୃଷ୍ଟି ହୁଏ, ଯାହା ବିଜ୍ଞାନସମ୍ମତ । ଯେତେବେଳେ ଉଷ୍ମତା ଅସାଧାରଣ ଭାବରେ ତୀବ୍ର ଏବଂ ବ୍ୟାପକ ହୁଏ, ସେତେବେଳେ ସୁପର ଏଲ୍–ନିନୋ ପ୍ରଘଟ ହୁଏ । ପ୍ରଶାନ୍ତ ମହାସାଗରରେ ଜଳସ୍ତର ଉପରି ଭାଗର ତାପମାତ୍ରା ସ୍ୱାଭାବିକଠାରୁ ୨ ଡିଗ୍ରୀ ଅଧିକ ରହିଲେ ଏଲ୍–ନିନୋ ସକ୍ରିୟ ହୁଏ । ଚଳିତବର୍ଷ ଏହି ତାପମାତ୍ରା ୨ ଡିଗ୍ରୀରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଥିବାରୁ ଏହାକୁ 'ସୁପର୍ ଏଲ୍–ନିନୋ' ବୋଲି କୁହାଯାଉଛି ।**

ଏଲ୍–ନିନୋ ହେଉଛି ଏକ ପ୍ରାକୃତିକ ଜଳବାୟୁର ପ୍ରକ୍ରିୟା, ଯାହା ସାରା ପୃଥିବୀର ପାଣିପାଗକୁ ପ୍ରଭାବିତ କରିଥାଏ । ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଏବଂ ପୂର୍ବ ଅଂଶର ସମୁଦ୍ର ଜଳ ସାଧାରଣ ତାପମାତ୍ରାଠାରୁ ଅଧିକ ଗରମ ହେଲେ ଏଲ୍–ନିନୋ ସୃଷ୍ଟି ହୁଏ, ଯାହା ବିଜ୍ଞାନସମ୍ମତ । ଯେତେବେଳେ ଉଷ୍ମତା ଅସାଧାରଣ ଭାବରେ ତୀବ୍ର ଏବଂ ବ୍ୟାପକ ହୁଏ, ସେତେବେଳେ ସୁପର ଏଲ୍–ନିନୋ ପ୍ରଘଟ ହୁଏ । ପ୍ରଶାନ୍ତ ମହାସାଗରରେ ଜଳସ୍ତର ଉପରି ଭାଗର ତାପମାତ୍ରା ସ୍ୱାଭାବିକଠାରୁ ୨ ଡିଗ୍ରୀ ଅଧିକ ରହିଲେ ଏଲ୍–ନିନୋ ସକ୍ରିୟ ହୁଏ । ଚଳିତବର୍ଷ ଏହି ତାପମାତ୍ରା ୨ ଡିଗ୍ରୀରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଥିବାରୁ ଏହାକୁ 'ସୁପର୍ ଏଲ୍–ନିନୋ' ବୋଲି କୁହାଯାଉଛି । ଏହା ପ୍ରତି ଦୁଇ ବର୍ଷରୁ ସାତବର୍ଷ ବ୍ୟବଧାନରେ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥାଏ ଏବଂ ସମଗ୍ର ବିଶ୍ୱର ଜଳବାୟୁକୁ ପ୍ରଭାବିତ କରିଥାଏ ।

ଏଲ୍–ନିନୋର ପ୍ରକୋପ କେବଳ ଯେ ଏ ବର୍ଷ ପ୍ରଥମ କରି ବିଶ୍ୱ ଜଳବାୟୁକୁ ପ୍ରଭାବିତ କରୁଛି ତାହା ନୁହେଁ । ଏହା ପୂର୍ବରୁ ଅନେକ ଥର ଏଲ୍–ନିନୋ ଆସି ବିଶ୍ୱ ଜଳବାୟୁକୁ ପ୍ରଭାବିତ କରିସାରିଥିଲା । କୃଷି ଓ ପାଣିପାଗ ତଥ୍ୟ ମୁତାବକ ୧୯୮୨, ୧୯୮୭, ୨୦୦୨ ଏବଂ ୨୦୦୯ରେ ଏଲ୍–ନିନୋ ପ୍ରଭାବ ଯୋଗୁଁ ଓଡ଼ିଶାରେ ଭୟଙ୍କର ମରୁଡ଼ି ପଡ଼ିଥିଲା । ତନ୍ମଧ୍ୟରୁ ଓଡିଶାରେ ୨୦୦୨ ସବୁଠାରୁ ଭୟାନକ ମରୁଡ଼ି ବର୍ଷ ଥିଲାବେଳେ ୨୦୦୯ରେ ଭୂ–ତଳ ଜଳସ୍ତର ବହୁତ କମିଯାଇଥିଲା । ସେହି ବର୍ଷରେ ନିଅଣ୍ଟିଆ ବର୍ଷା ହେବାରୁ କୃଷି କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା, ଯାହାଫଳରେ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଭାଙ୍ଗି ପଡ଼ିଥିଲା । ସେତେବେଳେ ଓଡ଼ିଶାରେ ପିଇବା ପାଣି ପାଇଁ ହାହାକାର ପରିସ୍ଥିତି ଦେଖା ଦେଇଥିଲା ।

ଏଲ୍–ନିନୋ କେବଳ ଭାରତକୁ ନୁହେଁ, ସାରା ପୃଥିବୀକୁ ପ୍ରଭାବିତ କରିଥାଏ । ୧୯୮୨–୮୩ରେ, ୧୯୯୭–୯୮ରେ ଏବଂ ୨୦୧୫–୧୬ରେ ଏଲ୍–ନିନୋର ଭୟଙ୍କର ରୂପ ତଥା ପାଣିପାଗରେ ପରିବର୍ତ୍ତନ ସୃଷ୍ଟି ହେବାଦ୍ୱାରା ପ୍ରବଳ ଉତ୍ତାପ ଅନୁଭୂତ ହୋଇଥିଲା, ଯାହା ବିଶ୍ୱରେ ପ୍ରମୁଖ ପାଗ ବିଭ୍ରାଟ ଏବଂ ରେକର୍ଡ଼ ତାପମାତ୍ରା ସୃଷ୍ଟି କରିଥିଲା । ୧୯୮୨–୮୩କୁ ଶକ୍ତିଶାଳୀ ଏଲ୍–ନିନୋର ବର୍ଷ ଭାବେ ଗଣାଯାଉଥିବା ବେଳେ ୧୯୯୭–୯୮ରେ ଉପୁଜିଥିବା ସୁପର ଏଲ୍–ନିନୋ ବିଶ୍ୱର ଅତ୍ୟନ୍ତ ଶକ୍ତିଶାଳୀ ଏଲ୍–ନିନୋ ମଧ୍ୟରୁ ଗୋଟିଏ ଥିଲା । ପୃଥିବୀରେ ଅନେକ ଦେଶରେ ଭୟଙ୍କର ବନ୍ୟା, ପ୍ରବଳ ଖରା, ଜଙ୍ଗଲ ଅଗ୍ନିକାଣ୍ଡ ଭଳି ଅଘଟଣ ପରିସ୍ଥିତି ଦେଖାଯାଇଥିଲା ।

ତାପମାତ୍ରା ଅତ୍ୟଧିକ ଥିବା ସତ୍ତ୍ୱେ ସେହି ବର୍ଷ ଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାରୁ ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିଲା । ସେହିପରି ୨୦୧୫–୧୬ରେ ସୁପର ଏଲ୍–ନିନୋ ଯୋଗୁଁ ଅତ୍ୟଧିକ ଉତ୍ତାପ ସୃଷ୍ଟି ହୋଇ ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା । ଏହାର ୧୦ ବର୍ଷ ବ୍ୟବଧାନରେ ତଥା ଚଳିତ ବର୍ଷ ଏଭଳି ଅବସ୍ଥା ଦେଖିବାକୁ ମିଳିବ, ଯାହାକୁ ନେଇ ସମସ୍ତଙ୍କୁ ଚିନ୍ତା ଘାରିଛି ।

ପାଣିପାଗକୁ ଲକ୍ଷ୍ୟ କଲେ, ଜଣାଯାଏ ଚଳିତବର୍ଷ ସୁପର ଏଲ୍–ନିନୋ ପ୍ରଭାବ ଦେଶ ତଥା ରାଜ୍ୟରେ ଆରମ୍ଭ ହୋଇ ସାରିଲାଣି । କିନ୍ତୁ ଏହାକୁ ନେଇ ଅଯଥା ଭୟଭୀତ କିମ୍ବା ମାନସିକ କ୍ଷେତ୍ରରେ ଚାପଗ୍ରସ୍ତ ନହୋଇ ସମସ୍ତେ ସଚେତନ ଓ ପ୍ରସ୍ତୁତ ରହିବା ଅଧିକ ଜରୁରୀ ମନେହୁଏ ।

ସେଥିପାଇଁ ପରିବେଶକୁ ସୁରକ୍ଷା ଦେବା ଏବଂ ସଚେତନତା ହିଁ ହେଉଛି ଏକମାତ୍ର ଉପାୟ, ଯାହାଦ୍ୱାରା ଆମେ ଏଭଳି ପ୍ରାକୃତିକ ତାଣ୍ଡବରୁ ରକ୍ଷା ପାଇପାରିବା । ଆଗାମୀ ଦିନଗୁଡ଼ିକରେ ଏହିଭଳି ପ୍ରାକୃତିକ ସମସ୍ୟା ସୃଷ୍ଟି ନହେବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଅତିକମ୍‌ରେ ଗୋଟିଏ ଗଛ ଲଗାଇବା ଉଚିତ୍ । କେବଳ ଗଛ ଲଗାଇଲେ ହେବ ନାହିଁ, ସେହି ଗଛଟିକୁ ବଡ଼ ହେବା ପର୍ଯ୍ୟନ୍ତ ତା'ର ସୁରକ୍ଷା ଓ ଯତ୍ନ ନେବା ମଧ୍ୟ ଜରୁରୀ। ଯଦି ଆମେ ଏକ ସୁସ୍ଥ ଓ ସୁନ୍ଦର ପୃଥିବୀ ଗଢ଼ିବାକୁ ଚାହୁଁଛୁ, ତେବେ ଆଜିଠାରୁ ହିଁ ବୃକ୍ଷରୋପଣକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ହେବ । ସମସ୍ତେ ମିଶି ଗଛ ଲଗାଇଲେ ହିଁ ଆମ ପରିବେଶ ସୁସ୍ଥ ଏବଂ ସବୁଜ ହୋଇପାରିବ। ତେବେଯାଇ ପ୍ରକୃତି ଦେଉଥିବା ଆଜୀବନ କାରାଦଣ୍ଡରୁ ଯଥା ଶୀଘ୍ର ମୁକ୍ତ ମିଳିପାରିବ।

**ବାଲେଶ୍ୱର,**
**ମୋ–୯୩୩୭୪୦୪୨୫୪**

# ସମ୍ବାଦପତ୍ରର ପାଠକଙ୍କ କଥା

**ବୈଷ୍ଣବ ମେହେର**

ଜଣେ ଲେଖକ ପାଇଁ ପାଠକୀୟ ପ୍ରତିକ୍ରିୟା ହେଉଛି ସବୁଠାରୁ ବଡ଼ ଆନନ୍ଦକର ଉପଲବ୍ଧି । ସେ ଚିଠିପତ୍ର, ସାମାଜିକ ଗଣମାଧମ କିମ୍ବା ସିଧାସଳଖ ଫୋନ ମାଧ୍ୟମରେ ହେଉ । ବିଭିନ୍ନ ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ମୋର ପ୍ରବନ୍ଧ ପଢିଲା ପରେ ଅନେକ ପାଠକ ପ୍ରଶଂସାଭରା ଫୋନ କରନ୍ତି ତ କିଛି ଗଠନମୂଳକ ପରାମର୍ଶ ମଧ୍ୟ ଦିଅନ୍ତି । ଏମିତି ଉତ୍ସାହପୂର୍ଣ୍ଣ ପାଠକୀୟ ଉକ୍ତି ପ୍ରାପ୍ତ ହେଲା ପରେ ମୋ ମନରେ ଯେତିକି ଖୁସି ଅନୁଭବ ହେବା କଥା ସେତିକି ହୋଇ ପାରେ ନାହିଁ । ବରଂ ମନରେ ଏକ ଦୁଃଖର ଛାୟା ଏଇଥି ପାଇଁ ଖେଳିଯାଏ ଯେ, ସେ ଲେଖାଗୁଡିକ ପଢି ନିଜର ପ୍ରତିକ୍ରିୟା ରଖୁଥିବା ପାଠକ ସମୂହଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ୬୦ରୁ ଉର୍ଦ୍ଧ୍ୱ ବୟସର ହୋଇଥିବା ବେଳେ ପ୍ରାୟ ୩୦ପ୍ରତିଶତ ୫୦ରୁ ୬୦ ବର୍ଷ ବୟସ ମଧ୍ୟରେ ରହିଥିବା ତାଙ୍କ ସହ ଆଳାପ ପରେ ଜଣାପଡେ ।

ସେହିପରି ମୋର ବ୍ୟକ୍ତିଗତ ଅନୁଭୂତି ଅନୁଯାୟୀ ପ୍ରାୟ ୧୫ ପ୍ରତିଶତ ୪୦ ରୁ ୫୦ ବର୍ଷ ବୟସର ଓ ୫ ପ୍ରତିଶତରୁ ବି କମ୍ ୪୦ ତଳକୁ ଥାନ୍ତି । ୩୦ ବର୍ଷରୁ କମ୍ ବୟସର ପାଠକ କାଁଭାଁ କିମ୍ବା ଆଦୌ ନଥାନ୍ତି କହିଲେ ଚଳେ । ଏଥିରୁ ସ୍ପଷ୍ଟ ହୁଏ ଯେ ସମ୍ପାଦକୀୟ ପୃଷ୍ଠା କେଉଁମାନେ ପାଠ କରୁଛନ୍ତି । ବୟସର ଅପରାହ୍ନରେ ଯେଉଁମାନଙ୍କ କଥାର ମୂଲ୍ୟ ନିଜ ପରିବାର ମଧ୍ୟରେ ରହେ ନାହିଁ ସେହି ବୟସର ପାଠକ ସମ୍ପାଦକୀୟ ପଢି ସମାଜରେ କେତେ ପରିବର୍ତ୍ତନ ଆଣିବାକୁ ସମର୍ଥ ହେବେ, ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରେ ।

ପ୍ରାୟତଃ କୌଣସି ଖବରକାଗଜର ସମ୍ପାଦକୀୟ ପୃଷ୍ଠା ଚମକପ୍ରଦ କିମ୍ବା ମନୋରଞ୍ଜନ ଧର୍ମୀ ହୋଇନଥାଏ । ସେଥିରେ ବିଶେଷ ଭାବରେ ରାଜ୍ୟ, ଦେଶ, ବିଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଶେଷଜ୍ଞଙ୍କ ବିଶ୍ଳେଷଣ ଏବଂ ସମ୍ପୃକ୍ତ ସମ୍ପାଦକଙ୍କ ସ୍ୱତନ୍ତ୍ର ସ୍ତମ୍ଭ ପ୍ରକାଶ ପାଇଥାଏ । ସେଥିପାଇଁ ପ୍ରାୟତଃ ଏହି ପୃଷ୍ଠାକୁ ଗମ୍ଭୀର ଓ ଚିନ୍ତାଶୀଳ ପାଠକମାନେ ହିଁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଭାରତର ଅଡିଟ ବ୍ୟୁରୋ ଅଫ ସର୍କୁଲେସନ (ଏବିସି) ଏବଂ ଇଣ୍ଡିଆନ ରିଡରସିପ ସର୍ଭେ (ଆଇଆରଏସ) ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଖବରକାଗଜର ପାଠକ ସଂଖ୍ୟା ଏକ କୋଟିରୁ ଅଧିକ । ମାତ୍ର ଉକ୍ତ ରିପୋର୍ଟ ଅନୁଯାୟୀ ଖବରକାଗଜଗୁଡିକର ସମ୍ପାଦକୀୟ ପୃଷ୍ଠା ପଢୁଥିବା ପାଠକଙ୍କ ସଂଖ୍ୟା ହାରାହାରି ପ୍ରାୟ ୧୫ ପ୍ରତିଶତରୁ ୨୫ ପ୍ରତିଶତ ମଧ୍ୟରେ ରହିଛି ।

ତଥ୍ୟ ଅନୁସାରେ ୪୫ବର୍ଷରୁ ଅଧିକ ବୟସର ପାଠକମାନେ ସମ୍ପାଦକୀୟ ପୃଷ୍ଠାର ସର୍ବାଧିକ ପାଠକ ରହିଥାନ୍ତି । ଏମାନଙ୍କ ମଧ୍ୟରୁ ହାରାହାରି ୪୫ ପ୍ରତିଶତରୁ ୫୦ ପ୍ରତିଶତ ପାଠକ ନିୟମିତ ସମ୍ପାଦକୀୟ ପଢୁଥିବା ଜଣାଯାଏ । ଅପରପକ୍ଷେ ୩୦ରୁ ୪୫ ବର୍ଷ ମଧ୍ୟରେ ଥିବା କର୍ମଜୀବୀ ବର୍ଗର ପାଠକମାନଙ୍କ ମଧ୍ୟରୁ ପ୍ରାୟ ୩୦ରୁ ୩୫ ପ୍ରତିଶତ ପାଠକ ସମ୍ପାଦକୀୟ ପୃଷ୍ଠା ପଢ଼ିବାକୁ ପସନ୍ଦ କରନ୍ତି । ୧୮ରୁ ୩୦ ବର୍ଷର ଯୁବ ପାଠକ ସଂଖ୍ୟା ଯଦିଓ ଅଧିକ ରହିଛି, ତଥାପି ସମ୍ପାଦକୀୟ ପଢ଼ିବାର ଆଗ୍ରହ ସେମାନଙ୍କ ସବୁଠାରୁ କମ୍ ରୁହେ । ତେଣୁ ପ୍ରାୟ ୧୫ରୁ ୨୦ ପ୍ରତିଶତ ଏହି ବର୍ଗର ପାଠକ ସମ୍ପାଦକୀୟ ପଢୁଥିବା ଜଣାଯାଏ । ଖବରକାଗଜର ସାଧାରଣ ପଠନ ହାରକୁ ଯଦି ଦେଖିବା ତେବେ ମୋଟ ପାଠକଙ୍କ ମଧ୍ୟରୁ ପ୍ରାୟ ୨୪ରୁ ୨୫ ପ୍ରତିଶତ ପାଠକ ନିୟମିତ ସମ୍ପାଦକୀୟ ପଢୁଥିବା ବେଳେ ପ୍ରାୟ ୭୫ ପ୍ରତିଶତରୁ ଅଧିକ ଖବରକାଗଜ ଓଲଟାଇବା ସମୟରେ ସମ୍ପାଦକୀୟ ପୃଷ୍ଠା ଉପରେ କେବଳ ଦୃଷ୍ଟି ପକାଇଥାନ୍ତି ।

ସାଧାରଣ ପାଠକଙ୍କ ମଧ୍ୟରୁ ଯୁବ ବର୍ଗ ଅର୍ଥାତ ୧୮ ରୁ ୨୪ ବର୍ଷର ପାଠକମାନେ ମୁଖ୍ୟତଃ ଶିକ୍ଷା, ସାଧାରଣ ଜ୍ଞାନ, ଚାକିରି, ଟେକନୋଲୋଜି ଏବଂ ଖେଳ ସମ୍ବନ୍ଧିତ ଖବର ପଢିବାକୁ ଅଧିକ ପସନ୍ଦ କରନ୍ତି । କର୍ମକ୍ଷେତ୍ରରେ କାର୍ଯ୍ୟରତ ୨୫ରୁ ୩୪ ବର୍ଷ ବୟସ୍କ ପାଠକମାନେ ପ୍ରାୟ କରି ରାଜନୀତି, ବାଣିଜ୍ୟ, ସାମାଜିକ ଘଟଣାବଳୀ ପ୍ରତି ଆଗ୍ରହ ଦେଖାଇଥାନ୍ତି ।

୩୫ ରୁ ୪୪ ବର୍ଷର ପାରିବାରିକ ଓ ବ୍ୟବସାୟିକ ବର୍ଗର ପାଠକମାନେ ସ୍ଥାନୀୟ ଖବର, ଜାତୀୟ ଖବର, ଅର୍ଥନୀତି ସମ୍ବନ୍ଧିତ ଓ ଆଉ କେତେଜଣ ସମ୍ପାଦକୀୟ ପଢିଥାନ୍ତି । ସେହିପରି ୪୫ ବର୍ଷରୁ ଅଧିକ ବରିଷ୍ଠ ବର୍ଗର ପାଠକମାନେ ବିଶେଷକରି ସମ୍ପାଦକୀୟ ପୃଷ୍ଠା ତଥା ବିସ୍ତୃତ ନିଶ୍ଳେଷଣାତ୍ମକ ଖବର ପଢିବାକୁ ପ୍ରାୟତଃ ପସନ୍ଦ କରୁଥିବା ରିପୋର୍ଟରୁ ଜଣାଯାଏ ।

ଇଣ୍ଟରନେଟ, ଭିଡିଓ ଏବଂ ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଇବା ସହ ଦୂରଦର୍ଶନ ମାଧ୍ୟମରେ ତୁରନ୍ତ ଖବର ପରିବେଷଣଦ୍ୱାରା ଖବରକାଗଜ ପାଠକଙ୍କ ସଂଖ୍ୟା କମିବାରେ ଲାଗିଛି । ବିଶେଷକରି ଆଜିର ଯୁବସମାଜ ମଧ୍ୟରେ ଅନୁସନ୍ଧିତ୍ସା କମିବା ଯୋଗୁଁ ସେମାନଙ୍କ ମଧ୍ୟରେ ଖବରକାଗଜ ପଢିବାର ସ୍ପୃହା କମି କମି ଯାଉଛି । ଅଧିକ ବିଷୟରେ ଜାଣିବାର ଆଗ୍ରହ ରହୁନାହିଁ । କେବଳ ଅର୍ଥ ରୋଜଗାର କରିବାର ନିଶା ସମସ୍ତଙ୍କୁ ମତୁଆଲା କରୁଛି ଓ ଏହିଭଳି ଦ୍ରୁତଗାମୀ ଜୀବନଶୈଳୀ ଯୋଗୁଁ ମଧ୍ୟ ସମ୍ପାଦକୀୟ ପୃଷ୍ଠାର ବଡ଼ ବଡ଼ ଆଲେଖ୍ୟ ପଢିବାକୁ ପାଠକଙ୍କ ଆଗ୍ରହ ପାଉନାହିଁ । କିନ୍ତୁ କେହି ଏକଥା ଭୁଲିଯିବା ଉଚିତ ନୁହଁ ଯେ ଖବରକାଗଜର ସମ୍ପାଦକୀୟ ପୃଷ୍ଠା ହିଁ ପାଠକର ଜ୍ଞାନମଣ୍ଡଳକୁ ବ୍ୟାପକ କରିବା ସହ ଦେଶ ବିଦେଶର ସାମ୍ପ୍ରତିକ ପ୍ରସଙ୍ଗ ଉପରେ ପରିଚିତ କରାଇଥାଏ । ଏହାଦ୍ୱାରା ଜଣେ ଅନେକ ପ୍ରସଙ୍ଗରେ ନିଜ ଦୃଷ୍ଟିଭଙ୍ଗୀ ଅନୁଯାୟୀ ବିଶ୍ଳେଷଣ କରିବା ସହ ବିଭିନ୍ନ ବିଷୟରେ ବିଚାର ବିମର୍ଷ କରିବାରେ ନିଜକୁ ସମର୍ଥ କରିପାରେ ।

**ସିନାପାଲି, ନୂଆପଡା**
**ମୋ–୯୭୭୭୭୫୩୯୩୫**

# ଈଶ୍ୱର ସବୁଠାରେ ଅଛନ୍ତି

**ଲଳିତ ମୋହନ ମିଶ୍ର**

ବିଶ୍ୱବ୍ରହ୍ମାଣ୍ଡର କୋଣ ଅନୁକୋଣରେ , ପ୍ରତିଟି ଅଣୁ–ପରମାଣୁରେ ଏବଂ ସମସ୍ତ ଜୀବନ ମଧ୍ୟରେ ପରମାତ୍ମା ବିରାଜମାନ । ସଂସ୍କୃତର ପ୍ରସିଦ୍ଧ ସୂକ୍ତି 'ଈଶାବାସ୍ୟମିଦଂ ସର୍ବଂ ଯତ୍‌କିଞ୍ଚିତ ଜଗତ୍ୟାଂ ଜଗତ' ଅର୍ଥାତ୍ ଏହି ଗତିଶୀଳ ସଂସାରରେ ଯାହା କିଛି ବିଦ୍ୟମାନ, ସେ ସବୁଥରେ ଈଶ୍ୱରୀୟ ସତ୍ତା ବ୍ୟାପ୍ତ ।

ଏହା କେବଳ ଧାର୍ମିକ ବିଶ୍ୱାସ ନୁହେଁ, ବରଂ ପରମ ଆଧ୍ୟାତ୍ମିକ ଓ ଦାର୍ଶନିକ ସତ୍ୟ । ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ କହିଛନ୍ତି, ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେର୍ଜୁନ ତିଷ୍ଠନ୍ତି । ଅର୍ଥାତ୍ ହେ ଅର୍ଜୁନ ! ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ବାସ କରନ୍ତି । ଯେପରି ସୂର୍ଯ୍ୟଙ୍କ କିରଣ ପ୍ରତ୍ୟେକ ଜଳପାତ୍ରରେ ପ୍ରତିଫଳିତ ହେଲେ ଅନେକ ଗୁଡିଏ ସୂର୍ଯ୍ୟ ଦେଖାଯାନ୍ତି, ମାତ୍ର ପ୍ରକୃତରେ ସୂର୍ଯ୍ୟ ଏକ ସେହିପରି ସମସ୍ତଙ୍କ ଶରୀର ଭିନ୍ନ ହେଲେ ହେଁ ସେମାନଙ୍କ ମଧ୍ୟରେ ଥିବା ଚେତନା ବା ଆତ୍ମା ଏକ ଓ ଅଭିନ୍ନ ।

ଥରେ ରାମକୃଷ୍ଣ ପରମହଂସ ରାତିରେ ପଞ୍ଚବଟୀ ଜଙ୍ଗଲକୁ ଧ୍ୟାନ କରିବାକୁ ଯାଉଥିଲେ । ପଞ୍ଚବଟୀ ଜଙ୍ଗଲ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ । ତେଣୁ ରାତି କଥା କ'ଣ କୁହାଯିବ, ଦିନରେ ମଧ୍ୟ ସେଠାକୁ କେହି ଯିବାକୁ ପସନ୍ଦ କରନ୍ତି ନାହିଁ । ରାମକୃଷ୍ଣ ପରମହଂସଙ୍କ ଭଣଜା ହୃଦୟରାମ ଦେଖୁଥିଲେ ଯେ ପ୍ରତିଦିନ ପରମହଂସ ଜଙ୍ଗଲକୁ ଯାଆନ୍ତି । ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । ହୃଦୟରାମ ତାଙ୍କର ବହୁତ ସେବା କରୁଥିଲେ । ଦିନେ ସେ ପଚାରିଲେ, ମାମୁଁ !

ତୁମେ ପ୍ରତିଦିନ ରାତିରେ ଧ୍ୟାନ କରିବା ପାଇଁ ବିପଦପୂର୍ଣ୍ଣ ଜଙ୍ଗଲକୁ କାହିଁକି ଯାଉଅଛ ? ସ୍ୱାମୀଜୀ ଉତ୍ତର ଦେଲେ, ନା... ହୃଦୟରାମ ଜଙ୍ଗଲ ବିପଦ ନୁହେଁ । ମୁଁ ସେଠାରେ ଈଶ୍ୱରଙ୍କ ଅନୁଭବ କରେଛ ସେଠାରେ କିଛି ବିପଦପୂର୍ଣ୍ଣ ନାହିଁ । ସ୍ଥାନଟି ଶାନ୍ତ ଏବଂ ନିରବ ନିଶ୍ଚଳ । ଈଶ୍ୱରଙ୍କ ଚିନ୍ତନ କେବଳ ଶାନ୍ତ ପରିବେଶରେ ସମ୍ଭବ । ହୃଦୟରାମ ଭୟ ପ୍ରକାଶ କରି କହିଲେ, ସେଠାରେ ହିଂସ୍ର ବନ୍ୟପ୍ରାଣୀ ଅଛନ୍ତି, ଯାହା ଆପଣଙ୍କ ପାଇଁ ବିପଦ ସୃଷ୍ଟି କରିପାରନ୍ତି । ସ୍ୱାମୀଜୀ ଶ୍ରଦ୍ଧାର ସହିତ ଉତ୍ତର ଦେଲେ, ଭଗବାନ ସମସ୍ତଙ୍କ ଠାରେ ଅଛନ୍ତି । ମୁଁ ଈଶ୍ୱରଙ୍କ ବ୍ୟତୀତ ଆଉ କାହାକୁ ଦେଖିନାହିଁ । ବାସ୍ତବରେ ଯଦି ତୁମେ ପ୍ରତ୍ୟେକ ଜୀବ ମଧ୍ୟରେ ଈଶ୍ୱରଙ୍କୁ ଖୋଜିବ, ତେବେ ତୁମେ ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ପାଇବ । ଈଶ୍ୱରଙ୍କୁ ପାଇବା ପାଇଁ ଜଙ୍ଗଲକୁ ଯିବା, ହିମାଳୟର ଗୁମ୍ଫା ଭିତରେ ବସିବା କିମ୍ବା କେବଳ ମନ୍ଦିର–ମସଜିଦ୍‌ରେ ଖୋଜିବା ଯଥେଷ୍ଟ ନୁହେଁ । ପ୍ରକୃତ ଧର୍ମ ଓ ଦର୍ଶନ ହେଉଛି ନିଜ ଅନ୍ତରକୁ ନିରୀକ୍ଷଣ କରିବା ଏବଂ ସମଗ୍ର ସୃଷ୍ଟିକୁ ପ୍ରେମପୂର୍ଣ୍ଣ ଚକ୍ଷୁରେ ଦେଖିବା । ଯେଉଁଦିନ ମଣିଷ ପ୍ରତିଟି ଜୀବ ମଧ୍ୟରେ ସେହି ଅଦୃଶ୍ୟ, ଅନନ୍ତ ଚେତନାକୁ ଅନୁଭବ କରିପାରିବ, ସେଦିନ ସଂସାରରୁ ହିଂସା, ଦ୍ୱେଷ ଓ ଅହଙ୍କାରର ବିନାଶ ହେବଛ ସର୍ବବ୍ୟାପୀ ଈଶ୍ୱରଙ୍କୁ ସମସ୍ତଙ୍କ ଠାରେ ଦର୍ଶନ କରିବା ହିଁ ମାନବ ଜୀବନର ସର୍ବୋଚ୍ଚ ସାର୍ଥକତା ।

**ନୟାଗଡ଼,**
**ମୋ–୯୪୩୭୯୮୫୮୬୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଅନାଥାଶ୍ରମରେ ବିଶ୍ୱ ପରିବେଶ ଦିବସରେ ସଚେତନତା ଶିବିର

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ହ୍ୟୁମାନ ପୋଟେନସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ସ୍ୱାର୍କ ପ୍ରାଇଭେଟ ଲିମିଟେଡ଼, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଡୁମୁଡୁମାସ୍ଥିତ ଆଶ୍ରୟ ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟ୍ ର ପିଲାମାନଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ପ୍ରଫେସର ଶୁଭେନ୍ଦୁ କୁମାର ଦାଶ, ସମ୍ମାନିତ ଅତିଥି ଶ୍ରୀମତୀ ଜସ୍ମିତା ଦାଶ, ଆଶ୍ରୟର ପ୍ରତିଷ୍ଠାତା ଡକ୍ଟର ବିନାୟକ ପଲାଇ, ଏଚ୍.ପି.ଡି. ଟ୍ରଷ୍ଟର ଟ୍ରଷ୍ଟି ସଂଗ୍ରାମ କେଶରୀ ପଟ୍ଟନାୟକ ଏହାର ବିଷୟବସ୍ତୁ ଗୋ ଗ୍ରୀନ୍ ବ୍ରିଦ୍ କ୍ଲିନ ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଏବେଠାରୁ



ପରିବେଶ ସୁରକ୍ଷାର ଦାୟିତ୍ୱ ବିଷୟରେ ବୁଝାଇବା ପାଇଁ ସ୍ୱାର୍କ ପ୍ରାଇଭେଟ ଲିମିଟେଡ଼ର ଜେନେରାଲ ମ୍ୟାନେଜର ସୁଜିତ କୁମାର ଦାସ ଏକ ସଂକ୍ଷିପ୍ତ ଭିଡିଓ ପ୍ରଦର୍ଶନ କରିଥିଲେ ଏବଂ ସ୍ୱାର୍କର କର୍ପୋରେଟ ବ୍ୟାପାର ମୁଖ୍ୟ ଶ୍ରୀମତୀ ଶୁଭ୍ରା ମିଶ୍ର ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଚ୍.ପି.ଡି ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ରାଜ କୁମାର ସୂତାର ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ, ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀମତୀ ମୀନା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

# ମୋକିମ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ

କଟକ(ସବ୍ୟୁ) ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କଟକର ପ୍ରତିଷ୍ଠିତ ସଂଗଠନ 'ମୋକିମ ଫାଉଣ୍ଡେସନ' ପକ୍ଷରୁ ସ୍ଥାନୀୟ କୃଷକ ବଜାରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ପ୍ରତିଷ୍ଠାତା ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ହସ୍ତରେ ବୃକ୍ଷରୋପଣ କରିବା ସହ ଏହାର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ସମୟରେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସଙ୍କଟ ଭାବେ ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ସେ ଶ୍ରୀ ମୋକିମ କହିଥିଲେ । ଶେଷରେ ଫାଉଣ୍ଡେସନର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ରଞ୍ଜନ କର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।



## ଜୁନ୍ ୧୨ରୁ ଆଇଏନ୍‌ଡବ୍ଲୁଇସିର ରଜ ମଉଜ

# ପ୍ରଦର୍ଶନୀ ସହ ମିଳିବ ଓଡ଼ିଆ ଖାଦ୍ୟର ମଜା

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ମହିଳା ଉଦ୍ୟୋଗୀ ପରିଷଦ, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ତତ୍ତ୍ୱାବଧାନରେ, ଏହାର ଆଗାମୀ ସାଂସ୍କୃତିକ ଏବଂ ଉଦ୍ୟୋଗୀ କାର୍ଯ୍ୟକ୍ରମ ଆଇଏନଡବ୍ଲୁଇସି ରଜ ମଉଜ ୨୦୨୬ ଘୋଷଣା କରିଛି। ଯାହାକି ଜୁନ୍ ୧୨ ରୁ ଜୁନ୍ ୧୪ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ ପାଲ ହାଇଟ୍ସରେ ଅନୁଷ୍ଠିତ ହେବ। ଏହି ତିନି ଦିନିଆ କାର୍ଯ୍ୟକ୍ରମ ମହିଳା ଉଦ୍ୟୋଗୀ କଳାକାର, ପ୍ରଦର୍ଶକ ଏବଂ ଦର୍ଶକଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବ। ସଂସ୍କୃତି, ପର୍ଯ୍ୟଟନ, ଶିଳ୍ପ, ଦକ୍ଷତା ବିକାଶ ଏବଂ ଯୁବ ବ୍ୟାପାର ବିଭାଗ ସମେତ ଓଡ଼ିଶା ସରକାରଙ୍କ ସକ୍ରିୟ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବା, ଐତିହ୍ୟକୁ ସଂରକ୍ଷଣ କରିବା ମୁଖ୍ୟ ଉଦ୍ଦେଶ୍ୟ। ଏହାର ମୂଳରେ, ଆଇଏନଡବ୍ଲୁଇସି ରଜ ମଉଜ ୨୦୨୬ ମହିଳା ନେତୃତ୍ୱାଧୀନ ବ୍ୟବସାୟ ଏବଂ ଉଦ୍ୟୋଗ ଗୁଡିକୁ ଆଲୋକପାତ କରିବ। ହସ୍ତଶିଳ୍ପ, ଫ୍ୟାଶନ୍, ଜୀବନଶୈଳୀ, ସୁସ୍ଥତା, ଖାଦ୍ୟ ଏବଂ ଶିଳ୍ପ ଭଳି କ୍ଷେତ୍ରଗୁଡିକରେ ଏକ ସଂଗୃହୀତ ପ୍ରଦର୍ଶନୀ ରେ ସ୍ଥାନ ପାଇବ। ଏହି ମହୋତ୍ସବ ପ୍ରଦର୍ଶନୀ, କର୍ମଶାଳା, ପ୍ରଦର୍ଶନ ଏବଂ ସଂଗୃହୀତ ଜନସାଧାରଣ ବ୍ୟବସ୍ଥିତ ପାଇଁ ଡିଜାଇନ୍ କରାଯାଇଥିବା ସଂକ୍ଷେପରେ ଆଲୋଚନାର ଏକ ଗତିଶୀଳ ମିଶ୍ରଣ ଉପସ୍ଥାପନ କରିବ। ରଜ ମଉଜ ୨୦୨୬ ର ପ୍ରମୁଖ ଆକର୍ଷଣ - ୧୨, ୧୩,୧୪ ଜୁନ୍ ୨୦୨୬ରେ, ହେଉଛି ମହିଳା ଉଦ୍ୟୋଗୀମାନଙ୍କର ପ୍ରଦର୍ଶନୀ ଏବଂ ସଫିଂ ଅଭିଜ୍ଞତା , ଓଡ଼ିଆ ଡିଜାଇନର୍ ଏବଂ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ ,ଓଡ଼ିଆ ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଉତ୍ସବ , ଭୋକାଲ ଫର ଲୋକାଲ ଉପରେ ଗୁରୁତ୍ୱ , ମାଷ୍ଟରସେଫ୍ ବିଜେତା ଏବଂ ବିଶେଷଜ୍ଞ ରୋଷେୟାଙ୍କ ଦ୍ୱାରା ସଂଗୃହୀତ ଖାଦ୍ୟ ଅଭିଜ୍ଞତା ଏବଂ ଲାଇଭ୍ ସ୍ୱାଦ , ପାରମ୍ପରିକ ଓଡ଼ିଆ କଳା ଏବଂ ହସ୍ତଶିଳ୍ପ କର୍ମଶାଳା ଯେଉଁଥିରେ ପଟ୍ଟଚିତ୍ର ଚିତ୍ରକଳା, ଝୋଟି , ସୌର ଚିତ୍ରକଳା, ଓଡ଼ିଆ ପିଠା ଓ ମିଠା, ଫୋକ୍ ଡ୍ୟାନ୍ସ, ରଜ ସଜ ବାଜ, ସଂସ୍କୃତି ସାହିତ୍ୟ, ହସ୍ତତନ୍ତ, ସଙ୍ଗୀତ ଏବଂ ସିନେମା ଉପରେ ପ୍ୟାନେଲ୍ ଆଲୋଚନା, ଏବଂ ସାଂସ୍କୃତିକ ପ୍ରତୀକମାନଙ୍କୁ ନେଇ ଏକ ମହାନ ସଙ୍ଗୀତ ସମାପ୍ତି ରହିବ।




ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ଏବଂ ସାଂସ୍କୃତିକ ପ୍ରତୀକମାନେ ଯୋଗଦେବେ।

# ଓଡ଼ିଶା ବିକାଶ ମହାମଞ୍ଚ ଓ ମମତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର (ସବ୍ୟୁ): ନିଳାଦ୍ରୀ ବିହାର ଏଟିଏମ୍ ଏକ ସ୍ଥିତ ଶ୍ରୀ ଶନିମନ୍ଦିର ପରିସରରେ ଓଡ଼ିଶା ବିକାଶ ମହାମଞ୍ଚ ଓ ମମତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ମମତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡାକ୍ତର ମମତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସଭାପତି ଆନନ୍ଦ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଓ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବିଜୟା ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଥିବା ତାପମାତ୍ରା କେବଳ ମନୁଷ୍ୟକୃତ ଓ ଏହାର ନିରାକରଣ ନିମିତ୍ତ ବହୁ ପରିମାଣରେ ବୃକ୍ଷ ରୋପଣ କରିବାର ସଂକଳ୍ପ ବଦ୍ଧ ହେବାର ଆବଶ୍ୟକତା ରହିଅଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ପୃଥିବୀର ଲୋକସଂଖ୍ୟା ଅନୁପାତରେ ସମପରିମାଣରେ ବୃକ୍ଷ ଜଗତର



ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦୁଇ ଅନୁଷ୍ଠାନର ମିଳିତ ଉଦ୍ୟମରେ ଆଗାମୀ ଦିନମାନଙ୍କରେ ଏକଲକ୍ଷ ବୃକ୍ଷ ରୋପଣ କରିବାକୁ ଓଡ଼ିଶା ବିକାଶ ମହାମଞ୍ଚର ସଭାପତି ପ୍ରଣବ ଛୋଟରାୟ ଓ ମମତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡାକ୍ତର ମମତା ମହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।ନିଜ ନିଜର ବ୍ୟକ୍ତିଗତ ଉଦ୍ୟମରେ ଖାଲିଥିବା ସ୍ଥାନରେ ବୃକ୍ଷରୋପଣ କରି ଏହି ପୃଥିବୀପୃଷ୍ଠକୁ ହରାଭରା ଓ ସବୁଜ ଶ୍ୟାମଳ କରିବାପାଇଁ ପରାମର୍ଶ ପ୍ରଦାନ କରିଥିଲେ ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସ ଓ ସୁବ୍ରତ କୁମାର ତାଡ଼ , ଓବିଏମର ଉପସଭାପତି ପ୍ରକାଶ ମହାପାତ୍ର, ସଂପାଦକ ଶୀତେନ୍ଦ୍ର ବଳିୟାର ସିଂହ, ଯୁଗ୍ମ ସଂପାଦକ ରାଜୀବ ସ୍ୱାଇଁ, କୋର କମିଟି ସଦସ୍ୟ କ୍ୟାପଟେନ୍ ନାରଦ ଚନ୍ଦ୍ର ସାହୁ, ଅରବିନ୍ଦ ପାଠଚକ୍ରର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ସାହୁ, ବୃକ୍ଷ ପ୍ରେମୀ ରବିନ୍ଦ୍ର ପରିଡ଼ା, ଅଧିବକ୍ତା ଅଶୋକ କୁମାର ପାତ୍ର ପ୍ରମୁଖ । ଶ୍ରେଷ୍ଠ ସାମାଜିକ କର୍ମୀ ଭାବରେ ଶ୍ରୀ ପ୍ରକାଶ ମହାପାତ୍ରଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଉପାସୀ,ଚନ୍ଦ୍ରିକା ପ୍ରମୁଖ ।

# ଟିପିସିଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ



ଭୁବନେଶ୍ୱର, (ସବ୍ୟୁ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ବେଶ୍ ଉତ୍ସାହ ଓ ପ୍ରତିବଦ୍ଧତାର ସହ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ କରିଛି। ଏହା ସହିତ "ଥିଙ୍କିଙ୍ଗ ଇଜ୍ ଗୁଡ୍, ଡୁଇଙ୍ଗ ଇଜ୍ ବେଟର" ଥିମ୍ କୁ ନେଇ ଟାଟା ସଷ୍ଟେନେବିଲିଟି ମନ୍ଥ ୨୦୨୬ ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ବରିଷ୍ଠ ଅଧିକାରୀ ମାନଙ୍କର ସକ୍ରିୟ ସହଭାଗିତା ଦେଖିବାକୁ ମିଳିଥିଲା। ଟାଟା ସଷ୍ଟେନେବିଲିଟି ମନ୍ଥର ଏକ ଅଂଶ ଭାବରେ, ଚଳିତ ବର୍ଷର ଥିମ୍ ସଚେତନତା ଏବଂ ଇଚ୍ଛାକୁ ପ୍ରକୃତ କାର୍ଯ୍ୟରେ ପରିଣତ କରିବାର ଆବଶ୍ୟକତା ଉପରେ ଜୋର୍ ଦେବା ସହିତ କର୍ମଚାରୀ, ଉପଭୋକ୍ତା ତଥା ସମାଜକୁ ଦୀର୍ଘସ୍ଥାୟୀତ୍ୱ ପଦକ୍ଷେପରେ ସକ୍ରିୟ ଭାବେ ଭାଗ ନେବା ପାଇଁ ଉତ୍ସାହିତ କରୁଛି।

ଏହି ଅବସରରେ, ଟିପିସିଓଡିଏଲ୍‌ର ସିଇଓ ତଥା ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଗଜାନନ ଏସ୍. କାଲେ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଶୈଳୀ, ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ସାମାଜିକ ସହଭାଗିତା ମୂଳକ କାର୍ଯ୍ୟକଳାପ ଜରିଆରେ ପରିବେଶରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂଗଠନର ସଂକଳ୍ପକୁ ପୁନର୍ବାର ଦୃଢ଼ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ଶ୍ରୀ କାଲେ ଏହା ଉପରେ ଗୁରୁତ୍ୱ ଦେଇଥିଲେ ଯେ ଦୀର୍ଘସ୍ଥାୟୀତ୍ୱ ଆଉ କେବଳ ସଚେତନତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏଥିପାଇଁ ଅର୍ଥପୂର୍ଣ୍ଣ ଏବଂ ନିରନ୍ତର କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେ କର୍ମଚାରୀମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଗୁଡ଼ିକୁ ଆପଣାଇବା ପାଇଁ ଏବଂ ଏକ ସ୍ୱଚ୍ଛ ତଥା ଅଧିକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ନିଜର ସହଯୋଗ ପ୍ରଦାନ କରିବାକୁ ଉତ୍ସାହିତ କରିଥିଲେ। ଏହି ଉତ୍ସବର ଏକ ଅଂଶ ସ୍ୱରୂପ, କର୍ମଚାରୀମାନେ ବିଶ୍ୱ ପରିବେଶ ଦିବସର ଶପଥ ପାଠ କରିଥିଲେ ଏବଂ ଚଳିତ ଆର୍ଥିକ ବର୍ଷ ପାଇଁ ପରିବେଶ ପ୍ରକଳ୍ପ ସମେତ ମାସ ସାରା ଚାଲିବାକୁ ଥିବା ବିଭିନ୍ନ ଦୀର୍ଘସ୍ଥାୟୀତ୍ୱ କାର୍ଯ୍ୟକ୍ରମ ଗୁଡ଼ିକୁ ଉନ୍ମୋଚନ କରାଯାଇଥିଲା।

## ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପିଙ୍କ ପରଲୋକ

ଭୁବନେଶ୍ୱର,(ସବ୍ୟୁ): ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା କେନ୍ଦୁଝରର ଅତିରିକ୍ତ ଏସପି ପଦବୀରୁ ଅବସର ନେଇଥିବା ସତ୍ୟ ନାରାୟଣ ସିଂବାବୁଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସେ ଭୁବନେଶ୍ୱରର ଏକ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ରାତିରେ ହଠାତ



ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ଡ଼ାକ୍ତରଙ୍କ ଶତ ଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ଝିଅ ବିଜୟଲକ୍ଷ୍ମୀ, ବଡ଼ ପୁଅ ଶିବାଜୀ, ନେତାଜୀ, ବାପୁଜୀ ଓ ଲାଲାଜୀ ସମେତ ବୋହୁ ଝୁଣି, ଝିଲି, ଦୀପ୍ତୀ, କ୍ରୀଷ୍ଟା ଓ ଜ୍ୱାଇଁ ସତ୍ୟ ସୁନ୍ଦର ଭଞ୍ଜ ଉପସ୍ଥିତ ଥିଲେ । ଏହା ସହିତ ନାତି ନାତୁଣୀଙ୍କ ମଧ୍ୟରେ ଶିବରାଜ(ଓମ୍) , ସୋମ, ଦେବମ୍, ଶିବମ, ଶ୍ୟାମ, ଛୋଟୁ ଓ ଭୂମି ଉପସ୍ଥିତ ଥିଲେ । ଖବର ପାଇ ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର କାର୍ଯ୍ୟକର୍ତ୍ତା, ବନ୍ଧୁ, ପରିଜନ ଶେଷ ଦର୍ଶନ କରିଥିଲେ । ଶୁକ୍ରବାର ପୂର୍ବାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା । ବଡ଼ପୁଅ ଶିବାଜୀ ମୁଖାଗ୍ନୀ ଦେଇଥିଲେ ।

## ଅକ୍ଷମତା ଉପରେ ଭାରି ପଡ଼ିଲା ଆତ୍ମବିଶ୍ୱାସ

# ଲେପର୍ସି କଲୋନୀର ମହିଳାମାନେ ସାଜିଲେ ସବୁଜିମାର ଦୂତ

ଭୁବନେଶ୍ୱର (ସବ୍ୟୁ): କାହାର ହାତରେ ଅଙ୍ଗୁଳି ନାହିଁ ତ ଆଉ କାହାର ପାପୁଲି ନାହିଁ । ସମାଜର ଆଖିରେ ସେମାନେ ହୁଏତ ଅକ୍ଷମ, କିନ୍ତୁ ପ୍ରକୃତି ମାଆ ପାଇଁ ସେମାନଙ୍କର




ଦରଦ ଏବଂ ଦୃଢ଼ ମନୋବଳ ଆଗରେ ଆଜି ଶାରୀରିକ ଅକ୍ଷମତା ସମ୍ପୂର୍ଣ୍ଣ ରୂପେ ହାର୍ ମାନିଛି । ବିଶ୍ୱ ପରିବେଶ ଦିବସ ଅବସରରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଯାଁଳା ସ୍ଥିତ ଲେପର୍ସି କଲୋନୀର ମହିଳାମାନେ ବନୀକରଣ ପାଇଁ ଏକ ଅଭିନବ ପ୍ରୟାସ କରି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ରହୁଥିବା ଏହି ମହିଳମାନେ ନିଜର ସୀମିତ ସାମର୍ଥ୍ୟ ଭିତରେ ପ୍ରାୟ ୨୦୦୦ ସିଡ଼ସ୍ ବଲ୍ (ବିହନ ପେଣ୍ଡୁ) ତିଆରି କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ଏହି ଅସାଧାରଣ ସବୁଜ ଯାତ୍ରାର ସୂତ୍ରଧର ସାଜିଥିଲେ ପରିବେଶ କର୍ମୀ ସୁଶାନ୍ତ ସାହୁ । ସେ ପ୍ରଥମେ କଲୋନୀର ମହିଳାମାନଙ୍କୁ ସିଡ଼ସ୍ ବଲ୍ ପ୍ରସ୍ତୁତିର ଉପାୟ ଓ ବୈଜ୍ଞାନିକ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷଣ ପାଇବା ପରେ ମହିଳାମାନଙ୍କ ମଧ୍ୟରେ ଏକ ନୂଆ ଶକ୍ତିର ଜାଗରଣ ହୋଇଥିଲା । ସେମାନେ ଅତି ଆନନ୍ଦର ସହ ବିଭିନ୍ନ ପ୍ରକାର ଗଛର ମଞ୍ଜି ଯଥା:- ପଣସ, ତେନ୍ତୁଳି, କଟକି ତେନ୍ତୁଳି ଗଛର ମଞ୍ଜି, ଉର୍ବର ମାଟି ଏବଂ ଜୈବିକ ଖତକୁ ମିଶାଇ ନିଜ ଅଧାଗଢ଼ା ହାତରେ ଗୋଲ୍ ଗୋଲ୍ ସବୁଜ ପେଣ୍ଡୁ ପ୍ରସ୍ତୁତି କରିଥିଲେ । ଏହି ସିଡ଼ସ୍ ବଲ୍ ଗୁଡ଼ିକ ଆଗାମୀ ବର୍ଷାଋତୁରେ ପତିତ ଜମି ଓ ପାହାଡ଼ ପଡ଼ିଆରେ ନୂଆ ଜଙ୍ଗଲ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ମାଇଣ୍ଡ ଏମ୍ପାୱାରମେଣ୍ଟ୍ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ମନୋଜ ପ୍ରଧାନ ଯୋଗଦେଇ ମହିଳାମାନଙ୍କର ଏହି ଅଦମ୍ୟ ସାହାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଆଗାମୀ ଦିନରେ ଏହି ସବୁଜ ଅଭିଯାନକୁ ଆହୁରି ବ୍ୟାପକ ଓ ସୁଦୂରପ୍ରସାରୀ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସର୍ବେଶ୍ୱର ବାରିକ, ପ୍ରଦୀପ କୁମାର ନାୟକ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପରିଚାଳନା ଓ ସହଯୋଗର ହାତ ବଢ଼ାଇଥିଲେ । ଲେପର୍ସି କଲୋନୀର ଏହି ନିଆରା ପ୍ରୟାସ ପ୍ରମାଣ କରିଦେଇଛି ଯେ, ପ୍ରକୃତିକୁ ଭଲ ପାଇବା ପାଇଁ ହାତର ଆଙ୍ଗୁଳି ନୁହେଁ, ବରଂ ଏକ ସୁନ୍ଦର ମନ ଓ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ।

# ଡାଲମିଆ ଭାରତ ପକ୍ଷରୁ "ବିଶ୍ୱ ପରିବେଶ ଦିବସ" ପାଳନ

ଭୁବନେଶ୍ୱର (ସବ୍ୟୁ): ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରି, ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ




ଉତ୍ପାଦନକାରୀ ସଂସ୍ଥା ଡାଲମିଆ ଭାରତ ଲିମିଟେଡ୍ ପକ୍ଷରୁ କଟକରେ ବିଶ୍ୱ ପରିବେଶ ସପ୍ତାହ-୨୦୨୬ ପାଳନ ହୋଇଛି। ପରିବେଶ ସୁରକ୍ଷା, ସ୍ଥାୟୀ ତଥା ନିରନ୍ତର ଜୀବନ ଶୈଳୀ ଏବଂ ଜଳବାୟୁ ପ୍ରତି ଦାୟିତ୍ୱବୋଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀ ଓ ସ୍ଥାନୀୟ ସଦସ୍ୟଙ୍କ ସହିତ ମୋଟ ୭୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପାଳନ ଅବସରରେ କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସବୁଜିମାର ବୃଦ୍ଧି କରିବା ସହ ଦୀର୍ଘକାଳୀନ ପରିବେଶୀୟ ସ୍ଥାୟିତ୍ୱକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସମୁଦାୟ ୧୦୦ଟି ଚାରା ରୋପଣ କରାଯାଇଥିଲା। ବର୍ଜ୍ୟ ବସ୍ତୁ ହ୍ରାସ, ପରିଷ୍କାର ପରିବେଶ ଗଢ଼ି ତୋଳିବା ଏବଂ ସାମୂହିକ ପରିବେଶ ସୁରକ୍ଷା ଚେତନାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନ କରାଯାଇଥିଲା।

ଏହି ଅବସରରେ କପିଳାସ ସିମେଣ୍ଟ ୱାର୍କସ୍‌ର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ କହିଥିଲେ, "ଏକ ସୁଦୃଢ଼ ସମାଜ ଏବଂ ସ୍ଥାୟୀ ଭବିଷ୍ୟତର ନିର୍ମାଣ ପାଇଁ ପରିବେଶର ସୁରକ୍ଷା ଅତ୍ୟନ୍ତ ଅପରିହାର୍ଯ୍ୟ। ଡାଲମିଆ ଭାରତରେ, ଆମେ ଦାୟିତ୍ୱସମ୍ପନ୍ନ କାର୍ଯ୍ୟପନ୍ଥା ଏବଂ ଗୋଷ୍ଠୀ ସହଭାଗିତା ମାଧ୍ୟମରେ ଦୀର୍ଘକାଳୀନ ଭିତ୍ତିରେ ପରିବେଶ ତଥା ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବାକୁ ସଦାସର୍ବଦା ପ୍ରତିବଦ୍ଧ। ବିଶ୍ୱ ପରିବେଶ ଦିବସ ଆମକୁ ଏହି ପ୍ରତିବଦ୍ଧତାକୁ ଦୋହରାଇବା ଏବଂ ସମସ୍ତଙ୍କ ପାଇଁ ଏକ ସବୁଜ ଓ ଅଧିକ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କରେ। ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧ ଏକ କମ୍ପାନୀ ଭାବେ ଡାଲମିଆ ଭାରତ ନିଜ କାର୍ଯ୍ୟକଳାପରେ ପରିବେଶ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇଛି। ପୁନଃ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର, କାର୍ବନ୍ ନିର୍ଗମନ ହ୍ରାସ, ଜୈବ ବୈବିଧତା ସଂରକ୍ଷଣ, ଜଳ ସକାରାତ୍ମକତା ଏବଂ ସବୁଜ ଉତ୍ପାଦନ ପ୍ରକ୍ରିୟା ଆଧାରିତ ବିଭିନ୍ନ ପ୍ରୟାସ ମାଧ୍ୟମରେ କମ୍ପାନୀ ନିଜ ସ୍ଥାୟିତ୍ୱ ଲକ୍ଷ୍ୟ ହାସଲ ଦିଗରେଉଲ୍ଲେଖନୀୟ ଅଗ୍ରଗତି ଜାରି ରଖିଛି।

## ବିଜେପି ପକ୍ଷରୁ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

କଟକ, (ସବ୍ୟୁ) ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ଗ୍ରାମୀଣ ତରଫରୁ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଶିବିର ଆମ୍ରପାଲି ରିସର୍ଟରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପଲବ୍ଧି ଏବ ଜିଲ୍ଲା ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀକୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ । ପ୍ରଶିକ୍ଷଣ ଶିବିରର ଉଦ୍ଘାଟନି ଉତ୍ସବରେ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି ଙ୍କ ସଭାପତିତ୍ୱ କରିଥିଲେ। ଏହି ଶିବିରରେ ଦଳର ପୃଷ୍ଠଭୂମି, କାର୍ଯ୍ୟ ପଦ୍ଧତି, କାର୍ଯ୍ୟ ବିସ୍ତାର , ସାମାଜିକ ଗଣମାଧ୍ୟମ, ବୁଥ ପରିଚାଳନା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ଘର ଘର ପର୍ଯ୍ୟନ୍ତ ପହଂଚାଇବା ପାଇଁ ରାଜ୍ୟ ର ବରିଷ୍ଠ ନେତୃ ବୃନ୍ଦ ମାନେ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଅନଲାଇନ୍ ଦାନ ସୁବିଧା

# ନୂତନ ଫିଜିଟାଲ୍ ଶାଖାର ଶୁଭାରମ୍ଭ ସହ ବ୍ୟାଙ୍କ ଅଫ୍ ବରୋଦାର ଉପସ୍ଥିତି ସୁଦୃଢ଼

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦା ଓଡ଼ିଶାରେ ନିଜର ଉପସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ବ୍ୟାଙ୍କ ପକ୍ଷରୁ ଇଣ୍ଟରନେଟ୍ ପେମେଣ୍ଟ ଗେଟୱେକୁ ଶ୍ରୀଜଗନ୍ନାଥ ମନ୍ଦିର ସହ ସଂଯୋଗ କରାଯାଇଛି, ଯାହାଦ୍ୱାରା ଭକ୍ତମାନେ ଅନଲାଇନ୍ ମାଧ୍ୟମରେ ସହଜରେ ଦାନ କରିପାରିବେ ଏବଂ ଭୁବନେଶ୍ୱର ଜୋନରେ ବ୍ୟାଙ୍କର ପ୍ରଥମ ଫିଜିଟାଲ୍ ଶାଖାର ଉଦ୍‌ଘାଟନ କରାଯାଇଛି। ବ୍ୟାଙ୍କର ସୁରକ୍ଷିତ ପେମେଣ୍ଟ ଗେଟୱେକୁ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ୱେବସାଇଟ୍ ସହ ସଂଯୋଗ କରାଯିବା ଫଳରେ ଭାରତ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଭକ୍ତମାନେ ସହଜ, ସୁରକ୍ଷିତ ଏବଂ ସୁବିଧାଜନକ ଭାବରେ ଅନଲାଇନ୍ ଦାନ କରିପାରିବେ। ଭକ୍ତମାନେ ବର୍ତ୍ତମାନ କର୍ପସ୍ ଫଣ୍ଡ ଦାନ ଯୋଜନା, ସାଧାରଣ ଦାନ, ଏବଂ ମନ୍ଦିରର ମରାମତି କାର୍ଯ୍ୟ ପାଇଁ ମଧ୍ୟ ଅନଲାଇନ୍ ମାଧ୍ୟମରେ ଅର୍ଥ ପ୍ରଦାନ କରିପାରିବେ। ଏହି ସୁବିଧା ଭକ୍ତମାନଙ୍କୁ ଶତାବ୍ଦୀ ପୁରୁଣା ପବିତ୍ର ଧାମ ସହ ଆହୁରି ଘନିଷ୍ଠ ଭାବରେ ଯୋଡ଼ି ରଖିବ। ଏଥି ସହିତ, ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ପ୍ରଥମ ଫିଜିଟାଲ୍ ଶାଖାର ମଧ୍ୟ ଶୁଭାରମ୍ଭ କରାଯାଇଛି । ଭୁବନେଶ୍ୱରର ଜନପଥରେ ଅବସ୍ଥିତ



ଏହି ନୂତନ ଶାଖାକୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଡ ଦେବଦତ୍ତ ଚାନ୍ଦ ଉଦ୍ଘାଟନ କରିଥିଲେ । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଜୋନାଲ୍ ମୁଖ୍ୟ ଶରତ କୁମାର ପାଣିଗ୍ରାହୀ ଏବଂ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

ନୂତନ ଫିଜିଟାଲ୍ ଶାଖା ଗ୍ରାହକମାନଙ୍କୁ ଡିଜିଟାଲ୍ ସୁବିଧା ଓ ବ୍ୟକ୍ତିଗତ ବ୍ୟାଙ୍କିଂ ସହାୟତାର ଏକ ସମନ୍ୱିତ ଅନୁଭବ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଆଡଭାନ୍ସଡ ବ୍ୟାଙ୍କିଂ ସୁବିଧା ସହ କର୍ମଚାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଉତ୍ତମ ଗ୍ରାହକ ସେବା ଗ୍ରାହକମାନଙ୍କୁ ଆଧୁନିକ, ଗ୍ରାହକ-ଅନୁକୂଳ ବ୍ୟାଙ୍କିଂ ସେବାର ଅନୁଭୂତି ପ୍ରଦାନ କରିବ । ଏହି ଅବସରରେ ଡ ଦେବଦତ୍ତ ଚାନ୍ଦମତବ୍ୟକ୍ତ କରିଥିଲେଯେ , "ଓଡ଼ିଶା ବ୍ୟାଙ୍କ ଅଫ୍ ବରୋଦାର ବ୍ୟବସାୟୀକ ସଫଳତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ ଏବଂ ରାଜ୍ୟରେ ବ୍ୟାଙ୍କିଂସେବା ବିସ୍ତାର କରିବା ସହ ଏହାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା ପାଇଁ ବ୍ୟାଙ୍କ ପ୍ରତିଶୃତିବଦ୍ଧ। ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ସହ ଓଡ଼ିଶା ବ୍ୟାଙ୍କ ଅଫ୍ ବରୋଦାରସହଭାଗିତା ମାଧ୍ୟମରେ ଭକ୍ତମାନଙ୍କୁ ଏକ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଯୋଗାଇ ଦେବାର ସୁଯୋଗ ମିଳି ପାରିଛି। ସେହିପରି, ଭୁବନେଶ୍ୱରରେ ନୂତନ ଫିଜିଟାଲ୍ ଶାଖାର ଉପସ୍ଥିତି ପ୍ରଯୁକ୍ତି ଓ ବ୍ୟକ୍ତିଗତ ସେବାକୁ ଏକାଠି କରି ଗ୍ରାହକମାନଙ୍କୁ ଉତ୍କୃଷ୍ଟ ବ୍ୟାଙ୍କିଂ ଅନୁଭବ ପ୍ରଦାନ କରିବା ପ୍ରତି ଏକ ନିରନ୍ତର ପ୍ରୟାସର ପ୍ରତିଫଳନ।" ଏହି ଦୁଇଟି ପଦକ୍ଷେପ ମାଧ୍ୟମରେ ବ୍ୟାଙ୍କ ଅଫ୍ ବରୋଦାନିଜର ଡିଜିଟାଲ୍ ବ୍ୟାଙ୍କିଂ କ୍ଷମତାକୁ ଆହୁରି ବୃଦ୍ଧି କରିବା ସହ ଓଡ଼ିଶାରେ ଗ୍ରାହକମାନଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିପାରିବ ।

▸▸ ଦିଲ୍ଲୀ ଅଗ୍ନିକାଣ୍ଡ ଘଟଣା

# ଧରାପଡ଼ିଲା ହୋଟେଲ ମାଲିକର କଳାକାରନାମା


**ନୂଆଦିଲ୍ଲୀ:** ଦିଲ୍ଲୀର ମାଲଭିୟ ନଗରସ୍ଥିତ "ଫ୍ଲୋରିଶ୍ ଷ୍ଟେ" ବେଡ୍-ଏଣ୍ଡ-ବ୍ରେକଫାଷ୍ଟ ହୋଟେଲରେ ବୁଧବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡ ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ଏହି ଦୁର୍ଘଟଣାରେ ୧୨ ଜଣ ବିଦେଶୀ ନାଗରିକଙ୍କ ସମେତ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହୋଟେଲର ୬୦ ବର୍ଷୀୟ ମାଲିକ ଲଭକେଶ୍ ବଜାଜ୍ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡ଼ିଛି।ବଜାଜଙ୍କୁ ପୂର୍ବରୁ ୨୦୨୫ ମସିହାରେ ଦିଲ୍ଲୀ ପୋଲିସ ବାଂଲାଦେଶୀ ନାଗରିକମାନଙ୍କୁ ଭାରତରେ ବେଆଇନ ଭାବେ ରଖିବା ପାଇଁ ନକଲି ପାସପୋର୍ଟ ଏବଂ ଅନ୍ୟାନ୍ୟ ଜାଲ୍ ପରିଚୟପତ୍ର ଯୋଗାଇବା ଅଭିଯୋଗରେ ଗିରଫ କରିଥିଲା। ସେହି ସମୟରେ ପାହାରଗଞ୍ଜ ଅଞ୍ଚଳରେ ରହୁଥିବା ଏକ ବାଂଲାଦେଶୀ ପରିବାର ପାଖରୁ ଜାଲ୍ ଦଲିଲ୍ ଜବତ ହୋଇଥିଲା ଏବଂ ଅଭିଯୁକ୍ତ ମହିଳାର ନକଲି ପାସପୋର୍ଟରେ ବଜାଜର ଛତରପୁର ଏନକ୍ଲେଭ୍ ଠିକଣା ବ୍ୟବହାର



କରାଯାଇଥିଲା। ଟଙ୍କା ବଦଳରେ ସେ ଏହି ବେଆଇନ କାର୍ଯ୍ୟ କରିଥିବା ସ୍ୱୀକାର କରିବା ପରେ ତାକୁ ତିହାର ଜେଲକୁ ପଠାଯାଇଥିଲା, ଯେଉଁଠାରୁ ସେ ୧୫ ଦିନ ପରେ ବେଲରେ ଆସିଥିଲା ଏବଂ ଏହି ମାମଲା ଏବେ ମଧ୍ୟ କୋର୍ଟରେ ବିଚାରଧୀନ ରହିଛି।ବାଂଲାଦେଶୀଙ୍କୁ ନକଲି ଭାରତୀୟ ଦଲିଲ୍ ଯୋଗାଇ ଗିରଫ ହୋଇଥିଲେ ମାଲିକଏବେ ହୋଟେଲ ଅଗ୍ନିକାଣ୍ଡ ପରେ ବଜାଜ୍ ପୁଣି ଥରେ ପୋଲିସ ହେପାଜତରେ ଅଛି। ବୁଧବାର ରାତିରେ ପୋଲିସ ଜେରା ବେଳେ ସେ ସ୍ୱୀକାର କରିଛି ଯେ, ହୋଟେଲରେ ନିଆଁ ଲାଗିଥିବା ଏବଂ ଭିତରେ ଲୋକେ ଫସି ରହିଥିବା ଦେଖି ମଧ୍ୟ ସେ ସେମାନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଭୟରେ ସେଠାରୁ ନିଜ ଗାଡ଼ି ନେଇ ଫେରାର ହୋଇଯାଇଥିଲା। ବଜାଜର ଦୁଇ ସନ୍ତାନ ବିଦେଶରେ ରହୁଥିବାରୁ ସେ ଦେଶ ଛାଡ଼ି ପଳାଇବା ଆଶଙ୍କାରେ ପୋଲିସ ତା'ର ଓ ତା' ପତ୍ନୀଙ୍କ ବିରୋଧରେ ଲୁକଆଉଟ୍ ସାର୍କୁଲାର୍ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଥିଲା ଏବଂ ଦୁର୍ଘଟଣାର ମାତ୍ର କେଇ ଘଣ୍ଟା ମଧ୍ୟରେ ତାକୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ମାସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଶର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସବୁଠାରୁ ସାଙ୍ଘାତିକ କଥା ହେଉଛି, ଏହି ହୋଟେଲ୍ ପାଖରେ କୌଣସି ବୈଧ ଫାୟାର୍ ଏନଓସି ନଥିଲା।

## ଭାରତକୁ 'ନିର୍ଭରଯୋଗ୍ୟ ସହଯୋଗୀ କହିଲେ ପୁଟିନ

**ସେଣ୍ଟ୍ ପିଟର୍ସବର୍ଗ:** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ନୂଆଦିଲ୍ଲୀ ସହିତ ମସ୍କୋର ରଣନୈତିକ ସହଭାଗିତାକୁ ପ୍ରଶଂସା କରିଛନ୍ତି। ଏଥି ସହ ସେ କହିଛନ୍ତି ଯେ ଭାରତ-ରୁଷ୍ ସମ୍ପର୍କ ଭାଙ୍ଗିବା ପାଇଁ ପାଶ୍ଚାତ୍ୟ ଉଦ୍ୟମ ବ୍ୟର୍ଥ ହୋଇଛି ଏବଂ ତାହା ବିଶ୍ୱ ସ୍ଥିରତା ପାଇଁ ମଧ୍ୟ କ୍ଷତିକାରକ। ଅଗ୍ରଣୀ ବିଶ୍ୱସ୍ତରୀୟ ସମ୍ବାଦ ଏଜେନ୍ସିର ପ୍ରତିନିଧିଙ୍କ ସହ ଏକ କଥାବାର୍ତ୍ତାରେ ପୁଟିନ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ଏହାର ସ୍ୱାଧୀନ ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ରୁଷ୍ ଭାରତ ସହିତ ଏହାର ଅର୍ଥନୈତିକ ସମ୍ପର୍କକୁ ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ। ପୁଟିନ କହିଛନ୍ତି ଯେ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ଅନ୍ୟତମ ଏବଂ ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରଭାବଶାଳୀ ହାର ପ୍ରଦର୍ଶନ କରୁଛି। ଆଗାମୀ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି।ପୁଟିନ କହିଛନ୍ତି ଯେ ରୁଷ୍ ସହିତ ସମ୍ପର୍କକୁ ସୀମିତ କରିବା ପାଇଁ ଭାରତ ଉପରେ ପାଶ୍ଚାତ୍ୟ ଚାପର କୌଣସି ପ୍ରଭାବ ରୁଷ୍ ଦେଖିନାହିଁ। ସେ କହିଛନ୍ତି, ସମସ୍ତେ ବୁଝିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ (ଓ ଭାରତ) ଉପରେ ଚାପ ପକାଇବା ଅନ୍ତର୍ଜାତୀୟ ସମ୍ପର୍କ ଓ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ କ୍ଷତିକାରକ। ଏହି ଚାପ କେଉଁଠୁ ଆସୁଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ତା' ସତ୍ତ୍ୱେ ଆମେ କୌଣସି ନକାରାତ୍ମକ ପରିଣାମ ଦେଖୁନାହୁଁ।ଭାରତ-ରୁଷ୍ ସମ୍ପର୍କକୁ ନେଇ କେତେକ ପାଶ୍ଚାତ୍ୟ ରାଜଧାନୀରେ ଅସନ୍ତୋଷ ବୃଦ୍ଧି ପାଉଥିବା ପୃଷ୍ଠଭୂମିରେ ରୁଷ୍ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ଆସିଛି। ରୁଷ୍ର ଅଶୋଧିତ ତୈଳ କ୍ରୟ ହ୍ରାସ କରିବାକୁ ଆମେରିକା କ୍ରମାଗତ ଭାବରେ ଭାରତକୁ ଅନୁରୋଧ କରିଆସୁଛି। ରୁଷ୍ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ଯେ, ନୂଆଦିଲ୍ଲୀ ନିଜର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବା ଜାରି ରଖିବ ଏବଂ ଆମେରିକା ସହିତ ଭାରତର କୂଟନୈତିକ ସମ୍ପର୍କ ରୁଷ୍ ସହିତ ଏହାର ସମୟ-ପରୀକ୍ଷିତ ସମ୍ପର୍କକୁ ବାଧା ଦେବ ନାହିଁ କିମ୍ବା ଦୁର୍ବଳ କରିବ ନାହିଁ।ୱାସିଂଟନ ସହ ଭାରତର ଗଭୀର ମେଣ୍ଟ ରୁଷ୍ ପାଇଁ ସମସ୍ୟା ସୃଷ୍ଟି କରୁଛି କି ବୋଲି ପଚରାଯିବାରୁ ପୁଟିନ କହିଛନ୍ତି, ଆମେ ଖୁସି ଯେ ଭାରତ ଏହାର ଜାତୀୟ ସ୍ୱାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ କରୁଥିବା ସମସ୍ତ ଦେଶ ସହ ସମ୍ପର୍କ ରଖୁଛି। ରୁଷ୍ ଭାରତକୁ ଏକ ବିଶ୍ୱସନୀୟ ସହଯୋଗୀ ଭାବରେ ବିବେଚନା କରେ ଏବଂ ଅନ୍ୟ କୌଣସି ଦେଶ ସହିତ ନୂଆଦିଲ୍ଲୀର ଦ୍ୱିପାକ୍ଷିକ ସମ୍ପର୍କରୁ ଏହା କୌଣସି ନକାରାତ୍ମକ ପରିଣାମ ଦେଖେ ନାହିଁ। ସେ କହିଛନ୍ତି ଯେ ଭାରତ ଏକ ମହାନ ରାଷ୍ଟ୍ର ଓ ବୃହତ୍ତମ ଗଣତନ୍ତ୍ର ଏବଂ ରୁଷ୍ ଏହା ସହିତ ସମ୍ପର୍କ ଜାରି ରଖିବ। ୟୁକ୍ରେନ ବିବାଦ ଉପରେ ଏକ ପ୍ରଶ୍ନର ଉତ୍ତରରେ ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ସେ ଏହାର ସମାଧାନ ପାଇଁ ଖୋଲା ଅଛନ୍ତି ଏବଂ ବର୍ତ୍ତମାନ କାର୍ଯ୍ୟ ହେଉଛି କିଭଳି ବୁଝାଇବା। ୟୁକ୍ରେନ ସହ ଶାନ୍ତି ଆଲୋଚନାରେ ୟୁରୋପୀୟ ସଂଘର ଦେଶଗୁଡ଼ିକ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିପାରିବେ ବୋଲି ଧାରଣାକୁ ମଧ୍ୟ ସେ ଖାରଜ କରିଛନ୍ତି।



ଶୁଭେନ୍ଦୁଙ୍କ ପିଏ ହତ୍ୟା ମାମଲା

## ୟୁପିରୁ ଦୁଇ ଗିରଫ

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପିଏ ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ସିବିଆଇ ଆଜି ୨ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିଛି। ଅଭିଯୁକ୍ତ ବିକାଶ ମିଶ୍ରା ଏବଂ ଗୋଲୁ ସିଂହଙ୍କୁ ଆଜି ଉତ୍ତରପ୍ରଦେଶର ଲକ୍ଷ୍ନୌ ଏବଂ ବାଲ୍ଲିଆରୁ ଗିରଫ କରାଯାଇଛି। ଅଧିକାରୀମାନେ କହିଛନ୍ତି, ମିଶ୍ରାକୁ ଲକ୍ଷ୍ନୌର ଏକ ହୋଟେଲରୁ ଗିରଫ କରାଯାଇଛି ଏବଂ ସିଂହ ବାଲ୍ଲିଆରୁ ଗିରଫ ହୋଇଛି। ଅନ୍ୟପକ୍ଷେ ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଜ୍ଞାନେନ୍ଦ୍ର ପ୍ରତାପ ସିଂହ ଓରଫ ମନୁ ବାଲ୍ଲିଆର ଗ୍ୟାଙ୍ଗଷ୍ଟର୍ସ ଆକ୍ଟ କୋର୍ଟରେ ଆତ୍ମସମର୍ପଣ କରିବାପରେ ତାକୁ ୧୪ ଦିନିଆ ନ୍ୟାୟିକ ହାଜତକୁ ନିଆଯାଇଥିଲା। ୧୨ ଆପରାଧିକ ମାମଲା ଥିବା ମନୁକୁ ମଧ୍ୟ ସିବିଆଇ ଖୋଜୁଥିଲା। ଉଲ୍ଲେଖଯୋଗ୍ୟ ରଥ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହଯୋଗୀ ଥିଲେ। ମେ' ୬ ତାରିଖରେ ତାଙ୍କୁ ମଧ୍ୟମଗ୍ରାମରେ ଗୁଳି କରି ହତ୍ୟା କରାଯାଇଥିଲା।

## ୨୦୨୫-୨୬ର ଜିଡିପି ଅଭିବୃଦ୍ଧି ୭.୭%

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ତଥ୍ୟ ଜାରି କରିଛନ୍ତି। ଗତ ଆର୍ଥିକ ବର୍ଷ ୨୦୨୫-୨୬ରେ ବାସ୍ତବ ଅଭିବୃଦ୍ଧି ୭.୭ ପ୍ରତିଶତ ରହିଛି। ଜିଡିପିର ମୂଲ୍ୟ ୩୨୩.୧୨ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି। ୨୦୨୪-୨୫ରେ ତାହା ୨୯ ୯.୮ ୯ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ ଥିଲା।୨୦୨୫-୨୬ର ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ତଥ୍ୟ ଅନୁସାରେ କୃଷି, ପଶୁ ସମ୍ପଦ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧୮ ପ୍ରତିଶତ ରହିଛି। ସେହିପରି ଖଣି ଓ କ୍ୱାରି ଅଭିବୃଦ୍ଧି ୨ ପ୍ରତିଶତ, ମାନୁଫାକ୍ଚରିଂ (ବିନିର୍ମାଣ) ୧୭ ପ୍ରତିଶତ, ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ୟୁଟିଲିଟି ୨ ପ୍ରତିଶତ, ନିର୍ମାଣ ୯ ପ୍ରତିଶତ; ହୋଟେଲ୍, ବାଣିଜ୍ୟ, ପରିବହନ, ଯୋଗାଯୋଗ ଓ ସେବା ଅଭିବୃଦ୍ଧି ୧୪ ପ୍ରତିଶତ; ଆର୍ଥିକ ସେବା, ରିଅଲ ଇଷ୍ଟେଟ୍, ସୂଚନା ପ୍ରଯୁକ୍ତି ଓ ପ୍ରଫେସନାଲ ସେବା ଅଭିବୃଦ୍ଧି ୨୬ ପ୍ରତିଶତ ଏବଂ ସାଧାରଣ ପ୍ରଶାନ, ପ୍ରତିରକ୍ଷା ଓ ଅନ୍ୟାନ୍ୟ ସେବା ଅଭିବୃଦ୍ଧି ୧୨ ପ୍ରତିଶତ ରହିଛି।

କର୍ଣ୍ଣାଟକ କଂଗ୍ରେସରେ ଅସନ୍ତୋଷ

# ଇସ୍ତଫା ଦେଲେ ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ

**ବେଙ୍ଗାଲୁରୁ:** କର୍ଣ୍ଣାଟକାର ନୂଆ ମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କ ସହିତ ବୁଧବାର ମନ୍ତ୍ରୀ ଭାବେ ଶପଥ ନେଇଥିଲେ ରାମଲିଙ୍ଗା ରେଡ୍ଡୀ। ହେଲେ ଶୁକ୍ରବାର ସେ ତାଙ୍କର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ନେତୃତ୍ୱାଧୀନ ସରକାର ଏକ ଅପ୍ରୀତିକର ସ୍ଥିତିରେ ପଡ଼ିଯାଇଛି। ବିଭାଗ ବଣ୍ଟନକୁ ନେଇ ରାମଲିଙ୍ଗା ରେଡ୍ଡୀ ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ କ୍ୟାବିନେଟ୍ରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫା ବିଷୟରେ ସ୍ପଷ୍ଟ କରି ରେଡ୍ଡୀ ଦାବି କରିଛନ୍ତି ଯେ ଡି.କେ. ଶିବକୁମାର ନିଜେ ତାଙ୍କୁ 'ବେଙ୍ଗାଲୁରୁ ବିକାଶ' ବିଭାଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କୁ 'ଜଳସେଚନ' ବିଭାଗ ଆବଣ୍ଟନ କରାଗଲା। ସେ କହିଛନ୍ତି, ଡି.କେ. ଶିବକୁମାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ମୋ ଘରକୁ ଆସିଥିଲେ। ସେ ମୋତେ କହିଥିଲେ ଯେ ମୋତେ ବେଙ୍ଗାଲୁରୁ ବିଭାଗ ଦିଆଯିବ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୌଣସି ବିଭାଗ ମାଗି ନଥିଲି। ସେ ନିଜ ଆଡୁ ଏହି ପ୍ରସ୍ତାବ ଦେଇଥିଲେ ଏବଂ ମୁଁ ହଁ କହିଥିଲି। ମୁଖ୍ୟମନ୍ତ୍ରୀ ମୋତେ ଦୁଇ ଦୁଇ ଥର ଏହି ବିଭାଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ଜଳସେଚନ ବିଭାଗ ଦାୟିତ୍ୱ ଦେଲେ। ଏହି ବିଭାଗରେ ମୁଁ କାମ କରିବାକୁ ଚାହେଁନାହିଁ। ତେଣୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛି। ରାମଲିଙ୍ଗା ରେଡ୍ଡୀ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ ଏବେ ଯଦି ତାଙ୍କୁ ତାଙ୍କ ପସନ୍ଦର ବିଭାଗ ମଧ୍ୟ ଅଫର୍ କରାଯାଏ, ତଥାପି ସେ ଡି.କେ. ଶିବକୁମାରଙ୍କ ଅଧୀନରେ କୌଣସି ମନ୍ତ୍ରୀ ପଦ ଗ୍ରହଣ କରିବେ ନାହିଁ। ସେ କହିଛନ୍ତି, ଏବେ ଯଦି ସେମାନେ ମୋତେ ବେଙ୍ଗାଲୁରୁ ବିକାଶ ବିଭାଗ ଦିଅନ୍ତି, ତଥାପି ମୁଁ ତାହାକୁ ଗ୍ରହଣ କରିବି ନାହିଁ। ମୁଁ ଜଣେ ବିଧାୟକ ଭାବେ କାର୍ଯ୍ୟ କରିବି ଏବଂ କଂଗ୍ରେସ ସହିତ ରହିବି। ରାମଲିଙ୍ଗା ରେଡ୍ଡୀଙ୍କ ଇସ୍ତଫା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଛନ୍ତି ଯେ ରାମଲିଙ୍ଗା ରେଡ୍ଡୀ ଜଣେ ବରିଷ୍ଠ ନେତା ତଥା ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ। ସେ ତାଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବେ। ଗୁରୁବାର (ଗତକାଲି) ରାତିରେ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ତାଙ୍କର ୧୩ ଜଣ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ କରିଥିଲେ। ସୂତ୍ର ଅନୁସାରେ, ରେଡ୍ଡୀ 'ବେଙ୍ଗାଲୁରୁ ବିକାଶ' ବିଭାଗ ପାଇଁ ଜିଦ୍ ଧରିଥିଲେ, ଯାହା ତାଙ୍କୁ ଦିଆଯାଇ ନଥିଲା। ବିଭାଗ ଚୂଡ଼ାନ୍ତ କରିବା ପାଇଁ ଗୁରୁବାର ଅନୁଷ୍ଠିତ ବୈଠକରୁ ରେଡ୍ଡୀ ଅଧାରୁ ବାହାରି ଆସିଥିଲେ ବୋଲି ଜଣାପଡ଼ିଛି। ବୈଠକରେ ସେ ମୁଖ୍ୟମନ୍ତ୍ରୀଙ୍କୁ ୨୦୨୩ ମସିହାରେ ଦେଇଥିବା ପ୍ରତିଶ୍ରୁତି ମନେ ପକାଇ ଦେଇଥିଲେ ଯେ, ଯେତେବେଳେ ବି କ୍ୟାବିନେଟ୍ ଅଦଳବଦଳ ହେବ, ତାଙ୍କୁ ବେଙ୍ଗାଲୁରୁ ବିକାଶ ବିଭାଗ ଦିଆଯିବ ବୋଲି କୁହାଯାଇଥିଲା।ଏହି ଇସ୍ତଫାକୁ ନେଇ କଂଗ୍ରେସ ସରକାରଙ୍କୁ ଟାର୍ଗେଟ୍ କରି ବିଜେପି କହିଛି ଯେ କଂଗ୍ରେସ ମଧ୍ୟରେ ବିଭାଜନ ରହିଛି। କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, "ସରକାର ମଧ୍ୟରେ ଆହୁରି ଅସନ୍ତୋଷ ଦେଖାଦେବ।



## ଇଣ୍ଡିମେଣ୍ଟରେ ଯୋଗ ଦେବ ଟିଭିକେ



**ଚେନ୍ନାଇ:** ଆସନ୍ତା ଜୁନ୍ ୮ ତାରିଖରେ ଇଣ୍ଡି ମେଣ୍ଟ ବୈଠକରେ ଡିଏମ୍କେ ଯୋଗ ଦେବନି ବୋଲି ନିଷ୍ପତ୍ତି ଶୁଣାଇବାପରେ ଏବେ ଇଣ୍ଡି ମେଣ୍ଟରେ ନୂଆ କରି ପ୍ରବେଶ କରିବ ଟିଭିକେ (ତାମିଲଗା ଭେଟ୍ରି କାଝାଗମ) । ଜାତୀୟ ରାଜନୀତିରେ ପ୍ରବେଶ କରିବାପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏହି ସୁଯୋଗର ହାତ ଛଡ଼ା କରିବେନି। ଜୁନ୍ ୮ ତାରିଖ ବୈଠକରେ ଟିଭିକେ ଯୋଗ ଦେବ। ତାମିଲନାଡୁରେ ନୂଆ ସରକାରରେ ବିଜୟ କଂଗ୍ରେସକୁ ୨ଟି ମନ୍ତ୍ରୀ ପଦ ଦେବା ସହ ଗୋଟିଏ ରାଜ୍ୟସଭା ଆସନ ଦେବା ପରେ ଟିଭିକେର କଂଗ୍ରେସ ସହ ମେଣ୍ଟ ସୁଦୃଢ଼ ହୋଇଛି।କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟରେ ସେ ଏବେ ଯୋଗ ଦେଇ ଜାତୀୟ ରାଜନୀତିରେ ଏକ ଭୂମିକା ନିର୍ବାହ କରିବାପାଇଁ ଆଗ୍ରହ ଦେଖାଇଛନ୍ତି। ଏହା ପୂର୍ବରୁ ଗୁରୁବାର କଂଗ୍ରେସର ତାମିଲନାଡୁ ପ୍ରଭାରୀ ଗିରିଶ ଚୋଡ଼ଙ୍କର ବିଜୟଙ୍କୁ ସଚିବାଳୟରେ ଭେଟିଥିଲେ। କୁହାଯାଉଛି ଯେ ଡିଏମ୍କେ ଇଣ୍ଡିମେଣ୍ଟ ଛାଡ଼ିବା ପରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହା ବିଜୟଙ୍କ ପ୍ରବେଶ ସହ ପୂରଣ ହେବ। ବିଜୟଙ୍କ ଉପସ୍ଥିତି ମଧ୍ୟ ମେଣ୍ଟକୁ ସୁଦୃଢ଼ କରିବ। ଉଭୟ ରାହୁଲ ଗାନ୍ଧୀ ଏବଂ ବିଜୟ ମିଶି ପରବର୍ତ୍ତୀ ଲୋକସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବେ।

## ତାମିଲନାଡୁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଖାରଜ ଆଦେଶ ସୁପ୍ରିମକୋର୍ଟରେ କାଏମ

**ନୂଆଦିଲ୍ଲୀ:** ରମଜାନ ମାସରେ ଅନୁଷ୍ଠିତ ମୁସଲିମ ଉତ୍ସବକୁ ଅନୁମତି ଦେଇ ତିରୁପରନକୁନ୍ଦ୍ରମ ପାହାଡରେ ହିନ୍ଦୁ ଭକ୍ତମାନଙ୍କୁ ଦୀପ ଜାଳିବାରେ ବାଧା ଦେଇଥିବା ଅଭିଯୋଗରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମାଡ୍ରାସ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ସମ୍ପୃକ୍ତ ଆବେଦନକାରୀ ସୁପ୍ରିମ୍କୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ସୁପ୍ରିମ୍କୋର୍ଟ ମନା କରିଦେଇଛନ୍ତି।ଜଷ୍ଟିସ୍ ପିଏସ୍ ନରସିଂହ, ଜଷ୍ଟିସ୍ ଅରବିନ୍ଦ କୁମାର ଓ ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ହାଇକୋର୍ଟଙ୍କ ମଦୁରାଇ ଖଣ୍ଡପୀଠର ରାୟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ଜୁନ୍ ୨ ତାରିଖରେ କୋର୍ଟ ତାଙ୍କ ଆଦେଶରେ କହିଛନ୍ତି, ଯଦିଓ ଆମେ ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ଇଚ୍ଛୁକ ନୁହଁ, ତଥାପି ଆମେ ମତ ଦେଉଛୁ ଯେ ୫୦,୦୦୦ ଟଙ୍କା ମୂଲ୍ୟର ପରିମାଣ ଲାଗୁ କରିବା ଅତ୍ୟଧିକ ଅଟେ ଏବଂ ଏହାକୁ ୫,୦୦୦ ଟଙ୍କାକୁ ହ୍ରାସ କରାଯାଇପାରେ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟଙ୍କ ରାୟର ଅନ୍ୟ ସମସ୍ତ ଅଂଶ ଅପରିବର୍ତ୍ତିତ ରହିବ ଏବଂ ସେହି ଅନୁଯାୟୀ ସ୍ୱତନ୍ତ୍ର ଲିଭ୍ ପିଟିସନକୁ ଖାରଜ କରିଦିଆଯାଇଛି। ଏହା ପୂର୍ବରୁ ଏପ୍ରିଲ ୯ ତାରିଖରେ ମାଡ୍ରାସ ହାଇକୋର୍ଟ ହିନ୍ଦୁ ଧର୍ମ ପରିଷଦ, ମଦୁରାଇର ପରିଚାଳନା ଟ୍ରଷ୍ଟି କେକେ ରମେଶଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରିଦେଇଥିଲେ।



ରାଜ୍ୟସଭା ନିର୍ବାଚନ

## ମ୍ୟାଜିକ୍ ସଂଖ୍ୟାଠାରୁ ଏନଡିଏ ୧୫ ଆସନ ଦୂରରେ

**ନୂଆଦିଲ୍ଲୀ:** ରାଜ୍ୟସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଭାରତୀୟ ଜନତା ପାର୍ଟି (ବିଜେପି) ୫ଟି ରାଜ୍ୟ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସମ୍ବିଧାନ ସଂଶୋଧନ ବିଲ୍ ମାମଲାରେ ମାତ୍ ଖାଇଥିବା ଏନ୍ଡିଏ ପାଇଁ ଆଗାମୀ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଦେଶର ୧୦ଟି ରାଜ୍ୟର ୨୪ଟି ଆସନରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ, ଜୁନ୍ ୧୮ରେ ମତଦାନ ହେବ ଏବଂ ସେହି ଦିନ ଫଳାଫଳ ଘୋଷଣା ହେବାର ସମ୍ଭାବନା ରହିଛି। ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟସଭାରେ ଏନ୍ଡିଏର ମୋଟ ୧୪୮ ଜଣ ସାଂସଦ ଅଛନ୍ତି। ଏଥିମଧ୍ୟରୁ ସବୁଠାରୁ ବଡ଼ ଦଳ ବିଜେପିର ୧୧୩ ଜଣ ସାଂସଦ ଅଛନ୍ତି। ବର୍ତ୍ତମାନ ଏହି ମେଣ୍ଟକୁ ଦୁଇତୃତୀୟାଂଶର କୁହୁକ ସଂଖ୍ୟାକୁ ଛୁଇଁବା ପାଇଁ ଆଉ ୧୫ ଜଣ ସାଂସଦ ଆବଶ୍ୟକ। ବିଶେଷ କଥା ହେଉଛି ଯେକୌଣସି ସାମ୍ବିଧାନିକ ସଂଶୋଧନ ବିଲ୍ ପାରିତ ହେବା ପାଇଁ ସରକାରଙ୍କୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ତେବେ କୁହାଯାଉଛି ଯେ, ଏହି ନିର୍ବାଚନରେ ଏନ୍ଡିଏ ଏହି ସଂଖ୍ୟାରେ ପହଞ୍ଚିବା ନିଶ୍ଚିତ ନୁହେଁ, କିନ୍ତୁ ଅନେକ ରାଜ୍ୟରେ ବିଜେପି ଆଗୁଆ ରହିପାରେ।ଆନ୍ଧ୍ର ପ୍ରଦେଶ ଓ ଗୁଜରାଟର ୪ଟି ଲେଖାଏଁ ଆସନରେ ନିର୍ବାଚନ ହେବ। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୩ଟି ଲେଖାଏଁ ଆସନରେ ନିର୍ବାଚନ ଅନୁଷ୍ଠିତ ହେଉଛି।

## ୬ଟି ଅନ୍ତର୍ଜାତୀୟ ସ୍ଥଳକୁ ଇଣ୍ଡିଗୋ ବିମାନ ବାତିଲ

**ନୂଆଦିଲ୍ଲୀ:** ପରିଚାଳନା ଖର୍ଚ୍ଚ ବୃଦ୍ଧିକୁ ଦୃଷ୍ଟିରେ ରଖି ଇଣ୍ଡିଗୋ ପକ୍ଷରୁ ୬ଟି ଅନ୍ତର୍ଜାତୀୟ ସ୍ଥଳକୁ ବିମାନଉଡ଼ାଣ ବାତିଲ କରାଯାଇଛି। ପୂର୍ବରୁ କମ୍ପାନି ଏହାର ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ଉଡ଼ାଣର କିଛି ଅଂଶ ବାତିଲ କରିସାରିଛି। କମ୍ପାନି ହଂକଂ, ସାଂଘାଇ, ହୋ ଚି ମିନ୍ ସିଟି, ଲଙ୍ଗକାୱି, କ୍ରାବି ଓ ସିଏମ୍ ରିପ୍କୁ ଉଡ଼ାଣ ବାତିଲ କରିଛି। ଆସନ୍ତା ଜୁଲାଇ ୧ ପରଠାରୁ ଏହି ସହରଗୁଡ଼ିକୁ କମ୍ପାନିର ଉଡ଼ାଣ ବନ୍ଦ ରହିବ। ଏହି ସବୁ ରୁଟ୍ ପାଇଁ ବୁକିଂ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ। ଯଦି ଚାହିଦାରେ ସୁଧାର ହେବ ତେବେ କମ୍ପାନି ଶୀଘ୍ର ଏହାର ଉଡ଼ାଣ ଆରମ୍ଭ କରିବା ବିଷୟରେ ବିଚାର କରିବ।ଏହି ନିଷ୍ପତ୍ତି ପଛର କାରଣ ସମ୍ପର୍କରେ କମ୍ପାନି କହିଛି ଚାହିଦା କମ୍ ରହିବା ଓ ପରିଚାଳନା ପରିବେଶ ଆହ୍ୱାନପୂର୍ଣ୍ଣ ଥିବାରୁ କମ୍ପାନି ଉଡ଼ାଣ ବାତିଲ କରିଛି। ଏହି ସମୟରେ ସାଧାରଣତଃ କେତେକ ଅନ୍ତର୍ଜାତୀୟ ରୁଟ୍ରେ ଚାହିଦା କମ୍ ରହିଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଅଶୋଧିତ ତେଲ ଦର ମହଙ୍ଗା ହେବା ଏବଂ ବିଭିନ୍ନ ଦେଶରେ ଆକାଶ ମାର୍ଗ କଟକଣା ଭାରତୀୟ ଏୟାରଲାଇନ୍ସଗୁଡ଼ିକର ପରିଚାଳନା ଖର୍ଚ୍ଚକୁ ବହୁତ ବଢ଼ାଇ ଦେଇଛି। ତାହାକୁ ନଜରରେ ରଖି କମ୍ପାନି ଏହାର ଉଡ଼ାଣରେ ପରିବର୍ତ୍ତନ କରୁଛି।




ବିଶ୍ୱ ଅର୍ଥନୀତି ପ୍ରତି ଅବଦାନ

# ଚୀନକୁ ପଛରେ ପକାଇବ ଭାରତ

**ନୂଆଦିଲ୍ଲୀ:** ବିଶ୍ୱ ଅର୍ଥନୀତି ପ୍ରତି ଅବଦାନରେ ଚୀନ୍କୁ ଭାରତ ପଛରେ ପକାଇ ଦେବ। ୱାର୍ଲଡ ଇନ୍ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟରେ ଦାବି କରାଯାଇଛି ଯେ ୨୦୬୦ ସୁଦ୍ଧା ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ବୃଦ୍ଧି ପାଇ ଚୀନଠାରୁ ଅଧିକ ହୋଇଯିବ। କ୍ରୟ ଶକ୍ତି ସମାନତା (ପିପିପି) ଆଧାରରେ ବର୍ତ୍ତମାନ ବିଶ୍ୱ ଅର୍ଥନୀତି ପ୍ରତି ଚୀନର ଅବଦାନ ୨୦ ପ୍ରତିଶତ ରହିଛି। କିନ୍ତୁ ବିଶ୍ୱ ଜନସଂଖ୍ୟାରେ ଚୀନର ଥିବା ଭାଗ ଦ୍ରୁତ ଗତିରେ ହ୍ରାସ ପାଇବ। ୧୯୪୫ରେ ସେହି ଅବଦାନ ୨୩ ପ୍ରତିଶତ ଥିଲା ଯାହା ୨୦୨୫ ସୁଦ୍ଧା ୧୭ ପ୍ରତିଶତକୁ ଖସିଆସିଛି। ୨୧୦୦ ବେଳକୁ ତାହା ୮ ପ୍ରତିଶତରୁ ବି କମ୍ ହୋଇଯିବ। ତାହାର ପ୍ରଭାବରେ ବିଶ୍ୱ ଅର୍ଥନୀତି ପ୍ରତି ଚୀନ ଜିଡିପିର ଅବଦାନ ସ୍ଥିର ହୋଇଯିବ ଓ ପରେ ହ୍ରାସ ପାଇବ। ୨୦୬୦ ବେଳକୁ ଚୀନକୁ ଭାରତ ଅତିକ୍ରମ କରିଯିବ। ୧୯୦୦-୧୯୧୦ ପର୍ଯ୍ୟନ୍ତ ବିଶ୍ୱ ଜିଡିପିର ୪୦-୪୫ ପ୍ରତିଶତ ଭାଗ ୟୁରୋପ ପାଖରେ ଥିଲା। ୧୯୫୦ ବେଳକୁ ଆମେରିକାର ଭାଗ ମଧ୍ୟ ୩୫-୪୦ ପ୍ରତିଶତ ରହିଥିଲା। ଚୀନ କିନ୍ତୁ ସେହିଭଳି ଉପଲବ୍ଧି ହାସଲ କରିପାରିବ ନାହିଁ। ବିଶ୍ୱ ଅର୍ଥନୈତିକ ଆଉଟ୍ଲୁକ୍ ଅନୁସାରେ ୨୦୨୬ରେ ଭାରତର ଜିଡିପି ୪.୧୫ ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇବ। ସେହି ସମୟରେ ଆମେରିକାର ଜିଡିପି ୩୨.୮୮ ଲକ୍ଷ କୋଟି ଡଲାର, ଚୀନର ୨୦.୮୫ ଲକ୍ଷ କୋଟି ଡଲାର, ବ୍ରିଟେନର ୪.୨୭ ଲକ୍ଷ କୋଟି ଡଲାର ଓ ଜାପାନର ଜିଡିପି ୫୨୪.୩୮ ଲକ୍ଷ କୋଟି ଡଲାରରେ ପହଞ୍ଚିବ। କେବଳ ଜାପାନର ଜିଡିପି ପୂର୍ବାପେକ୍ଷା ହ୍ରାସ ପାଇବ ବୋଲି ରିପୋର୍ଟରେ ଆକଳନ କରାଯାଇଛି।



### ରାଜ୍ୟ ସିନିୟର ଆଥଲେଟିକ୍ସ ମିଟ୍

# ଅାଁଶିକାଙ୍କୁ ସ୍ୱର୍ଣ୍ଣ, ପ୍ରଥମ ଦିନ ୫ ମିଟ୍ ରେକର୍ଡ



ଭୁବନେଶ୍ୱର,୫।୬(ସବ୍ୟୁ): ୭୨ତମ ଓଡ଼ିଶା ରାଜ୍ୟ ସିନିୟର ଆଥଲେଟିକ୍ ମିଟ୍ ୨୦୨୬ କଟକର ରିଭର୍ଜ ପୋଲିସ୍ ସିନ୍ଥେଟିକ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିନ କମାଲ କରିଛନ୍ତି ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଅାଁଶିକା। ସେ ୨୩ ବର୍ଷରୁ କମ୍ ମହିଳା ସଟପୁଟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କିଟ୍‌ର ଛାତ୍ରୀ ଅାଁଶିକାଙ୍କୁ ଏହି ପଦକ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ବର୍ଗରେ କେନ୍ଦୁଝରର ପାୟଲ ସାହୁ ରୌପ୍ୟ ଏବଂ ବଲାଙ୍ଗୀରର ଶ୍ରଦ୍ଧାଞ୍ଜଳୀ ମିଶ୍ର ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି।

୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୬୦୦ରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ବିଭିନ୍ନ ବୟସ ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା କ୍ରୀଡା ସଂଘ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓଡ଼ିଶା ପୋଲିସ, ରାଉରକେଲା ଷ୍ଟିଲପ୍ଲାଣ୍ଟ, ପୂର୍ବତଟ ରେଲବାଇ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେଇଛନ୍ତି। ଦୁଇଟି ପର୍ଯ୍ୟାୟରେ ପ୍ରତିଯୋଗିତା ହେଉଛି ପ୍ରଥମେ ସକାଳ ୫.୩୦ ରୁ ୯.୩୦ ପର୍ଯ୍ୟନ୍ତ ପ୍ରଥମ ଅଧିବେଶନ ଏବଂ ୩.୩୦ରୁ ୬.୩୦ ଦ୍ୱିତୀୟ ଅଧିବେଶନ ଆୟୋଜିତ ହେଉଛି। ୭ ତାରିଖ ଉଦ୍‌ଯାପନୀ ଉତ୍ସବ ଅପରାହ୍ଣ ୪.୩୦ରେ ହେବ।

୨୦ ବର୍ଷରୁ କମ୍ ବାଳକ ବର୍ଗର ୮୦୦ ମିଟର ଦୌଡ଼ରେ ରଞ୍ଜିତ କିଷାନ ସ୍ୱର୍ଣ୍ଣ, ୫୦୦୦ ମିଟରରେ ପବନ କୁମାର ଯାଦବ ସ୍ୱର୍ଣ୍ଣ, ହାଇଜମ୍ପରେ ସାଗର ଏକ୍କା ସ୍ୱର୍ଣ୍ଣ, ସଟପୁଟରେ ଓମକାର ପ୍ରସାଦ ନନ୍ଦ ସ୍ୱର୍ଣ୍ଣ, ଜାଭେଲିନରେ ଶୁଭମ ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ୨୩ ବର୍ଷରୁ କମ ବାଳକ ବର୍ଗର ୮୦୦ ମିଟର ଦୌଡ଼ରେ କିଟର ଶାଶ୍ୱତ କୁମାର ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୫୦୦୦ ମିଟରରେ ରମେଶ ମାଳି ସ୍ୱର୍ଣ୍ଣ, ହାଇଜମ୍ପରେ ତନ୍ମୟ ମିଶ୍ର ସ୍ୱର୍ଣ୍ଣ, ସଟପୁଟରେ ଅଭିଶେକ ସେଟ୍ଟୀ ସ୍ୱର୍ଣ୍ଣ, ଜାଭେଲିନରେ ରତ୍ନାକର ପାଲଟାସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୨୦ ବର୍ଷରୁ କମ୍ ବାଳିକା ବର୍ଗର ୮୦୦ ମିଟର ଦୌଡ଼ରେ ପୂର୍ଣ୍ଣିମା ସାଣ୍ଡିଲ ସ୍ୱର୍ଣ୍ଣ ଜିତି ଜାତୀୟ ମିଟ ରେକର୍ଡ କରିଛନ୍ତି। ୫୦୦୦ ମିଟର ଦୌଡ଼ରେ ମୁକ୍ତି ବାର୍ଜୋ ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ ସଞ୍ଜୁ ହନ୍ତାଳ ସ୍ୱର୍ଣ୍ଣ, ସଟପୁଟରେ ଅଙ୍କିତା ମହାପାତ୍ର ସ୍ୱର୍ଣ୍ଣ, ଜାଭେଲିନ ଥ୍ରୋରେ ପ୍ରିୟା ମାଝି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୩ ବର୍ଷରୁ କମ ବାଳିକା ୪୦୦ ମିଟର ଦୌଡ଼ରେ ରାଜେଶ୍ୱରୀ ସିଂ ସ୍ୱର୍ଣ୍ଣ, ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଶାନ ସ୍ୱର୍ଣ୍ଣ, ୫୦୦୦ ମିଟରରେ କିରଣ ମହାତୋ ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ ସିମାପବି ସ୍ୱର୍ଣ୍ଣ, ସଟପୁଟରେ ଅାଁଶିକା ରାଉତରାୟ ସ୍ୱର୍ଣ୍ଣ, ଜାଭେଲିନରେ କିଟର ଅର୍ପିତା ଅର୍ଚ୍ଚନା ସାହୁ ଜାତୀୟ ମିଟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଛନ୍ତି। ପୁରୁଷ ୮୦୦ ମିଟରରେ ଅଶୋକ ଦଣ୍ଡସେନା ସ୍ୱର୍ଣ୍ଣ, ୫୦୦୦ ମିଟରରେ ରଶ୍ମୀ ରଞ୍ଜନ ନାୟକ ସ୍ୱର୍ଣ୍ଣ, ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ସ୍ୱର୍ଣ୍ଣ, ସଟପୁଟରେ ଚିରଞ୍ଜୀବ ସିଂ ସ୍ୱର୍ଣ୍ଣ, ଜାଭେଲିନରେ ବିକ୍ରାନ୍ତ ମଲ୍ଲିକ ସ୍ୱର୍ଣ୍ଣ, ମହିଳା ୪୦୦ ମିଟରରେ ସୁକି ବାସ୍କେ ସ୍ୱର୍ଣ୍ଣ, ୮୦୦ ମିଟରରେ ଦୀପ୍ତିରାଣୀ ସାହୁ ସ୍ୱର୍ଣ୍ଣ, ୫୦୦୦ ମିଟରରେ ନମିତା ପ୍ରଧାନ ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ କଟକର ମନୀଷା ମିରେଲ ଜାତୀୟ ମିଟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ, ସଟପୁଟରେ କୀର୍ତ୍ତିରାଣୀ ସାହୁ ସ୍ୱର୍ଣ୍ଣ ଏବଂ ଜାଭେଲିନରେ ରଞ୍ଜିତା ଖେସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



### ▸▸ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

# ମନୋଜ କ୍ରିକେଟ ଏକାଡେମୀ ବିଜୟୀ



ଭୁବନେଶ୍ୱର,୫।୬(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୬ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ମନୋଜ କ୍ରିକେଟ ଏକାଡେମୀ ୧୦ ୱିକେଟରେ ପାରାମାଉଣ୍ଟ ରେଡ କ୍ଲବକୁ ପରାଜିତ କରିଛି। ଏହି ମ୍ୟାଚରେ ପାରାମାଉଣ୍ଟ ରେଡ ଦଳ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୦.୧ ଓଭରରେ ୮୭ ରନ୍ କରି ଅଲଆଉଟ୍ ହୋଇଥିଲା। ମନୋଜ କ୍ରିକେଟ ଏକାଡେମୀର ଦ୍ରୁତ ବୋଲର ସମରେଶ ସାହୁ ୫ ଓଭରରେ ୧୭ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ମନୋଜ କ୍ରିକେଟ ଏକାଡେମୀ ୮.୧ ଓଭରରେ ୮୮ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଦୁଇ ପ୍ରାରମ୍ଭିକ ଯୋଡି ପ୍ରୀତିଶ ମିଶ୍ର ୫୨ ଓ ପ୍ରିୟମ୍ ଆର୍ ରାଉତ ୨୨ ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ। ବିଜୟୀ ଦଳର ସମରେଶ ସାହୁଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପାରାମାଉଣ୍ଟ କ୍ଲବର କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ ପ୍ରଦାନ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ରଣଜୀ ଦଳର କୋଚ ତଥା ପାରାମାଉଣ୍ଟ କ୍ଲବର ପୂର୍ବତନ ଖେଳାଳି ପ୍ରଭଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ପୋରେଟର କେ ଶାନ୍ତି ସମ୍ମାନୀତ ଅତିଥି, ସ୍ୱର୍ଗତଃ ସିଦ୍ଧାନ୍ତ ପଟ୍ଟନାୟକଙ୍କ ବାପା ଦିଗନ୍ତ ପଟ୍ଟନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର, ପୂର୍ବତନ ବରିଷ୍ଠ ଖେଳାଳି ପ୍ରଦ୍ୟୁମ୍ନ ଜେନା, ଜ୍ଞାନ ରଞ୍ଜନ ପ୍ରଭୃତି ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଶନିବାର ପିପିଲିର ସନସାଇନ କ୍ଲବ ଏବଂ ଯଦୁପୁର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଖେଳାଯିବ।

# ସି ଏମ ଟ୍ରଫି ଫୁଟବଲ: କେନ୍ଦୁଝରର ଜୋନାଲ ଚାମ୍ପିଅନ




କେନ୍ଦୁଝର,୫।୬(ସବ୍ୟୁ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମ ପଡିଆ ଠାରେ ୧୪ ବର୍ଷରୁ କମ ବାଳିକା ବିଭାଗର ସି ଏମ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣର ଜୋନାଲ ଫାଇନାଲ ଖେଳରେ ଆଜି କେନ୍ଦୁଝର ଜିଲ୍ଲା ରାଉରକେଲା ବିପକ୍ଷରେ ୬-୦ ଗୋଲରେ ଏକ ସହଜସାଧ୍ୟ ବିଜୟ ହାସଲ କରି ଜୋନାଲ ଚମ୍ପିୟାନ ଟ୍ରଫି ହାତେଇଛି । ଏଥିସହ ଆସନ୍ତା ୮ ତାରିଖରେ ରାଉରକେଲା ଠାରେ ହେବାକୁଥିବା ଆନ୍ତଃ ଜୋନ ପ୍ରତିଯୋଗିତାରେ ସେମିଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳ ଆରମ୍ଭ ହେବାର ପ୍ରଥମ ମିନିଟରେ ରାଉରକେଲା ଦଳ ପଡିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ କେନ୍ଦୁଝରର ରାଇଟ ଉଇଙ୍ଗର ଆୟୁଷ୍ମା ମାଝୀ ଏକ ଦର୍ଶନୀୟ ଗୋଲ ଜରିଆରେ ଦଳକୁ ଅଗ୍ରଣୀ କରାଇ ଦଳର ମନୋବଳ ବଢ଼ାଇଥିଲେ । ପ୍ରଥମାର୍ଦ୍ଧ ଖେଳର ୧୪ ତମ ମିନିଟରେ କେନ୍ଦୁଝରର ୧୧ ନମ୍ବର ଖେଳାଳି ସଓ୍ୱପ୍ନା ଭୂୟାଁ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଏବଂ ୨୮ ତମ ମିନିଟରେ ୧୦ ନମ୍ବର ଖେଳାଳି ନିହାରିକା ମୁଣ୍ଡା ତୃତୀୟ ଗୋଲ ସ୍କୋର କରିଥିବା ବେଳେ ମଧ୍ୟାନ୍ତର ହୁଇସିଲ ବାଜିବାର ଠିକ ପୂର୍ବରୁ ନିହାରିକା ମୁଣ୍ଡା ଆଉ ଏକ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧ ଖେଳରେ ୪-୦ ଗୋଲରେ ଅଗ୍ରଣୀ ରହିବାପରେ ଦ୍ୱିତୀୟାର୍ଦ୍ଧର ଖେଳରେ କେନ୍ଦୁଝର ଦୃଢ ଆତ୍ମବିଶ୍ୱାସର ପରସ୍ପର ମଧ୍ୟରେ ବୁଝାମଣା ରକ୍ଷା କରି ପ୍ରତିପକ୍ଷ ଦଳ ଉପରେ ଆକ୍ରମଣ ରଚନା କରିଥିଲା ।

# ଜୁନରେ ସଚିନଙ୍କ ରେକର୍ଡ ଭାଙ୍ଗିବେ ବୈଭବ !




ନୂଆଦିଲ୍ଲୀ,୫।୬(ଏଜେନ୍ସି): ଭାରତୀୟ ଦଳର ଉଦୀୟମାନ ତାରକା ବୈଭବ ସୂର୍ଯ୍ୟବଂଶୀ ଆଇପିଏଲରେ ସର୍ବାଧିକ ରନ କରି ଅରେଞ୍ଜ କ୍ୟାପ ଜିତିଥିଲେ। ଅନେକ ରେକର୍ଡ ମଧ୍ୟ ସେ ଭାଙ୍ଗିଛନ୍ତି। ଆଗାମୀ ଦିନରେ ଅନ୍ତର୍ଜାତୀୟସ୍ତରରେ ମହାନ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବେ ବୋଲି କୁହାଯାଉଛି। ଭାରତୀୟ ଦଳର ପୂର୍ବତନ କ୍ରିକେଟର ତେନ୍ଦୁଲକର ୧୬ ବର୍ଷରେ ଅନ୍ତର୍ଜାତୀୟ ମୁକାବିଲାରେ ଡେବ୍ୟୁ କରିଥିଲେ। ସେ ୧୯୮୯ରେ ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳିଥିଲେ। ଏବେ ତାଙ୍କ ଠାରୁ କମ ବୟସରେ ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ ଡେବ୍ୟୁ କରିବେ ବୋଲି ଅନୁମାନ କରାଯାଉଛି। ୨୦୨୬ ଆଇପିଏଲରେ ସୂର୍ଯ୍ୟବଂଶୀ ୭୭୬ ରନ୍ ସଂଗ୍ରହ କରିଥିଲେ। ସେ ଭାରତ ଏ' ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କା ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଏକ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଖେଳାଯିବ। ଏଥିରେ ବୈଭବ ଚମକ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଏହାପରେ ଭାରତୀୟ ସିନିୟର ଦଳ ଜୁନ ୨୬ରୁ ୨୮ ମଧ୍ୟରେ ଆୟର୍ଲାଣ୍ଡ ବିପକ୍ଷରେ ଟି-୨୦ ଶୃଙ୍ଖଳା ଖେଳିବ। ଏହି ଶୃଙ୍ଖଳାରେ ବୈଭବଙ୍କୁ ସୁଯୋଗ ମିଳିପାରେ।

୧୯୮୩ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ମଦନଲାଲ କହିଛନ୍ତି ବୈଭବଙ୍କ ପାଖରେ ପ୍ରତିଭା ଅଛି। ଯାହା ତେନ୍ଦୁଲକର ଏବଂ ବିରାଟ କୋହଲିଙ୍କ ପାଖରେ ଦେଖିବାକୁ ମିଳେ। ୧୫ ବର୍ଷୀୟ ବୈଭବଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିବା ଦରକାର। କିନ୍ତୁ ସଚିନଙ୍କ ସମକକ୍ଷ ହେବାକୁ ବୈଭବଙ୍କୁ ନିଜର ଶ୍ରେଷ୍ଠତ୍ୱ ଦେଖାଇବାକୁ ହେବ। ଏପରି ଖେଳାଳି ସପ୍ତାର୍ଦ୍ଧୀୟ ଥରେ ନଜର ଆସନ୍ତି। କିନ୍ତୁ ମହାନ ଖେଳାଳି ହେବାକୁ ହେଲେ ଟେଷ୍ଟ ଖେଳିବା ଗୁରୁତ୍ୱପୂର୍ଣ୍ଣ। ଆୟର୍ଲାଣ୍ଡ କିମ୍ବା ଶ୍ରୀଲଙ୍କା ବିପକ୍ଷରେ ସୁଯୋଗ ପାଇଲେ ବୈଭବ ଭଲ ଖେଳିବେ। ଏବେ ସେ କମ ବୟସର ଶନିବାର ଭାରତୀୟ ଚୟନ କମିଟି ବୈଠକ ବସିବ। ଏଠାରେ ତାଙ୍କ ନାମ ଘୋଷଣା କରାଯିବା ନେଇ ଚର୍ଚ୍ଚା ହେଉଛି।

# ଅନନ୍ୟ ବିଦୂଷୀ



ଭୁବନେଶ୍ୱର,୫।୬(ସବ୍ୟୁ): ୧୦ ବର୍ଷର କୁନି ଝିଅ ବିଦୂଷୀ। ମା'ଙ୍କ ସହ ରହେ ପୁରୁଣା ଭୁବନେଶ୍ୱରରେ। ଘର ନିକଟରେ ସ୍କେଟିଂ କରୁଥିବା ପିଲାମାନଙ୍କୁ ଦେଖି ସେ ଖେଳ ପ୍ରତି ଆକୃଷ୍ଟ ହୋଇଥିଲା। କିନ୍ତୁ ଭାଗ୍ୟର ବିଡମ୍ବନା। ସେ ଖେଳ ଖେଳିବା ପାଇଁ ତାର ଖେଳ ସାମଗ୍ରୀ ର ମୂଲ୍ୟ ତା ହାତ ପାଆନ୍ତାରୁ ବହୁ ଦୂରରେ। ତଥାପି ଟେଲରିଂ କରି ପରିବାର ପ୍ରତିପୋଷଣ କରୁଥିବା ବିଦୂଷୀର ମା ଅନ୍ୟ ମାନଙ୍କ ସହାୟତା ନେଇ ତାର ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଲାଗି ପଡିଛନ୍ତି। ଏକଲବ୍ୟ ପରି ବିଦୂଷୀ ତା ଲକ୍ଷ୍ୟ ପଥରେ ଆଗେଇ ପ୍ରାରମ୍ଭିକ ସଫଳତା ସାଉଁଟିଛନ୍ତି। ଆହୁରି ଆଗକୁ ବଢିବାର ସ୍ୱପ୍ନ ତାଙ୍କୁ ବ୍ୟାକୁଳ କରୁଛି। ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖାର ନଜର କୁନି ଝିଅ ବିଦୂଷୀଙ୍କ ଉପରେ ପଡିଛି। ସେ ଜାତୀୟସ୍ତରର ରୋଲର ସ୍କେଟିଂ ଖେଳରେ ସଫଳତା ହାସଲ କରିଛନ୍ତି। ନିକଟରେ ଇଣ୍ଡୋନେସିଆ ର ରାଜଧାନୀ ଜାକର୍ତ୍ତା ଠାରେ ଅନ୍ତର୍ଜାତୀୟ ସ୍ତରର ରୋଲର ସ୍କେଟ୍ ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ। ଏଥିପାଇଁ ମାଙ୍କ ସହ କୁନି ଝିଅ ବିଦୂଷୀ ପାଇଁ ଭାରତ ବିକାଶ ପରିଷଦ ଜାକାର୍ତ୍ତା ଗସ୍ତର ବ୍ୟବସ୍ଥା କରିଥିଲେ। ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖର ପୁର ଶାଖାର ସଦସ୍ୟ ସଦସ୍ୟା ମାନଙ୍କର ଅକୁଣ୍ଠ ସହଯୋଗ ଓ ଅନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ସେ ଜାକର୍ତ୍ତା ଯାଇ ସଫଳତା ହାସଲ କରିଛନ୍ତି। ଇଛା ଥିଲେ ଉପାୟ ବଳେ ବଳେ ଆସେ ଏବଂ ଚେଷ୍ଟା ହିଁ ଭାଗ୍ୟର ଚାବିକାଠି। ଚେଷ୍ଟା , ଭାଗ୍ୟ ଏବଂ ଈଶ୍ୱର ଆଶୀର୍ବାଦ ତାଙ୍କୁ ସଫଳତା ଆଣି ଦେଇ ସବୁ ସ୍ୱପ୍ନକୁ ସାକାର କରିଛି। ଜାକର୍ତ୍ତାରେ ସେ ଗତ ମାସ ୨୯ ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ୧୪ ବର୍ଷ ଆୟୁ ବର୍ଗର ଅନ୍ତର୍ଜାତୀୟ ରୋଲର୍ ସ୍କେଟ୍ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରି "ସ୍ୱର୍ଣ୍ଣ ପଦକ" ହାସଲ କରି ଦେଶ ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି। ବିଦୂଷୀଙ୍କୁ ଏହି ଅନ୍ତର୍ଜାତୀୟ ସଫଳତା ପାଇଁ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ଅନେକ ଅନେକ ଶୁଭ କାମନା ଜଣାଯାଇଛି।

### ୧୮ ବର୍ଷରୁ କମ୍ ଏସିଆ କପ

# ପାକିସ୍ତାନକୁ ପରାଜିତ କରି ଫାଇନାଲରେ ଭାରତ

ନୂଆଦିଲ୍ଲୀ,୫।୬(ଏଜେନ୍ସି): ୧୮ ବର୍ଷରୁ କମ୍ ଏସିଆ କପ ହକିରେ ଭାରତର ରୋମାଞ୍ଚ ଜାରି ରହିଛି। ହାଇଭୋଲ୍ଟେଜ ସେମିଫାଇନାଲରେ ୧୮ ବର୍ଷରୁ କମ୍ ଭାରତୀୟ ପୁରୁଷ ହକି ଦଳ ରୋମାଞ୍ଚକର ପ୍ରଦର୍ଶନ କରି ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରିଛି। ତୃତୀୟ କ୍ୱାର୍ଟର ଶେଷ ପର୍ଯ୍ୟନ୍ତ ୨-୩ରେ ପଛୁଆ ଥିଲା ଭାରତ। ମାତ୍ର ଅନ୍ତିମ କ୍ୱାର୍ଟରରେ ଭାରତ ଜମାଣିଆ ପ୍ରଦର୍ଶନ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। ଏହି ଲଢ଼େଇରେ ଭାରତର ଆଶିଷ ତାନି ୧୨, ୪୯, ୫୩, ୫୬ ମିନିଟରେ ୪ଟି ଗୋଲସ୍କୋର କରିଥିଲେ। ଆଶିଷଙ୍କ ବ୍ୟତୀତ ଶାହାରୁଖ ଅଲ୍ଲୀ ୩୫ତମ ମିନିଟରେ ଭାରତ ପାଇଁ ଗୋଲ କରିଥିଲେ। ମ୍ୟାଚର ୪୯ ତମ ମିନିଟରେ ଆଶିଷ ଗୋଲ କରିବାରୁ ମ୍ୟାଚର ସ୍ଥିତି ୩-୩ରେ ବରାବର ହୋଇଥିଲା। ଏହାପରେ ୩୫ତମ ମିନିଟରେ ଆଉ ଏକ ଚମତ୍କାର ପେନାଲ୍ଟି କର୍ଣ୍ଣର ସ୍କୋର କରି ଆଶିଷ ହ୍ୟାଟ୍ରିକ ପୂରଣ କରିଥିଲେ। ଫଳରେ ଭାରତ ୪-୩ରେ ଆଗୁଆ ହୋଇଥିଲା। ପୁଣି ୫୬ତମ ମିନିଟରେ ଆଶିଷ ବ୍ୟକ୍ତିଗତ ଚତୁର୍ଥ ଗୋଲ କରିବାରୁ ଭାରତ ୫-୩ ଗୋଲରେ ବିଜୟଲାଭ କରି ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଅପରାହ୍ଣ ୩.୩୦ରେ ୧୮ ବର୍ଷରୁ କମ ପୁରୁଷ ଏସିଆ କପର ଫାଇନାଲ ମ୍ୟାଚ ଭାରତ ଓ ଜାପାନ ମଧ୍ୟରେ ଖେଳାଯିବ। ପୁଲ ଏ'ରେ ସ୍ଥାନ ପାଇଥିବା ଭାରତ ବୁଧବାର ଚାଇନିଜତାଇପେଇକୁ ୧୩-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ମହିଳା ବର୍ଗରେ ଭାରତୀୟ ଦଳ ସୁଟ ଆଉଟରେ ଚୀନ ନିକଟରୁ ପରାସ୍ତ ହୋଇଛି। ଶନିବାର ଭାରତୀୟ ମହିଳା ଦଳ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୫୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୫୪ରେ ଯୋଗାଯୋଗ କରନ୍ତୁ।

# ସାବାଲେଙ୍କାଙ୍କ ଫ୍ରେଞ୍ଚ ଓପନ ଜିତିବା ସ୍ୱପ୍ନ ଭାଙ୍ଗିଲା



ପ୍ୟାରିସ,୫।୬(ଏଜେନ୍ସି): ବିଶ୍ୱର ନଂ.୧ ମହିଳା ଟେନିସ୍ ଖେଳାଳି ଆର୍ଯ୍ୟାନା ସାବାଲେଙ୍କାଙ୍କ ଫ୍ରେଞ୍ଚ ଓପନ ଟାଇଟଲ ଜିତିବା ସ୍ୱପ୍ନ ଭାଙ୍ଗି ଯାଇଛି। ଅଗ୍ରଣୀ ହାସଲ କରିବା ପରେ ମଧ୍ୟ କ୍ୱାର୍ଟରଫାଇନାଲରେ ସେ ଆଶ୍ଚର୍ଯ୍ୟଜନକ ଭାବେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଡାଏନା ସ୍ନାଏଡରଙ୍କ ବିରୋଧରେ ସାବାଲେଙ୍କା ପ୍ରଥମ ସେଟ ଜିତିବା ସହ ଦ୍ୱିତୀୟ ସେଟରେ ୪-୧ରେ ଆଗୁଆ ରହି ମଧ୍ୟ ପରାଜିତ ହୋଇଥିଲେ। ବେଲାରୁଷର ଏହି ଖେଳାଳି ନିଜର ଲୟ ହରାଇଥିଲେ ଏବଂ ସ୍ନାଏଡର ଏକ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୩-୬, ୭-୫, ୬-୦ ସେଟରେ ବିଜୟୀ ହୋଇ ପ୍ରଥମ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ପରାଜୟ ପରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥିଲେ ସାବାଲେଙ୍କା। ବଡ଼ ମଞ୍ଚରେ ଆଉ ଏକ ବିପର୍ଯ୍ୟୟ ପରେ ସେ ନିଜର ମାଇଣ୍ଡସେଟ ଉପରେ ପ୍ରଶ୍ନ ଉଠାଇଥିଲେ। ସାବାଲେଙ୍କା କହିଛନ୍ତି ଏହି ମୁହୂର୍ତ୍ତରେ ମୁଁ କେବଳ ଟେନିସ୍ ଛାଡିବାକୁ ଚାହୁଁଛି। କିଛି ଦିନ ପରେ ଦେଖିବା କଣ ହେଉଛି। ଆଶା କରୁଛି ମୁଁ ମାନସିକସ୍ତରରେ ପୁଣି ଥରେ ଟ୍ରାକକୁ ଫେରିବି।

ଗତବର୍ଷ ଫ୍ରେଞ୍ଚ ଓପନ ଫାଇନାଲରେ କୋକୋ ଗଫଙ୍କ ଠାରୁ ସାବାଲେଙ୍କା ପରାଜିତ ହୋଇଥିଲେ। ଏହି ମ୍ୟାଚରେ ହାରିବା ଗତବର୍ଷ ପରାଜୟର ଯନ୍ତ୍ରଣାକୁ ସତେଜ କରିଛି। ସ୍ନାଇଡରଙ୍କ ବିରୋଧରେ ଖେଳିବା ବେଳେ ସାବାଲେଙ୍କା ଏକାଧିକ ଭୁଲ କରି ହାତାସ ହୋଇପଡିଥିଲେ। ସେ ଶେଷ ୧୩ ଟି ଗେମ ମଧ୍ୟରୁ ୧୨ଟିରେ ପରାଜିତ ହୋଇଥିଲେ। ପରାଜୟ ପରେ ପ୍ରତିକ୍ରିୟା ଦେଇ ସେ ଆହୁରି କହିଛନ୍ତି ମୁଁ ଭାବୁଛି ଏହା ସବୁ କିଛିର ଏହା ସମିଶ୍ରଣ। ଅଧିକ ଚିନ୍ତା କଲେ ସହଜରେ ଭୁଲ ହୋଇଥାଏ। ଶେଷ ସୁଯୋଗ ମଧ୍ୟ ହାତଛଡା କରିବାକୁ ପଡିଥାଏ। ସ୍ନାଇଡର ଶିକାର କହିଛନ୍ତି ଯେ ସେ ମ୍ୟାଚ ସମୟରେ ପ୍ରତିପକ୍ଷଙ୍କ ଭାବପ୍ରବଣତାକୁ ଲକ୍ଷ୍ୟ କରିଥିଲେ। କିନ୍ତୁ ଖେଳ ଉପରେ ଧ୍ୟାନ କେନ୍ଦ୍ରୀତ କରିଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି